

ଟିପ୍ପଣୀ

୩୨

# ପର୍ଯ୍ୟଟନର ପ୍ରତ୍ୟାଶ ଏବଂ ସମସ୍ୟା

## PROSPECT AND PROBLEMS OF TOURISM

ଆପଣମାନେ ଜାଣନ୍ତି ଯେ, ଧନୀ ଦେଶର ପର୍ଯ୍ୟଟକମାନେ ନିଜର କାମ କରିବାବେଳେ ଖୁବ୍ ମନୋନିବେଶ ଦେଇ କାର୍ଯ୍ୟ କରିଥାଆନ୍ତି । ସେମାନଙ୍କର ଆୟ ମଧ୍ୟ ଅଧିକ ହୋଇଥାଏ । ଯେତେବେଳେ ସେମାନଙ୍କୁ ଛୁଟି ମିଳେ, ସେମାନଙ୍କ ନିକଟରେ ଖର୍ଚ୍ଚ କରିବାକୁ ପର୍ଯ୍ୟାପ୍ତ ପଇସା ଥାଏ । ସେମାନେ ଭ୍ରମଣ ପାଇଁ ମଧ୍ୟ ବ୍ୟୟ କରନ୍ତି । ବ୍ୟବସାୟ ସହିତ ଭ୍ରମଣ କରିଥାନ୍ତି ଯଦ୍ଦ୍ୱାରା ପର୍ଯ୍ୟଟନ ଶିଳ୍ପ ବିକାଶ ପଥରେ ଅଗ୍ରସର ହୋଇଥାଏ । ଆନ୍ତର୍ଜାତିକ ପର୍ଯ୍ୟଟକ ମାନଙ୍କ ଠାରୁ ଆମେ ବିଦେଶୀ ମୁଦ୍ରା ପାଇଥାଉଁ । ଏହା ବ୍ୟତୀତ ଦେଶ ଭିତରର ପର୍ଯ୍ୟଟକମାନେ ଭ୍ରମଣ ଏବଂ ରହିବା ପାଇଁ ଖର୍ଚ୍ଚ କରିଥାଆନ୍ତି । ଏହିପରି ଭାବରେ ଦେଶକୁ ଧନ ମିଳିଥାଏ । ଏହି ଅର୍ଥରୁ ପର୍ଯ୍ୟଟନର ଭିତ୍ତିଭୂମି ଉନ୍ନତି କଳ୍ପେ ବ୍ୟୟ କରାଯାଏ । ଏହାର ପରିମାଣ ସ୍ୱରୂପ ଆଗନ୍ତୁକ ପର୍ଯ୍ୟଟକ ମାନଙ୍କର ସଂଖ୍ୟା ବୃଦ୍ଧିପାଏ ଏବଂ ରୋଜଗାର ବଢ଼େ । ବିଦେଶୀ ମୁଦ୍ର ମଧ୍ୟ ପ୍ରାପ୍ତ ହୁଏ । ଏହିପରି ଭାବରେ ପର୍ଯ୍ୟଯନ ଲୋକମାନଙ୍କ ମଧ୍ୟରେ ସମ୍ପର୍କ ବଢ଼ାଏ । ଦେଶ ମଧ୍ୟରେ କ୍ଷେତ୍ରୀୟ ବିକାଶ ସମ୍ଭବ ହୁଏ । ବିକାଶଶୀଳ ପର୍ଯ୍ୟଟନ ପାରମ୍ପରିକ କାର୍ଯ୍ୟ କୁଶଳତା, ସ୍ଥାନୀୟ କଳା, ଶିଳ୍ପ କୌଶଳ ଲୋକନୃତ୍ୟ ଏବଂ ଲୋକକଳାକୁ ଉଜ୍ଜିବିତ କରି ରଖେ ।

ଦୃଷ୍ଟିଗୋଚର ହେଉଥିବା ଏବଂ ଅଗୋଚର ଥିବା ଉତ୍ପାଦଗୁଡ଼ିକର ଅଧିକ ବିକ୍ରି ଯୋଗୁ ଆଞ୍ଚଳିକ ଏବଂ ଜାତୀୟ ଅର୍ଥ ବ୍ୟବସ୍ଥାର ପୁନର୍ନିର୍ମାଣ ଦ୍ରୁତ ଗତିରେ ଏବଂ ଉଚ୍ଚ ସ୍ତରରେ ସମ୍ଭବ ହେଉଅଛି ।

ଏହି ପାଠରେ ଆମେ ପର୍ଯ୍ୟଟକମାନଙ୍କର ଗତିବିଧି ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବର୍ତ୍ତମାନର ସ୍ଥିତି ଓ ଭବିଷ୍ୟତ ପ୍ରତ୍ୟାଶା ସମ୍ବନ୍ଧରେ ବିସ୍ତୃତ ଭାବେ ଅଧ୍ୟୟନ କରିବା । ପର୍ଯ୍ୟଟନ କ୍ଷେତ୍ରରେ ଏପରି ଗତିବିଧି ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହନ ଦେବା ସଂଗେ ସଂଗେ ଲୋକମାନଙ୍କ ପାଇଁ ନୂଆ ନୂଆ ବ୍ୟବସାୟ ଏବଂ ନିଯୁକ୍ତିର ସୁଯୋଗ ସୃଷ୍ଟି କରୁଅଛି । ବହୁ ସଂଖ୍ୟାରେ ପର୍ଯ୍ୟଟକଗଣ କେବଳ କେତେକ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳକୁ ହିଁ ଆସୁଥିବାରୁ ସେହିସ୍ଥାନ ଗୁଡ଼ିକରେ ରହିବା ଓ ଅନ୍ୟାନ୍ୟ ସୁବିଧା ପର୍ଯ୍ୟାପ୍ତ ହେଉନାହିଁ । ତେଣୁକରି ବିଶାଳ ଏବଂ ଅନିୟୋଜିତ ପର୍ଯ୍ୟଟନ ବ୍ୟବସ୍ଥାର ସମସ୍ୟା ଗୁଡ଼ିକ ଉପରେ ବିଚାର ବିମର୍ଷ ଏବଂ ସେଗୁଡ଼ିକର ସମାଧାନ ନିମନ୍ତେ କ୍ଷେତ୍ରୀୟ ଏବଂ ଜାତୀୟ ସ୍ତରରେ ନିୟମର ଅଧ୍ୟୟନ କରିବା ।

### ଉଦ୍ଦେଶ୍ୟ

ଉକ୍ତ ଅଧ୍ୟାୟଟିକୁ ପଢ଼ିସାରିଲା ପରେ ତୁମେ :

- ଭାରତରେ ପର୍ଯ୍ୟଟନର ବର୍ତ୍ତମାନ ସ୍ଥିତି ଓ ପ୍ରଗତି ସମ୍ବନ୍ଧରେ ମୂଲ୍ୟାଙ୍କନ କରିବା ସଂଗେ ସଂଗେ ବିକାଶ ମୂଳକ କାର୍ଯ୍ୟକ୍ରମ ସୂତ୍ରପାତ କରିପାରିବ ।

ଟିପ୍ପଣୀ

- କ୍ଷେତ୍ରୀୟ ଉନ୍ନୟନ ପାଇଁ ସେବା ଶିଳ୍ପ ହିସାବରେ ପର୍ଯ୍ୟଟନ ଭୂମିକା ବ୍ୟାଖ୍ୟା କରିପାରିବେ ।
- ଅଦୃଶ୍ୟ ରପ୍ତାନୀର ବୃଦ୍ଧି, ସ୍ଥାନୀୟ ହସ୍ତଶିଳ୍ପର ବିକ୍ରୟ ଏବଂ ଲୋକ କଳା ମାଧ୍ୟମରେ ପର୍ଯ୍ୟଟନର ବିକାଶ, ରୋଜଗାର ଏବଂ ଆୟର ପନ୍ଥା ନିର୍ଦ୍ଧାରଣର ବିଶ୍ଳେଷଣ କରିପାରିବ ।
- ଆଗନ୍ତୁକ ପର୍ଯ୍ୟଟକମାନଙ୍କ ଦ୍ୱାରା ଭବିଷ୍ୟତରେ କିଭଳି ଆଶଙ୍କା ସୃଷ୍ଟି ହେବ (ନକାରାତ୍ମକ ପ୍ରଭାବ) ସେଗୁଡ଼ିକୁ ଚିହ୍ନଟ କରିପାରିବ ।
- ସୁସ୍ଥ ଲୋକ ଏବଂ କ୍ଷେତ୍ରୀୟ ବନ୍ଧୁ ଭାବାପନ୍ନ ପର୍ଯ୍ୟଟନର ବିକାଶ ନିମନ୍ତେ ରାଷ୍ଟ୍ରୀୟ ଏବଂ କ୍ଷେତ୍ରୀୟ ନୀତି ଗୁଡ଼ିକର ମୂଲ୍ୟାଙ୍କନ କରିପାରିବ ।

## ୩୨.୧ ଭାରତର ପର୍ଯ୍ୟଟନର ରୂପରେଖ :

ଭାରତରେ ପର୍ଯ୍ୟଟନ ବିକାଶର ବର୍ତ୍ତମାନ ସ୍ଥିତିକୁ ଅନ୍ୟଦେଶ ସହିତ ତୁଳନା କରିବା ଦ୍ୱାରା ଏଠାରେ ତା'ର ସମ୍ଭାବନା ସମ୍ବନ୍ଧରେ ହୃଦୟଙ୍ଗମ କରିବା ସୁବିଧାଜନକ ହୋଇଥାଏ । ଭାରତ ଦକ୍ଷିଣ ଏସିଆର ଏକ ଅଂଶ । ୧୯୭୦ ମସିହାଠାରୁ ଏ ପର୍ଯ୍ୟନ୍ତ ବିଶ୍ୱ ପର୍ଯ୍ୟଟନ କ୍ଷେତ୍ରରେ ଭାରତର ପ୍ରଦର୍ଶନ ଏତେ ଭଲ ନୁହେଁ । ଏପରିକି ଦକ୍ଷିଣ ଏସିଆରେ ମଧ୍ୟ ତା'ର ସ୍ଥାନ ସର୍ବଶ୍ରେଷ୍ଠ ନୁହେଁ ବୋଲି କୁହାଯାଇପାରେ ।

ଆମର ଭ୍ରମଣ ଏବଂ ପର୍ଯ୍ୟଟନ ଶିଳ୍ପକ୍ଷେତ୍ରରେ ପ୍ରଗତି ହେଉଅଛି । ୨୦୦୪ରେ ଆଗନ୍ତୁକ ପର୍ଯ୍ୟଟକମାନଙ୍କର ସଂଖ୍ୟା ୩୩.୬ ଲକ୍ଷରେ ପହଞ୍ଚିଥିଲା । ହଂକ ଏବଂ ସିଂଗାପୁର କ୍ଷେତ୍ରଫଳ ଦୃଷ୍ଟିରୁ ଭାରତ ଠାରୁ ବହୁତ ଛୋଟ କିନ୍ତୁ ସେମାନେ ପର୍ଯ୍ୟଟନ କ୍ଷେତ୍ରରେ ବହୁତ ଆଗରେ ଅଛନ୍ତି । ଆଜିର ଦୁନିଆରେ ପ୍ରତି ୧୦ ଜଣ ବ୍ୟକ୍ତିଙ୍କ ମଧ୍ୟରେ ଜଣେ ପର୍ଯ୍ୟଟକ । ଜଗତୀକରଣ ସଂଗେ ସଂଗେ ଯାତ୍ରୀମାନଙ୍କର ସଂଖ୍ୟା ବୃଦ୍ଧିପାଇ ଶତାବ୍ଦୀର ପ୍ରାରମ୍ଭରେ ପ୍ରାୟ ୮୦କୋଟି ପହଞ୍ଚିଗଲାଣି । ତଥାପି ପୃଥିବୀର ସମୁଦାୟ ଯାତ୍ରୀ ସଂଖ୍ୟାରେ ମାତ୍ର ୦.୫ ପ୍ରତିଶତରୁ ମଧ୍ୟ କମ୍ ଭାରତୀୟ ।

ଆମର ନିଜ ସ୍ତରରେ ୧୯୫୧ରେ ମାତ୍ର ୧୭,୦୦୦ ବିଦେଶୀ ପର୍ଯ୍ୟଟକରୁ ୨୦୦୪ମସିହାରେ ୩୩ ଲକ୍ଷରୁ ଅଧିକ ବିଦେଶୀ ପର୍ଯ୍ୟଟକ ସଂଖ୍ୟା ଏକ ବିଶାଳ ବୃଦ୍ଧି ଦର୍ଶାଉଛି । ପର୍ଯ୍ୟଟନ ଏକ ମୁଖ୍ୟ ଅର୍ଥନୈତିକ କାର୍ଯ୍ୟ । ଏଥିରୁ ଭାରତ ସମୁଦାୟ ଘରୋଇ ଉତ୍ପାଦ ମୂଲ୍ୟର ୫.୩% ମିଳିବାର ଆଶା କରାଯାଏ । ଭାରତକୁ ଆସୁଥିବା ପର୍ଯ୍ୟଟକ ମାନଙ୍କର ସଂଖ୍ୟା ଦୃଷ୍ଟିରୁ, ଭାରତ ବିଶ୍ୱରେ ପଞ୍ଚମ ସ୍ଥାନରେ ଅଛି ମାତ୍ର ପ୍ରଥମେ ଏହା ୩୫ତମ ଥିଲା । ଆମର ଭିତ୍ତିଭୂମିରେ ସଂପ୍ରସାରଣ ଫଳ ସ୍ୱରୂପ ୨୦୦୭ ମସିହା ପର୍ଯ୍ୟନ୍ତ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧିପାଇ ୪୫.୫ ଲକ୍ଷରୁ ଅଧିକ ହେବାର ଆଶା କରାଯାଏ । ଏହିପରି ଭାବରେ ଆମର ବାର୍ଷିକ ବୃଦ୍ଧି ହାର ୨୦୦୨-୦୪ର ୭.୮% ତୁଳନାରେ ୨୦୦୩-୨୦୦୭ ମଧ୍ୟରେ ୧୩.୭ ପ୍ରତିଶତ କଳନା କରାଯାଏ । ଏହା ସତ୍ତ୍ୱେ ମଧ୍ୟ ଯାତ୍ରା ଏବଂ ପର୍ଯ୍ୟଟନରୁ ମିଳୁଥିବା ଅର୍ଥ ଉପାର୍ଜନ କ୍ଷେତ୍ରରେ ଆମର ସ୍ଥାନ ଦକ୍ଷିଣ ଏସିଆ ଏବଂ ବିଶ୍ୱସ୍ତରରେ ନିମ୍ନରେ ଅଛି । ପୃଥିବୀରେ ୭.୮% ପ୍ରତିଶତ ଲୋକେ ଯାତ୍ରା ଏବଂ ପର୍ଯ୍ୟଟନରୁ ନିଜର ଜୀବିକା ଉପାର୍ଜନ କରୁଥିବା ବେଳେ ଭାରତରେ ଏହାର ହାର ମାତ୍ର ୨.୬ ପ୍ରତିଶତ ଅଟେ ।

ଭାରତ ତୁଳନାରେ ସିଙ୍ଗାପୁରର କ୍ଷେତ୍ରଫଳ (ମାତ୍ର ୧୦୦୦ବର୍ଗ କି.ମି.) ବହୁତ କମ୍ । ସିଙ୍ଗାପୁର ମଧ୍ୟ ଅଧିକ ମହଙ୍ଗା । ତେଣୁ ଏଠାରେ ପର୍ଯ୍ୟଟକ ଛ'ଦିନରୁ ଅଧିକା ରହନ୍ତି ନାହିଁ; ମାତ୍ର ଭାରତ ଆକାରରେ ବିଶାଳ । ଦୈନିକ ଜୀବନ ଯାପନ ପାଇଁ ଖର୍ଚ୍ଚ ମଧ୍ୟ କମ୍ । ତେଣୁ ଭାରତରେ ପର୍ଯ୍ୟଟକମାନେ ଅଧିକ ସମୟ ବିତାଇଥାନ୍ତି । ଦେଶ ଭିତରେ ୧୯୯୬ ମସିହାରେ ଘରୋଇ ପର୍ଯ୍ୟଟକମାନଙ୍କର ସଂଖ୍ୟା ୨୩ଲକ୍ଷ (୧୫ ଲକ୍ଷ ତୀର୍ଥଯାତ୍ରୀଙ୍କୁ ମିଶାଇ) ରୁ ବୃଦ୍ଧିପାଇ ୨୦୦୪ ମସିହାରେ ଏହି ସଂଖ୍ୟା ୩୫ଲକ୍ଷ (ପ୍ରାୟ ୧୯ ଲକ୍ଷ ତୀର୍ଥଯାତ୍ରୀଙ୍କୁ ମିଶାଇ) ପର୍ଯ୍ୟନ୍ତ ପହଞ୍ଚିଥିଲା । ଆମର ତୀର୍ଥଯାତ୍ରୀମାନଙ୍କର ପ୍ରକୃତ ସଂଖ୍ୟା ଅନୁମାନ କରିବା ଆଜିପର୍ଯ୍ୟନ୍ ସମ୍ଭବ ହେଉନାହିଁ । ମାତ୍ର ୨୦୦୪ ମସିହାରେ ତା'ର ପୂର୍ବବର୍ଷ ତୁଳନାରେ ଦେଶୀୟ ଓ ବିଦେଶୀ ଉଭୟ ଆଗନ୍ତୁକ ପର୍ଯ୍ୟଟକ ସଂଖ୍ୟାରେ ୨୩.୫% ପ୍ରତିଶ ବୃଦ୍ଧି ପରିଲକ୍ଷିତ ହୋଇଛି ।



ଟିପ୍ପଣୀ

ଏଥିରେ ମଧ୍ୟ ଧ୍ୟାନ ଦେବା ଉଚିତ୍ ଯେ, ଦେଶରେ କୌଣସି ସଙ୍କଟ ଜନକ ପରିସ୍ଥିତି ଉପୁଜିଲେ ଅର୍ନ୍ତରାଷ୍ଟ୍ରୀୟ ପର୍ଯ୍ୟଟନ ପ୍ରଭାବିତ ହୋଇଥାଏ । ଏପରି ପରିସ୍ଥିତିରେ ଦେଶକୁ ଆସୁଥିବା ପର୍ଯ୍ୟଟକ ମାନଙ୍କର ସଂଖ୍ୟାରେ ତୁରନ୍ତ ତୀବ୍ର ହ୍ରାସ ଘଟେ । କିନ୍ତୁ ତୀର୍ଥଯାତ୍ରୀ ପର୍ଯ୍ୟଟନ କ୍ଷେତ୍ରରେ ଏହି ସଂଖ୍ୟା ସଂଗେ ସଂଗେ ହ୍ରାସ ପାଇବାର ଦେଖାଯାଏ ନାହିଁ । ଭକ୍ତଗଣ କୌଣସି ଆଶଙ୍କାକୁ ଭ୍ରୁକ୍ଷେପ ନକରି ନିଜ ନିଜର କାର୍ଯ୍ୟସୂଚୀ ଅନୁସାରେ ଯାତ୍ରା କରିଥାଆନ୍ତି । ଏହି କାରଣରୁ ଗତବର୍ଷ ତୁଳନାରେ ୪୩% ଅଧିକ ଅର୍ଥାତ୍ ୨୦୦କୋଟି ଟଙ୍କା ସ୍ୱତନ୍ତ୍ର ଭାବରେ ସ୍ଥାନୀୟ ପର୍ଯ୍ୟଟନ ସ୍ଥଳୀର ଉନ୍ନତି ନିମନ୍ତେ ପ୍ରଦାନ କରାଯାଇଛି ।

**ବିଦେଶୀ ମୁଦ୍ରା ଉପାର୍ଜନ :**

ଆମେ ଯେଉଁ ବିଦେଶୀ ମୁଦ୍ରା ଅର୍ଜନ କରିଥାଉଁ ତା'ର ଏକ ବଡ଼ ଅଂଶ ଇଉରୋପୀୟ ଦେଶଗୁଡ଼ିକରୁ ଆସୁଥିବ ପର୍ଯ୍ୟଟକମାନେ ଆମ ଦେଶରେ ଖର୍ଚ୍ଚ କରୁଥିବା ଅର୍ଥରୁ ପାଇଥାଉ । ସମସ୍ତ ବିଦେଶୀ ପର୍ଯ୍ୟଟକଙ୍କର ଖର୍ଚ୍ଚର ଏହା ହେଉଛି ପ୍ରାୟ ୫୦ ପ୍ରତିଶତ ।

ବ୍ୟବହାରିକ ଦୃଷ୍ଟିରୁ ଭାରତର ସମୁଦାୟ ବିଦେଶୀ ମୁଦ୍ରା ଉପାର୍ଜନ ୨୦୦୪ ମସିହାରେ ବୃଦ୍ଧିପାଇ ୪.୧୨୨ନିୟୁତ ଯୁକ୍ତରାଷ୍ଟ୍ର ଆମେରିକୀୟ ଡଲାର ଥିଲା । ଏହା ପୂର୍ବ ଦଶକର ଉପାର୍ଜନ ଠାରୁ ୧.୩୬ ନିୟୁତ ଆମେରିକୀୟ ଡଲାର ଅଧିକ ଥିଲା । ପର୍ଯ୍ୟଟନ ଯୋଗୁ ବିଦେଶୀ ମୁଦ୍ରା ଉପାର୍ଜନ ବୃଦ୍ଧିପାଇଛି । ତାହା ସଂଗେ ସଂଗେ ଅନ୍ୟ ସୂତ୍ରରୁ ମଧ୍ୟ ବିଦେଶୀ ମୁଦ୍ରା ଉପାର୍ଜନର ପରିମାଣ ବଢ଼ିଛି । ଫଳସ୍ୱରୂପ ଆମ ଦେଶର ଉପାର୍ଜନ ବିଶ୍ୱ ପର୍ଯ୍ୟଟନରୁ ଉପାର୍ଜିତ ସମୁଦାୟ ପରିମାଣର ପ୍ରତିଶତ ୨୦୦୪ ମସିହାରେ ଯେତିକି ଥିଲା ସେତିକିରେ ସୀମିତ ରହିଛି ।

## ୩୨.୨ ପର୍ଯ୍ୟଟନ ସେତେବେଳେ ଏବଂ ଆଜି :

ସର୍ବପ୍ରଥମେ ଷାଠିଏ ଦଶକର ଆରମ୍ଭରେ, ଭାରତରେ ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନାରେ ପର୍ଯ୍ୟଟନ ଉଲ୍ଲେଖ କରାଯାଇଥିଲା । ଯେଉଁ ସ୍ଥାନଗୁଡ଼ିକୁ ବିଦେଶୀ ପର୍ଯ୍ୟଟକମାନେ ସଦାସର୍ବଦା ଆସୁଥିଲେ, ସେହି ସ୍ଥାନଗୁଡ଼ିକରେ ଭାରତ ସରକାର ସୁବିଧାର ବିକାଶ ନିମନ୍ତେ ଯୋଜନା ପ୍ରସ୍ତୁତ କଲା । ରାଜ୍ୟ ସରକାର ଗୁଡ଼ିକୁ ନିର୍ଦ୍ଦେଶ ଦିଆଗଲା ଯେ ଯେଉଁସବୁ ସ୍ଥାନକୁ ଦେଶୀ ପର୍ଯ୍ୟଟକମାନେ ଆସୁଛନ୍ତି ସେସବୁ ସ୍ଥାନରେ ମଧ୍ୟମ ଏବଂ ନିମ୍ନ ଆୟ ଗୋଷ୍ଠୀର ପର୍ଯ୍ୟଟକ ମାନଙ୍କର ସୁଖସୁବିଧା ପ୍ରତି ଧ୍ୟାନ ଦିଆଯାଉ । ଗତ ଶତାବ୍ଦୀର ଅଶୀ ଦଶକ ପ୍ରାରମ୍ଭରେ ପର୍ଯ୍ୟଟକମାନଙ୍କର ରହିବା ପାଇଁ ଭବିଷ୍ୟତରେ କେତେ ଘରର ଆବଶ୍ୟକତା ପଡ଼ିବ ତା'ର ଏକ ନିଶ୍ଚିତ ଆକଳନ କରାଯାଉ ଏବଂ ଦର୍ଶନାର୍ଥୀମାନଙ୍କ ସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ପରିବେଶ ସଂରକ୍ଷଣ ପାଇଁ ମଧ୍ୟ ଧ୍ୟାନ ଦିଆଯାଉ ବୋଲି ଯୋଜନାରେ ସ୍ଥିର କରାଗଲା ।

୧୯୮୫ ମସିହାରୁ ୧୯୯୦ ମସିହାର ଯୋଜନାକାଳରେ ପର୍ଯ୍ୟଟନକୁ ଅନେକ ରାଜ୍ୟଦ୍ୱାରା ଶିଳ୍ପର ମାନତ୍ୟା ଦିଆଗଲା । ପର୍ଯ୍ୟଟନରେ ବୃଦ୍ଧିଯୋଗୁ ହସ୍ତଶିଳ୍ପ ଉତ୍ପାଦଗୁଡ଼ିକର ବିକ୍ରି ପାଇଁ ଏକ ମଞ୍ଚ ମିଳିଲା । ନିର୍ଦ୍ଦିଷ୍ଟ ଅଞ୍ଚଳ ନିମନ୍ତେ ଉପଯୁକ୍ତ ସର୍କିଟ୍ ଯାତ୍ରାର ଆବଶ୍ୟକତା ଓ ମହତ୍ତ୍ୱ ଉପଲବ୍ଧ୍ କରାଗଲା । ଏହି ଯୋଜନା କାଳ ପରେ ନିମ୍ନଲିଖିତ ଗୁଡ଼ିକ ଉପରେ ପ୍ରାଧନ୍ୟତା ଦିଆଗଲା ।

(i) ପର୍ଯ୍ୟଟନ ପ୍ରକ୍ରିୟା ଜରିଆରେ ନିଯୁକ୍ତିର ସୁଯୋଗ ସୃଷ୍ଟି ।

(ii) ପର୍ଯ୍ୟଟନ ବିକାଶ ନିମନ୍ତେ ଘରୋଇ ଏବଂ ବିଦେଶୀପୁଞ୍ଜି ଆମନ୍ତ୍ରଣ କରିବା ।

(iii) ରାଜ୍ୟ ଗୁଡ଼ିକର ଭିତ୍ତିଭୂମି ବିକାଶ ନିମନ୍ତେ ୧୫ ରୁ ୨୦ ବାର୍ଷିକ ଯୋଜନା କରିବା ।

(iv) ବିକାଶ ସହ ସମ୍ବନ୍ଧୀତ ସରକାରୀ ବିଭାଗ ଓ ଅନ୍ୟାନ୍ୟ ଏଜେନ୍ସି ମଧ୍ୟରେ ସମନ୍ୱୟ ବୃଦ୍ଧି କରିବା ।

ଟିପ୍ପଣୀ

ନବମ ପଞ୍ଚବାର୍ଷିକ ଯୋଜନା କାଳରେ ଆର୍ନ୍ତଜାତିକ ପର୍ଯ୍ୟଟନ ସହାୟତାରେ ଦେଶୀୟ ପର୍ଯ୍ୟଟନର ବିକାଶ କରିବା ଆବଶ୍ୟକ ବୋଲି ହୃଦ୍‌ବୋଧ ହେଲା । ପୂରା ଭାରତରେ ୨୧ଟି ତୀର୍ଥସ୍ଥଳୀର ସୂଚୀ ପ୍ରସ୍ତୁତ କରାଗଲା ଯେଉଁଠିକୁ ଦେଶର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ନିମ୍ନ ଆୟକାରୀ ଗୋଷ୍ଠୀର ପର୍ଯ୍ୟଟକମାନଙ୍କ ନିମନ୍ତେ ସୁବିଧା ପ୍ରଦାନ କରାଯାଇପାରିବ ।

ପର୍ଯ୍ୟଟନ ନିମନ୍ତେ ବଜେଟ୍ ଆବଣ୍ଟନ ୧୯୯୦-୯୫ ମସିହାରେ ୩୬୪.୬୧ କୋଟି ଟଙ୍କାରୁ ବୃଦ୍ଧିକରି ୨୦୦୫-୦୬ରେ ଏହାର ପ୍ରାୟ ଦୁଇଗୁଣ ୭୮୬କୋଟି ଟଙ୍କା କରି ଦିଆଗଲା । ଏହା ବ୍ୟତୀତ ଘରୋଇ ସହାୟତାର ବ୍ୟବସ୍ଥା ମଧ୍ୟ କରାଗଲା । କେନ୍ଦ୍ର ସରକାର ଦ୍ୱାରା ବଜେଟ୍‌ରେ କେଉଁ ଆବଣ୍ଟନ କେଉଁଥି ପାଇଁ କେତେ ଟଙ୍କା କରାଯାଇଥିଲା ତା'ର ଏକ ସାରଣୀ ନିମ୍ନରେ ପ୍ରଦତ୍ତ ହେଲା ।

| | | | **ନିବେଶ (ଟଙ୍କା କୋଟିରେ)** |
|---|---|---|---|
| (i) | ଭାରତରେ ପର୍ଯ୍ୟଟନ ସମ୍ବନ୍ଧୀୟ ଭିତ୍ତିଭୂମିର ଉନ୍ନତିକରଣ | - | ୩୫୦ |
| (ii) | ବିଦେଶୀ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ପାଇଁ 'ଅତୁଲ୍ୟ ଭାରତ' (Incredible India) ନାମକ ଶିର୍ଷକ ଅନ୍ତର୍ଗତ ବିଜ୍ଞାପନ ଦ୍ୱାରା ପ୍ରଚାର କରିବା ନିମନ୍ତେ | - | ୧୪୦ |
| (iii) | ଦେଶୀୟ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ପାଇଁ 'ଅତିଥି ଦେବୋଭବଃ' ଶୀର୍ଷକ ଦ୍ୱାରା ପ୍ରଚାର | - | ୭୦ |
| (iv) | ପର୍ଯ୍ୟଟକ ସେବା ଯେମିତି ଟାକ୍ସି, ରେଳଗାଡ଼ି ଡବା, ଗାଇଡ଼, ଭ୍ରମଣ ପରିଚାଳକ, ଡ୍ରାଇଭର୍ ଆଦିରେ ଉନ୍ନତି ଏବଂ ଅନ୍ୟ ମାନବ ସମ୍ବଳର ବିକାଶ | - | ୨୨୬ |
| | **ମୋଟ୍** | **-** | **୨୩୬** |

ଉପରୋକ୍ତ ବଜେଟ୍ ଆବଣ୍ଟନ ସ୍ୱୟଂ ଅର୍ଥ ପ୍ରକାଶ କରୁଛି ।

- ଭାରତକୁ ଆସୁଥିବା ଅର୍ନ୍ତରାଷ୍ଟ୍ରୀୟ ପର୍ଯ୍ୟଟକଙ୍କ ସଂଖ୍ୟା ୨୦୦୪ ମସିହାରେ ୩୦ଲକ୍ଷକୁ ମଧ ପାର କରି ଯାଇଥିଲା । ବିଦେଶୀ ମୁଦ୍ରା ବିନିମୟ ଦ୍ୱାରା ଉପାର୍ଜନ ୨୦୦୪ ମସିହାରେ ହିଁ ୪.୧୨ ନିୟୁତ ୟୁ.ଏସ୍. ଡ଼ଲାର ପର୍ଯ୍ୟନ୍ତ ପହଞ୍ଚି ଯାଇଥିଲା ।
- ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା ସମୟରେ ଭାରତ ପର୍ଯ୍ୟଟନକୁ ସାମଗ୍ରିକ ଭାବେ ବିକଶିତ କରିବା ପାଇଁ ବହୁବିଧ ପଦକ୍ଷେପ ଗ୍ରହଣ କରିଛି । ବଜେଟ୍‌ରେ ପୁଞ୍ଜିର ବ୍ୟବସ୍ଥା କରାଯାଇଛି ଏବଂ ଆଧୁନିକ ଯୁଗରେ ପର୍ଯ୍ୟଟନକୁ ଏକ ମୁଖ୍ୟ ଅର୍ଥନୈତିକ ବ୍ୟାପାରରେ ପରିଣତ କରି ଏଥିରୁ ସମସ୍ତ ପ୍ରକାର ଲାଭ ଉଠାଯାଇପାରିବ ବୋଲି ପ୍ରୟାସ କରାଯାଉଛି ।
- ପର୍ଯ୍ୟଟକ ଗନ୍ତବ୍ୟସ୍ଥଳୀ ଆଧାରରେ ଭାରତ ପୃଥିବୀରେ ୩୫ତମ ସ୍ଥାନରୁ ପଞ୍ଚମ ସ୍ଥାନରେ ପହଞ୍ଚି ପାରିଛି । ପର୍ଯ୍ୟଟନ ଶିଳ୍ପରୁ ଆମର ସମସ୍ତ ଘରୋଇ ଉତ୍ପାଦ ମୂଲ୍ୟର ୫.୩% ପ୍ରତିଶତ ପ୍ରାପ୍ତ ହେଉଛି ।

ଟିପ୍ପଣୀ

## ପାଠ୍ୟବସ୍ତୁ ସମ୍ବନ୍ଧୀୟ ପ୍ରଶ୍ନ ୩୨.୧

୧. ପର୍ଯ୍ୟଟନକୁ ଶିଳ୍ପର ମାନ୍ୟତା ମିଳିବା ପରେ ଯେଉଁ ଚାରୋଟି ଦିଗର ବିକାଶ ପାଇଁ ଜୋର୍ ଦିଆଯାଇଛି ସେଗୁଡ଼ିକର ନାମ ଲେଖ ।

______________________________

୨. ଭାରତ ବହୁ କଷ୍ଟରେ ତାର ବିଦେଶୀ ମୁଦ୍ରା ଉପାର୍ଜ୍ଜନର ମାତ୍ର ୧ପ୍ରତିଶତ ପର୍ଯ୍ୟଟନରୁ ପ୍ରାପ୍ତ କରୁଛି; ଏହାର ମୁଖ୍ୟ କାରଣ କ'ଣ ?

______________________________

## ୩୨.୩ ପର୍ଯ୍ୟଟନ ସେବା ଉଦ୍ୟୋଗ : ଅଭିପ୍ରାୟ ଏବଂ ପ୍ରଭାବ

ପର୍ଯ୍ୟଟନ ଅସାଧାରଣ ପ୍ରକାରର ଏକ ଅତ୍ୟଧିକ ଶ୍ରମଭିତ୍ତିକ ଶିଳ୍ପ । ଏହା ଆଗନ୍ତୁକ ପର୍ଯ୍ୟଟକମାନଙ୍କର ଆବଶ୍ୟକତା ଏବଂ ସେମାନଙ୍କର ଦ୍ୱାରା ଆଶା କରାଯାଉଥିବା ସେବା ପ୍ରଦାନ କରିଥାଏ । ପର୍ଯ୍ୟଟକମାନେ ଗନ୍ତବ୍ୟ ଦେଶରେ ଯେଉଁ ଅର୍ଥ ବ୍ୟୟ କରନ୍ତି ସେଥିରେ ସେ ଦେଶ ଧନ ଉପାର୍ଜନ କରିଥାଏ । ତେଣୁ ବିଶ୍ୱ ସ୍ତରରେ ପର୍ଯ୍ୟଟନକୁ ଏକ ମୁଖ୍ୟ ବ୍ୟବସାୟ ହିସାବରେ ଗଣନା କରାଯାଏ । କେବଳ ଆମେରିକା ବ୍ୟତୀତ ଏଥିପାଇଁ ବ୍ୟୟ କରାଯାଉଥିବା ଅର୍ଥର ପରିମାଣ ଅନ୍ୟ ଯେକୌଣସି ଦେଶର ସମସ୍ତ ଜାତୀୟ ଉତ୍ପାଦ ମୂଲ୍ୟଠାରୁ ମଧ୍ୟ ଅଧିକ ।

ବିଶ୍ୱ ଭ୍ରମଣ ଏବଂ ପର୍ଯ୍ୟଟନ ପରିଷଦର ସଦ୍ୟତମ ଆକଳନ ଅନୁସାରେ ଏହି ଶିଳ୍ପରୁ ଭାରତର ସମୁଦାୟ ଜାତୀୟ ଉତ୍ପାଦ ମୂଲ୍ୟର ୬ପ୍ରତିଶତ ମିଳିବାର ଆଶା କରାଯାଏ ।

୨୦୦୪ ଆର୍ଥିକ ବର୍ଷରେ ପ୍ରାୟ ୧କୋଟି ୧୫ଲକ୍ଷ ବ୍ୟକ୍ତି, ଆମର ଶ୍ରମଶକ୍ତିର ୨.୪% ପର୍ଯ୍ୟଟନ ଉଦ୍ୟୋଗ ସମ୍ବନ୍ଧୀତ ଆତିଥ୍ୟ ସେବାରେ ନିଯୁକ୍ତ ହୋଇଥିଲେ । ଏ ସମସ୍ତ କାର୍ଯ୍ୟକର୍ତ୍ତା ହୋଟେଲ୍, ରେଷ୍ଟୁରାଣ୍ଟ, ମଦ୍ୟଶାଳା (ବାର୍) ଲୋକପ୍ରିୟ ମୁଖ୍ୟ ମାର୍ଗରେ ପର୍ଯ୍ୟଟକମାନଙ୍କୁ ନେବା ଆଣିବା କରିବା ପରିବହନ ସେବାରେ ଏବଂ ପର୍ଯ୍ୟଟନ ସ୍ଥଳରେ ଉପହାର କିମ୍ବା ସ୍ମୃତି ଉଦ୍ରେକକାରୀ ବସ୍ତୁ ବିକ୍ରି କରୁଥିବା ଦୋକାନ ଆଦିରେ ନିଯୁକ୍ତ ହୋଇଥାନ୍ତି । ପ୍ରତ୍ୟକ୍ଷ ଭାବେ ନିଯୁକ୍ତ କର୍ମଚାରୀମାନଙ୍କର ଏକ ମୁଖ୍ୟ ଅଂଶ ଖାଦ୍ୟ ବ୍ୟବସ୍ଥା, ରହିବା ପାଇଁ ହୋଟେଲର ଯାବତୀୟ କାର୍ଯ୍ୟ ଏବଂ ଆତିଥ୍ୟ ପ୍ରଦାନକାରୀ ଦେଶରେ ପର୍ଯ୍ୟଟକମାନଙ୍କ ପାଇଁ ଭିନ୍ନ ଭିନ୍ନ ପ୍ରକାରର ପରିବହନ ସମ୍ବନ୍ଧୀତ ଯାନବାହନର ରକ୍ଷଣାବେକ୍ଷଣ କରିଥାନ୍ତି ।

ଅପ୍ରତ୍ୟକ୍ଷ ଭାବେ ୧କୋଟି ୩୦ଲକ୍ଷରୁ ଅଧିକ ଲୋକ ଆଂଶିକ କିମ୍ବା ପୂର୍ଣ୍ଣରୂପେ ଏହି ଶିଳ୍ପ ସହ ସମ୍ପୃକ୍ତ ଅଛନ୍ତି । ଏ ସମସ୍ତ ଲୋକମାନେ ଭିନ୍ନ ଭିନ୍ନ ପ୍ରକାରର ସେବା ଏବଂ ଗୌଣ ଉଦ୍ୟୋଗରେ କାମ କରୁଛନ୍ତି । ଅନ୍ୟ ପକ୍ଷରେ କହିବାକୁ ଗଲେ ଏହି ଉଦ୍ୟୋଗରେ ନିଯୁକ୍ତ ୧୦୦କର୍ମଚାରୀଙ୍କ ମଧ୍ୟରୁ ୪୭ ପ୍ରତ୍ୟକ୍ଷ ଭାବେ ହୋଟେଲ ଗୁଡ଼ିକରେ ପର୍ଯ୍ୟଟକମାନଙ୍କୁ ଆତିଥ୍ୟ ପ୍ରଦାନ କରିଥାନ୍ତି ଏବଂ ୫୩ ଅପ୍ରତ୍ୟକ୍ଷ ଭାବେ ସଂଗଠନ ଗୁଡ଼ିକ ମାଧ୍ୟମରେ କାମରେ ନିଯୁକ୍ତ ଅଛନ୍ତି କିମ୍ବା ପର୍ଯ୍ୟଟନ ଶିଳ୍ପ ସହ ସଂପୃକ୍ତ ରହି ସ୍ୱରୋଜଗାର କରୁଥିବାବେଳେ ଏହି ଉଦ୍ୟୋଗରେ ସେବା ପ୍ରଦାନ କରୁଛନ୍ତି । ଭବିଷ୍ୟତରେ ଏହାର ଅର୍ଥନୈତିକ ପ୍ରଭାବ ଯୋଗୁ ୨୦୦୪ ମସିହା ପର୍ଯ୍ୟନ୍ତ ପ୍ରାୟ ୨କୋଟି ୮୦ଲକ୍ଷ ଚାକିରୀ ସୃଷ୍ଟି ହେବାର ଆଶା କରାଯାଏ । ପରିଭ୍ରମଣ ଏବଂ ପର୍ଯ୍ୟଟନର କ୍ରମବର୍ଦ୍ଧିଷ୍ଣୁ ଚାହିଦା ଦୃଷ୍ଟିରୁ ଏହା ୨୦୦୪ରେ ସମୁଦାୟ ଆୟର ଅଢ଼େଇ ଗୁଣରୁ ମଧ୍ୟ ଅଧିକ ହେବାର ଆଶା କରାଯାଏ । ପ୍ରତ୍ୟକ୍ଷ ପର୍ଯ୍ୟଟନର ବାହାରେ ଅପ୍ରତ୍ୟକ୍ଷ ରୂପେ ମିଳୁଥିବା ଚାକିରୀ କୌଣସି



ଟିପ୍ପଣୀ

ମତେ କମ୍ ଲାଭଜନକ ନୁହେଁ । ଏଗୁଡ଼ିକ ସ୍ଥାନୀୟ ଭାବେ ଟ୍ୟାକ୍ସି ବା ଆରାମଦାୟକ ଗାଡ଼ି ଚଳାଇବା, ଗାଇଡ୍ କିମ୍ୱା ବ୍ୟାଖ୍ୟାକାର, ଲୋକକଳାକାର (ଶିଳ୍ପୀ) ହସ୍ତଶିଳ୍ପ ଦ୍ରବ୍ୟ ବିକ୍ରେତା, ଅନ୍ୟାନ୍ୟ ବିତ୍ତ ସମ୍ପର୍କୀତ ସେବା, ମୁଦ୍ରା ବିନିମୟ, କ୍ରୀଡ଼ା ଏବଂ ଫଟୋ ଉଠାଇବା ନିମନ୍ତେ ଆବଶ୍ୟକ ଦ୍ରବ୍ୟ ଉପଲବ୍ଧ କରାଇବା ଆଦି ସହ ସମ୍ବନ୍ଧୀ । ଅତିରିକ୍ତ ନିଯୁକ୍ତି ଲବ୍ଧି, କେବଳ ପର୍ଯ୍ୟଟକମାନଙ୍କ ପାଇଁ ଦ୍ରବ୍ୟ ବିକୁଥିବା ଦୋକାନ, ପ୍ରସାଧନ ଜିନିଷ ବା କସ୍ମେଟିକ୍ ପଦାର୍ଥ ବିକିବା କାର୍ଯ୍ୟରେ ମିଳିଥାଏ ।

ଏପରି କହିବା ଠିକ୍ ଯେ, ପର୍ଯ୍ୟଟନ ନା କୌଣସି ନିର୍ଦ୍ଦିଷ୍ଟ ଗୋଟିଏ ଜାଗାରେ ଏକୁଟିଆ ବା ଏକ ନିର୍ଦ୍ଦିଷ୍ଟ ପ୍ରକାର ଶିଳ୍ପ ଭାବେ ପ୍ରତିଷ୍ଠିତ ହୋଇଥାଏ । ଏ ସମସ୍ତ ବ୍ୟକ୍ତି ଭିନ୍ନ ଭିନ୍ନ ପ୍ରକାର ସେବା ଏବଂ ଗୌଣ ଉଦ୍ୟୋଗରେ କାମ କରିଥାଆନ୍ତି । ଏହା ଅତିଥିସେବା ସହ ଯୋଡ଼ି ହୋଇଥିବା ଏକ ସାମଗ୍ରିକ ଶିଳ୍ପ ହୋଇଥାଏ । ଯେକୌଣସି ମାଧ୍ୟମରେ ପର୍ଯ୍ୟଟକ ମାନଙ୍କ ଠାରୁ ପର୍ଯ୍ୟଟନ ସମ୍ବନ୍ଧୀୟ ସୂଚନା ଏକତ୍ର କରିବା ଠାରୁ ଏହି କାମର ଆରମ୍ଭ ହୁଏ । ପ୍ରଚାର ସେବା ଆତିଥ୍ୟ ପ୍ରଦାନକାରୀ ଦେଶରେ ଟୁର୍ ପରିଚାଳକ ମାନଙ୍କ ଦ୍ୱାରା କରାଯାଇଥାଏ । ଏଥିରୁ ପର୍ଯ୍ୟଟକମାନଙ୍କୁ ନିଜର ପସନ୍ଦ ଯୋଗ୍ୟ ସ୍ଥାନକୁ ଯିବାପାଇଁ କାର୍ଯ୍ୟସୂଚୀ ପ୍ରସ୍ତୁତ କରିବା ସହଜ ହୋଇଥାଏ । ପ୍ରଶିକ୍ଷିତ ପ୍ରଧାନ ପାଚକ ଏବଂ ପେଶାଦାର ହୋଟେଲ କର୍ମଚାରୀଗଣ ପର୍ଯ୍ୟଟକମାନଙ୍କର ରହିବା ଓ ଖାଇବାର ସୁବନ୍ଦୋବସ୍ତ କରିଥାନ୍ତି । ମାର୍ଗଦର୍ଶକ ଏଜେନ୍ସି ଗୁଡ଼ିକ ପର୍ଯ୍ୟଟକମାନଙ୍କୁ ସ୍ଥାନ ବୁଲାଇ ଦେଖାଇବାର ଦାୟିତ୍ୱ ବହନ କରିଥାନ୍ତି । ଗ୍ରାହକସେବା ରୂପେ ବିକ୍ରିକରିବାର କଳାର ମହତ୍ତ୍ୱ କିଛି କମ୍ ନୁହେଁ । ଏପରି ସେବା ବିକ୍ରୟ କେନ୍ଦ୍ର ଗୁଡ଼ିକ ଦ୍ୱାରା ନିର୍ବାହ କରାଯାଇଥାଏ । ଅଳଙ୍କାର, କପଡ଼ା, ସାଜସଜ୍ଜା ପାଇଁ କଳାତ୍ମକ ବସ୍ତୁ ଇତ୍ୟାଦି ଏହାର ଅନ୍ତର୍ଭୁକ୍ତ, ଯେଉଁଗୁଡ଼ିକୁ ପର୍ଯ୍ୟଟକ ଉପହାର କିମ୍ୱା ନିଜର ବ୍ୟବହାର ପାଇଁ କ୍ରୟ କରିଥାଆନ୍ତି ।

ଏପରି ଏକ ବହୁମୁଖୀ ସେବା ଉଦ୍ୟୋଗର ବିକାଶ ବହୁତ କମ୍ ପୁଞ୍ଜି ଲଗାଣରେ ସମ୍ଭବ ହୁଏ ଏବଂ ଅର୍ଥନୈତିକ ଦୃଷ୍ଟିରୁ ଚଳାଇବା ମଧ୍ୟ ସହଜ ହୋଇଥାଏ । ଏଭଳି ଉଦ୍ୟୋଗକୁ ଚଳାଇବା ପାଇଁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସମ୍ବଳ ହେଉଛି ମାନବୀୟ କୁଶଳତା ଏବଂ ସୃଜନାଶୀଳତା । ଏହାର ତୁଳନାରେ କୃଷି କିମ୍ୱା ଶିଳ୍ପ ପ୍ରତିଷ୍ଠା ଦ୍ୱାରା କ୍ଷେତ୍ରୀୟ ବିକାଶ କରିବା ପାଇଁ ଅଧିକ ପରିମାଣର ପୁଞ୍ଜି ଆବଶ୍ୟକ ହୁଏ ।

ସମୟ ଅନୁସାରେ ପର୍ଯ୍ୟଟନ ଶିଳ୍ପ ପାଇଁ ଯେଉଁସବୁ ଭିତ୍ତିଭୂମି ଆବଶ୍ୟକ ହୋଇଥାଏ ସେଗୁଡ଼ିକର ବିକାଶରେ ଏହା ସ୍ୱତଃ ଯୋଗଦାନ କରିଥାଏ । ପରିବହନ ଓ ଯୋଗାଯୋଗର ବିକାଶ, ବିଜୁଳି ଯୋଗାଣ ଜେନେରେଟର୍ ସେଟ୍, ଟ୍ରାନ୍ସଫର୍ମର କିମ୍ୱା ଜଳ ଯୋଗାଣ ପାଇଁ ଟ୍ୟାଙ୍କର ବା ପାଣିଟାଙ୍କି ଇତ୍ୟାଦି ସ୍ଥାନୀୟ ପର୍ଯ୍ୟଟନ କ୍ଷେତ୍ର ପରିସୀମା ମଧ୍ୟରେ ବିକଶିତ ହେବାକୁ ଲାଗେ ।

ଉଦ୍ୟୋଗ ରୂପରେ ପର୍ଯ୍ୟଟନ ଅନ୍ୟ ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବା ସଂଗେ ସଂଗେ ନିଜର ଚାହିଦା ସୃଷ୍ଟି କରିଥାଏ ଏବଂ ଅନ୍ୟ ପକ୍ଷରେ ଅନ୍ୟାନ୍ୟ ଶିଳ୍ପଗୁଡ଼ିକ ପାଇଁ ବଜାର ପ୍ରଦାନ କରିଥାଏ । ପର୍ଯ୍ୟଟନର କ୍ରମବର୍ଦ୍ଧିଷ୍ଣୁ ଚାହିଦା ଯୋଗୁ କୃଷି, ନିର୍ମାଣ ଶିଳ୍ପ, ସଡ଼କ, ଅଟ୍ଟାଳିକା ନିର୍ମାଣ କାର୍ଯ୍ୟ ଇତ୍ୟାଦିରେ ମଧ୍ୟ ବୃଦ୍ଧି ପରିଲକ୍ଷିତ ହୁଏ । କୌଣସି କ୍ଷେତ୍ରରେ ଅଧିକ ହୋଟେଲ୍ ବା ମୋଟେଲ୍ ଖୋଲିବା ଅର୍ଥ ହେଲାଯେ ଏଥି ସହିତ ସମ୍ପୃକ୍ତ ସେବା ଉଦ୍ୟୋଗରେ ଗୁଣାତ୍ମକ ବିକାଶ ହେଉଅଛି । ପୁରାତନ ସ୍ମାରକୀଗୁଡ଼ିକୁ ଦେଖିବାକୁ ଯିବା କିମ୍ୱା ଐତିହାସିକ ମହତ୍ତ୍ୱ ଥିବା କୌଣସି ମେସିନ୍ ନିର୍ମାଣ କରିବା ଆଦିକୁ 'ପରମ୍ପରା ଶିଳ୍ପ' (Heritage Industry) ବୋଲି କୁହାଯାଉଛି । ଏପରି ନାମକରଣ ଯୁକ୍ତିସଂଗତ ବା ଯଥୋପଚିତ କାରଣ, ଏଥିରୁ ଆମକୁ ଉପାର୍ଜନ ମିଳୁଛି ଯେମିତି ଆମେ ଅନ୍ୟ ଯେକୌଣସି ଔଦ୍ୟୋଗିକ ଉତ୍ପାଦର ବିକ୍ରୟରୁ ଅର୍ଥଲାଭ ହେଉଛି ।

ଏହି ବିଜ୍ଞାପନ ସଂସ୍ଥା ଏବଂ ଦୃଶ୍ୟମାନ ମିଡ଼ିଆ ଗୁଡ଼ିକର ବ୍ୟବସାୟ ବୃଦ୍ଧିରେ ସାହାଯ୍ୟ କରିବା ସଂଗେ ସଂଗେ ସରକାରଙ୍କ ଅଧିନସ୍ଥ ପର୍ଯ୍ୟଟନ ବିଭାଗ ଗୁଡ଼ିକ ବହୁସଂଖ୍ୟାରେ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବା ପାଇଁ ପ୍ରେରଣା ଦେଇଥାଏ । ଏହାଦ୍ୱାରା ଉକ୍ତ କ୍ଷେତ୍ରରେ କାମ କରୁଥିବା ଲୋକମାନଙ୍କ ପାଇଁ କିଛି ଅତିରିକ୍ତ ଆୟ କରିବାର ସୁଯୋଗ ଏବଂ ଅଧିକ ଚାକିରୀ ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି ହୁଏ । ଏହି ଦୁଇଟି ପରିଣାମ ଉକ୍ତ କ୍ଷେତ୍ରରେ ବିକାଶର କାରକ ହୋଇଥାଆନ୍ତି । ଏକ ଆକଳନ ଅନୁଯାୟୀ, ଦେଶୀୟ ପର୍ଯ୍ୟଟନର ବିକାଶ ନିମନ୍ତେ



ଟିପ୍ପଣୀ

ସାଧାରଣ ଭାବେ ୧୦ଲକ୍ଷ ଟଙ୍କାର ବିନିଯୋଗ କେବଳ ହୋଟେଲ ବ୍ୟବସାୟ କ୍ଷେତ୍ରରେ ୮୯ ଚାକିରୀର ସୃଷ୍ଟିକରେ । ଏହା ତୁଳନାରେ ଏତିକ ପୁଞ୍ଜି ବିନିଯୋଗ ଦ୍ୱାରା କୃଷିକ୍ଷେତ୍ରରେ ମା୍ର ୪୫ଜଣ ଏବଂ ଔଦ୍ୟୋଗିକ ଶିଳ୍ପରେ ୧୩ ଜଣଙ୍କ ପାଇଁ ରୋଜଗାରର ସୁଯୋଗ ସୃଷ୍ଟି ହୋଇଥାଏ ।

ଯେତେବେଳେ ପର୍ଯ୍ୟଟନ ସେବା ବ୍ୟବସ୍ଥା ଗୁଡ଼ିକର ବିକାଶ ଘଟେ, ସ୍ୱରୋଜଗାର କରିବା ଲୋକମାନଙ୍କର ସଂଖ୍ୟା ବଢ଼ିବାକୁ ଲାଗେ । ଏହାଦ୍ୱାରା ସାମୟିକ କିମ୍ବା ଋତୁ ଅନୁସାରେ ରୋଜଗାର ପର୍ଯ୍ୟଟନ ସ୍ଥଳୀର ଆଖପାଖ ଅଞ୍ଚଳରେ ବ୍ୟାପକ ହୁଏ । ଏହା ତୁଳନାରେ ପରିଭ୍ରମଣ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ବୃଦ୍ଧି ଦୁଇଗୁଣ ଅଧିକ ହୋଇଥାଏ । ଏସିଆ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ବିଶ୍ୱର ସର୍ବାଧିକ ଆର୍ଥୀକ ବିକାଶ ହେଉଅଛି । ତେଣୁ ଆଜିକାଲି ସେ ଅଞ୍ଚଳ ଆମର ଧ୍ୟାନ ଆକର୍ଷଣ କଲାଣି । ଏପରି ବୃଦ୍ଧିହାର ମଧ୍ୟ ଭାରତରେ ସମ୍ଭବ ହେବାକୁ ଆଉ ବିଳମ୍ବ ହେବନାହିଁ । ଏହା ଏକ ଅକାଟ୍ୟ ତଥ୍ୟ ଯେ କେବଳ ପର୍ଯ୍ୟଟନ କ୍ଷେତ୍ରରେ ୧୦ଲକ୍ଷ ନିୟମିତ ଚାକିରୀ ଏତେ ପରିମାଣର ରାଜସ୍ୱ ଅର୍ଜନ ନକରିପାରିବ ଯେ ଭାରତରେ ମହଙ୍ଗା ପେଟ୍ରୋଲିୟମ୍ ଉତ୍ପାଦର ଏକ ବର୍ଷର ବିଲ୍‌ର ୪୦ ପ୍ରତିଶ ଭରଣା କରିପାରିବ । ପର୍ଯ୍ୟଟନରୁ ଉପାର୍ଜିତ ବିଦେଶୀ ମୁଦ୍ରା ଏହି ବିଲର ଅତିରିକ୍ତ ଦେୟ ମଧ୍ୟ ଚୁକ୍ତ କରିପାରିବ ।

- ଏକ ଆର୍ଥିକ କାର୍ଯ୍ୟକଳାପ ହିସାବରେ ଆଧୁନିକ ପର୍ଯ୍ୟଟନର ବ୍ୟାପାରିକ ସ୍ୱରୂପ ଏହାକୁ ସେବା ପ୍ରଦାନକାରୀ ଉଦ୍ୟୋଗର ଅନ୍ତଃ ସମ୍ବନ୍ଧୀତ ଏକ ସମ୍ମିଳିତ ଶିଳ୍ପରେ ପରିଣତ କରିପାରିଛି ।
- ଏହା ପ୍ରତ୍ୟକ୍ଷ ଏବଂ ଅପ୍ରତ୍ୟକ୍ଷ, ଆକସ୍ମିକ ଏବଂ ନିୟମି ଭାବରେ କାମ ଯୋଗାଇଥାଏ । ହୋଟେଲ ଏବଂ ଏଥିରେ ସମ୍ବନ୍ଧୀତ କ୍ଷେତ୍ର ଗୁଡ଼ିକରେ ଏବଂ ସ୍ୱରୋଜଗାର କ୍ଷେତ୍ରରେ ନିୟୋଜନ ଲୋକମାନଙ୍କର ସଂଖ୍ୟାରେ  ବହୁତ ବୃଦ୍ଧି ହୋଇଛି । ତେଣୁ ପର୍ଯ୍ୟଟନ କ୍ଷେତ୍ରରେ ଗୋଟିଏ ଅନ୍ୟଟିକୁ ପାରସ୍ପରିକ ରୀତିରେ ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ ।

## ୩୨.୪ ଅଦୃଶ୍ୟ ରପ୍ତାନୀ :

ଭାରତକୁ ଆସୁଥିବା ପର୍ଯ୍ୟଟନମାନଙ୍କୁ ପ୍ରଦାନ କରାଯାଇଥିବା ସେବାଗୁଡ଼ିକ ପର୍ଯ୍ୟଟନ ଉଦ୍ୟୋଗର ଅଦୃଶ୍ୟ ଉତ୍ପାଦ । ଏହି ଉତ୍ପାଦକ ଗୁଡ଼ିକ ଯଥା: ଅତିଥି ସତ୍କାର ସମ୍ବନ୍ଧୀୟ ସମସ୍ତ ସେବାକୁ ଅଦୃଶ୍ୟ ରପ୍ତାନୀ କୁହାଯାଏ କାରଣ ଏଥିରେ ଭାରତୀୟ ସଂସ୍କୃତିର ସୁଗନ୍ଧ ମିଶିଥାଏ । ଯେତେ ଅଧିକ ପରିମାଣର ବିଦେଶୀ ମୁଦ୍ରା ଉପାର୍ଜନ ହେବ ସେତେ ଅଧିକ ଲାଭ ହେବ । ସେହି ନୀତିରେ ବିଦେଶରୁ ଯେତେ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସିବେ ଆମ ଦେଶର ବିଦେଶୀ ମୁଦ୍ରା ଉପାର୍ଜନ ସେତେ ଅଧିକ ହେବ । ଅତିଥି ସତ୍କାରକାରୀ ଦେଶକୁ କେବଳ ସମସ୍ତ ପ୍ରକାର ସୁଖସୁବିଧା ଯୋଗାଇ ଦେଇ ପର୍ଯ୍ୟଟକ ମାନଙ୍କୁ ଅଧିକରୁ ଅଧିକ ସମୟ ହୋଟେଲରେ ରହିବା ପାଇଁ ସେମାନଙ୍କର ମନୋରଂଜନ କରିବା ସଂଗେ ସଂଗେ ଛୁଟି କାଟିବାର ମାନସିକତା ରଖିବା ଆବଶ୍ୟକ । ଯେତେ ଅଧିକ ଦିନ ପର୍ଯ୍ୟନ୍ତ ସେମାନେ ରହିବେ ସେତେ ଅଧିକ ଅର୍ଥ ବ୍ୟୟ କରିବେ ଓ ଆମର ଆୟ ସେତିକି ଅଧିକ ହେବ ।

ପର୍ଯ୍ୟଟକ ମାନଙ୍କ ପାଇଁ ଆମ୍ଭମାନଙ୍କର ସେବା ସମୂହ ଆନ୍ତର୍ଜାତୀୟ ବ୍ୟବସାୟ କ୍ଷେତ୍ରରେ କେଉଁଠି ଏକ ନିର୍ଦ୍ଦିଷ୍ଟ ବସ୍ତୁ ହିସାବରେ ଦେଖାଯାଉନଥିବା ବେଳେ ଆମେ ଅନ୍ୟାନ୍ୟ ଦ୍ରବ୍ୟ ରପ୍ତାନୀରୁ ପାଉଥିବା ଅର୍ଥ ଭଳି ଏଥିରୁ ମଧ୍ୟ ସେତିକି ବିଦେଶୀ ମୁଦ୍ରା ଉପାର୍ଜନ କରିପାରୁଛୁ ଏଥି ସଂଗେ ସଂଗେ ସୃଜନାତ୍ମକ ଦ୍ରବ୍ୟ ଯଥା ଚିତ୍ରକଳା, ଦେଶୀ ଡ଼ିଜାଇନ୍ ବସ୍ତ୍ର, ସୂକ୍ଷ୍ମ ଚାରୁକଳା ଏବଂ ଭାରୀ ଗାଲିଚା ଆଦିକୁ କେତେକ ପର୍ଯ୍ୟଟକ ପସନ୍ଦ ନକରି ରହିପାରନ୍ତି ନାହିଁ । ସେଗୁଡ଼ିକର ଦେଶ ଭିତରେ ବିକ୍ରୟ ହିଁ ଅତିରିକ୍ତ ଲାଭପ୍ରଦ ହୋଇଥାଏ । ଏହିସବୁ ଦ୍ରବ୍ୟଗୁଡ଼ିକୁ ଏଜେଣ୍ଟ ମାନଙ୍କ ମାଧ୍ୟମରେ ରପ୍ତାନୀ କରାଗଲେ ଆମର ଲାଭାଂଶ କମିଯାଏ ।

କୌଣସି ଦେଶର ଯେତେ ଅଧିକ ଅନ୍ତଃରାଷ୍ଟ୍ରୀୟ ବ୍ୟବସାୟ ହେବ ସେହି ପରିମାଣରେ ବିଦେଶୀ ପର୍ଯ୍ୟଟକମାନଙ୍କର ସଂଖ୍ୟା ମଧ ବଢ଼ିଥାଏ କାରଣ ବହୁ ସଂଖ୍ୟାରେ ବିଦେଶୀ ବ୍ୟବସାୟୀ, ଉଦ୍ୟୋଗପତି ପେଷାଦାର ବ୍ୟକ୍ତି ଆମ ଦେଶକୁ ବହୁବାର ଯିବାଆସିବା କରିଥାଆନ୍ତି । ଏହାଦ୍ୱାରା ଆମର ପର୍ଯ୍ୟଟନ ଶିଳ୍ପ ବୃଦ୍ଧିପାଇଛି । ଭ୍ରମଣ ପର୍ଯ୍ୟଟନ ସ୍ୱୟଂ ନିଜର ବଜାର ସୃଷ୍ଟିକରେ । କାରଣ ଅନେକ ପର୍ଯ୍ୟଟନ ଖୋଦ ବ୍ୟବସାୟ ହୋଇଥାନ୍ତି । ବିଦେଶ ପର୍ଯ୍ୟଟଙ୍କ ମାନଙ୍କ ଦ୍ୱାରା ଆମ ଦେଶରେ ବ୍ୟୟ ହେଉଥିବା ଅର୍ଥ ଆମ ଦେଶର ପ୍ରତିକୂଳ ବ୍ୟାପାରିକ ସନ୍ତୁଳନକୁ କିଛି ପରିମାଣ ରପ୍ତାନୀ ବର୍ଷ ୨୦୦୪ରେ ୧.୩% ହୋଇଛି ଯାହା ୧୯୯୦ ବର୍ଷରେ ମାତ୍ର ୦.୬% ଥିଲା । ଏସିଆ ଓ ଆଫ୍ରିକାର ଅଧିକାଂଶ ବିକାଶୋନ୍ମୁଖୀ ଦେଶଗୁଡ଼ିକ ମଧ୍ୟରେ ଆମଦେଶ ପର୍ଯ୍ୟଟନ ଅର୍ଥ ବ୍ୟବସ୍ଥାରେ ଦ୍ୱିତୀୟ ସର୍ବାଧିକ ଅଭିବୃଦ୍ଧି ହାରରେ ଅଗ୍ରସର ହେଉଅଛି ।

ରେଡ଼ିମେଡ଼ ବସ୍ତ୍ର ଓ ରତ୍ନ ଏବଂ ଅଳଙ୍କାର ରପ୍ତାନୀ ଅର୍ଥ ଉପାର୍ଜନ କ୍ଷେତ୍ରରେ ପର୍ଯ୍ୟଟନର ସ୍ଥାନ ରହିଛି । ଅଳଙ୍କାର ରପ୍ତାନୀ କ୍ଷେତ୍ରରେ ୭୫% ଆମଦାନୀ ଆଡ଼କୁ ଖର୍ଚ୍ଚ ହୁଏ । ଆମ ଦେଶର ବିଜ୍ଞାପନ ସଂସ୍ଥାଗୁଡ଼ିକ ପର୍ଯ୍ୟଟନର ପ୍ରଚାର ଓ ପ୍ରସାର କରିବା ପାଇଁ ୭% ଅଂଶ ଧନ ବ୍ୟୟ କରିଥାନ୍ତି । ତେଣୁ ଅର୍ଜିତ ପ୍ରତି ଡଲାରର ୯୩% ପର୍ଯ୍ୟଟନରୁ ଆୟ ହୋଇଥାଏ ।

- ପର୍ଯ୍ୟଟକମାନଙ୍କର ଆମ ଦେଶରେ ରହଣୀକାଳ ମଧ୍ୟରେ ପ୍ରଦାନ କରାଯାଉଥିବା ସେବାକୁ ପର୍ଯ୍ୟଟନ କ୍ଷେତ୍ରର ଅଦୃଶ୍ୟ ରପ୍ତାନୀ କୁହାଯାଏ ।
- ବିଦେଶକୁ ଯାଉଥିବା ଭାରତୀୟ ନାଗରିକ ଦ୍ୱାରା ବିଦେଶରେ ପାଉଥିବା ସେବା ଆମର ଆମଦାନିର ଅପାର୍ଥିବ ଉତ୍ପାଦ ଅଟେ ।
- ଭାରତରେ ପର୍ଯ୍ୟଟନ ଶିଳ୍ପ ବୈଦେଶିକ ଅର୍ଥ ଉପାର୍ଜନ କ୍ଷେତ୍ରରେ ତୃତୀୟ ସ୍ଥାନରେ ଅଛି । ଏହା ଆମର ବାର୍ଷିକ ପେଟ୍ରୋଲିୟମ ଉତ୍ପାଦ ଆମଦାନୀ ଅର୍ଥର ୪୦% ବିଲ୍‌କୁ ଭରଣା କରିପାରିବ ।

## ୩୨.୫ ସ୍ୱଳ୍ପ ବିକଶିତ କ୍ଷେତ୍ରର ବିକାଶ

ବିଦେଶରୁ ଆସୁଥିବା ପର୍ଯ୍ୟଟକ ମାନଙ୍କୁ ପ୍ରଦାନ କରାଯାଉଥିବା ସେବା ସମୂହ ପର୍ଯ୍ୟଟନ ରପ୍ତାନି ହିସାବରେ ପର୍ଯ୍ୟଟନ ଶିଳ୍ପର ଉନ୍ନତିର ଆଧାର ଅଟେ । ଯାତ୍ରୀମାନଙ୍କୁ ସେବା ବିକ୍ରି କରିବା ଦ୍ୱାରା ଆର୍ଥୀକ କାର୍ଯ୍ୟକଳାପର ସ୍ତର ବୃଦ୍ଧି ପାଇଥାଏ । ଉଚ୍ଚ ସ୍ତରରେ ପ୍ରତ୍ୟେକ ସ୍ଥାନୀୟ କ୍ଷେତ୍ର ନିଜର ଏକ ସ୍ୱତନ୍ତ୍ର ହସ୍ତଶିଳ୍ପକଳା ନିମନ୍ତେ ପ୍ରସିଦ୍ଧି ଲାଭ କରିଥାଏ ଯାହାପ୍ରତି ପର୍ଯ୍ୟଟକମାନେ ଆକର୍ଷିତ ହୋଇଥାଆନ୍ତି । ଯେତେ ଅଧିକ ସଂଖ୍ୟାରେ ପର୍ଯ୍ୟଟକ ଆସନ୍ତି ସେତେ ଅଧିକ ମାତ୍ରାରେ ଏଗୁଡ଼ିକର ବିକ୍ରି ହୋଇଥାଏ ଏବଂ ଚାହିଦା ବଢ଼ିଥାଏ । ତେଣୁ ଏହା ସ୍ଥାନୀୟ ଲୋକମାନଙ୍କର ରୋଜଗାର କରିବା ଅବସର ବଢ଼ାଏ । ଏପରି ଲାଭ ଦେଶ ଭିତରେ ଥିବା ଅପେକ୍ଷାକୃ ଅଳ୍ପ ବିକଶତ କ୍ଷେତ୍ର ପାଇଁ ବିଶେଷ ଲାଭଦାୟକ ହୋଇଥାଏ ।

ଔଦ୍ୟୋଗିକ କ୍ଷେତ୍ରରେ ଆଦୌ ଉନ୍ନତି ନକରିଥିବା କିମ୍ବା ଆଂଶିକ ରୂପେ ବିକଶିତ କ୍ଷେତ୍ରଗୁଡ଼ିକରେ ସାଧାରଣତଃ ପରିବାର ଭରଣ ପୋଷଣ ନିମନ୍ତେ କୃଷି କରି ଜୀବନ ନିର୍ବାହ କରୁଥିବା ଲୋକେ ବାସକରନ୍ତି । ସେଠାରେ ସାଧାରଣତଃ ଅନ୍ୟ କୌଣସି ଜୀବିକା ଅର୍ଜନ ପନ୍ଥା ପାଇଁ ସମ୍ବଳର ଅଭାବ ଥାଏ ତେଣୁ ଏଠାରେ ଆର୍ଥୀକ କାର୍ଯ୍ୟକଳାପ ଦ୍ୱାରା ଉତ୍ପାଦନ ସମ୍ଭବ ହୋଇନଥାଏ । ଏପରି କ୍ଷେତ୍ର ଭାରତର ଚାରିଆଡ଼େ ବିଛାଡ଼ି ହୋଇ ରହିଅଛି ।

ବିଦେଶୀ ପର୍ଯ୍ୟଟକମାନଙ୍କର ରହଣୀ ସମୟରେ ସେମାନେ ବ୍ୟୟ କରୁଥିବା ଅର୍ଥର କିଛି ଅଂଶ ସ୍ଥାନୀୟ ଲୋକମାନଙ୍କୁ ପ୍ରତ୍ୟକ୍ଷ ରୋଜଗାର ଭାବରେ ମିଳେ । ଆଗନ୍ତୁକ ପର୍ଯ୍ୟଟକ ବ୍ୟାପାରୀ ମାନଙ୍କୁ ଦେଉଥିବା ଅର୍ଥରାଶିରୁ ସେମାନଙ୍କର ସେବାରେ ନିୟୋଜିତ କର୍ମଚାରୀମାନଙ୍କୁ ମଜୁରୀ ମିଳିଯାଏ ।



ଟିପ୍ପଣୀ

ପର୍ଯ୍ୟଟନର ବିକାଶ ବେରୋଜଗାର ଯୁବକମାନଙ୍କୁ ଋତୁକାଳୀନ ରୋଜଗାରର ସୁଯୋଗ ପ୍ରଦାନ କରିଥାଏ । ମହିଳା ଏବଂ ବୃଦ୍ଧ ଲୋକମାନଙ୍କୁ ଗୌଣ ରୋଜଗାର ଯୋଗାଇଦିଏ । ହସ୍ତଶିଳ୍ପ କଳାର ପୁନରୁତ୍ଥାନ ହୁଏ । ଘରୋଇ ସ୍ତରରେ ଏପରି ଦ୍ରବ୍ୟର ଉଦାହରଣ ଅନେକ । ଅତି ସାଧାରଣ ଦେଖାଯାଇଥିବା ଦ୍ରବ୍ୟ ମଧ୍ୟ ପର୍ଯ୍ୟଟକମାନଙ୍କର ପସନ୍ଦକୁ ଆସିଯାଏ । ଏପରି ଦ୍ରବ୍ୟଗୁଡ଼ିକ ପର୍ଯ୍ୟଟନ ବଜାରରେ ଭଲ ଦିପଇସା ଲାଭରେ ବିକ୍ରି ହୋଇଯାଏ ।

ଏହି କ୍ଷେତ୍ରରେ ଚାକିରୀ କରିବା ସହ ଯୁବକମାନେ ରୋଜଗାର କରିବାକୁ ସହର ଗୁଡ଼ିକୁ ଆସନ୍ତି । ସମୟ କ୍ରମେ ସ୍ଥାନୀୟ ଭାବେ ଉତ୍ପାଦିତ ବସ୍ତୁଗୁଡ଼ିକର ବିକ୍ରି ଏବଂ ଆଗନ୍ତୁକ ପର୍ଯ୍ୟଟକମାନଙ୍କୁ ସେବା ଯୋଗାଇ ଦେବାକୁ ସୃଷ୍ଟ ନିଯୁକ୍ତି ସ୍ୱଳ୍ପ ବିକଶିତ ସ୍ଥାନର ଯୁବକମାନଙ୍କ ପାଇଁ ନୂତନ ରୋଜଗାର ପନ୍ଥା ଯୋଗାଇଥାଏ ଏବଂ ସେମାନଙ୍କୁ ସହରକୁ ଆସିବାକୁ ରୋକିଥାଏ । ପର୍ଯ୍ୟଟନ ଜମିମାଲିକ ପୁଞ୍ଜିପତି ଏବଂ ବ୍ୟାଙ୍କ ଗୁଡ଼ିକ ନିମନ୍ତେ ନୂତନ ରୋଜଗାର ପନ୍ଥା ସୃଷ୍ଟିକରେ । ସରକାର ମଧ୍ୟ ଏଥିରୁ ଅଧିକ କର ପାଇଥାଆନ୍ତି । ଯେତେବେଳେ ନୂଆ ନୂଆ ପ୍ରୋଜେକ୍ଟ ବା ପରିକଳ୍ପ ଦ୍ୱାରା ଅଟ୍ଟାଳିକା ନିର୍ମାଣ ବା ପୁରୁଣା ପର୍ଯ୍ୟଟନସ୍ଥଳର ପୁନରୁଦ୍ଧାର କରାଯାଏ ସେତେବେଳେ ଏହି ଗତି ତ୍ୱରାନ୍ୱିତ ହୁଏ । ସରକାରୀ ଏବଂ ବେସରକାରୀ ଉଭୟ ସୂତ୍ରରୁ ଅର୍ଥ ଲଗାଣ ଆରମ୍ଭ ହୋଇଯାଏ । ବ୍ୟାଙ୍କ ମଧ୍ୟ ଏପରି ସାହସିକ ପଦକ୍ଷେପ ଗୁଡ଼ିକ ପାଇଁ ଋଣ ପ୍ରଦାନ କରିବାକୁ ଆଗେଇ ଆସନ୍ତି । ଏପରି ଅର୍ଥ ବା ପୁଞ୍ଜି ଲଗାଣ କେବଳ କେତେକ ଶିଳ୍ପକ୍ଷେତ୍ରରେ ଅଧିକ ବିକଶିତ ସ୍ଥାନରେ କେନ୍ଦ୍ରୀଭୂତ ହୋଇଥିଲା । ଏହିପରି ଭାବେ ଏଗୁଡ଼ିକ ସ୍ୱଳ୍ପ ବିକଶିତ କ୍ଷେତ୍ରକୁ ସ୍ଥାନାନ୍ତରଣ ହେବାକୁ ଲାଗେ ।

ମନୋରଞ୍ଜନ ପର୍ଯ୍ୟଟନ ଦ୍ୱାରା ରାଷ୍ଟ୍ରୀୟ ସ୍ତରରୁ ଧିରେ ଧିରେ କ୍ଷେତ୍ରୀୟ ଏବଂ ସ୍ଥାନୀୟ ସ୍ତର ପର୍ଯ୍ୟନ୍ତ ଅର୍ଥ ପହଞ୍ଚିବାକୁ ଲାଗେ । ଏହି ପ୍ରକ୍ରିୟା ଦ୍ୱାରା ବହୁଦିନ ଧରି ବିକାଶ କ୍ଷେତ୍ରରେ ଥିବା ଆଞ୍ଚଳିକ ଅସନ୍ତୁଳନ ଦୂର ହେବାକୁ ଲାଗେ ।

- ଆୟ ଏବଂ ନିଯୁକ୍ତିର ନୂଆ ନୂଆ ସୂତ୍ର ସୃଷ୍ଟି ପର୍ଯ୍ୟଟନ କ୍ଷେତ୍ରର ଏକ ଅବଦାନ । ସ୍ଥାନୀୟ ଅର୍ଥ ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଦେଶର ସ୍ୱଳ୍ପ ବିକଶିତ ଅଞ୍ଚଳ ମାନଙ୍କରେ ଜୀବନ ଯାତ୍ରାର ଗୁଣାତ୍ମକ ସ୍ତର ବୃଦ୍ଧି କରିବାରେ ପର୍ଯ୍ୟଟନ ବିଶେଷ ଭୂମିକା ଗ୍ରହଣ କରିଥାଏ ।

## ପାଠ୍ୟବସ୍ତୁ ସମ୍ବନ୍ଧୀୟ ପ୍ରଶ୍ନ ୩୨.୨

୧. ପର୍ଯ୍ୟଟନ ମାଧ୍ୟମରେ ହେଉଥିବା ଦୁଇପ୍ରକାର ଅଦୃଶ୍ୟ ରପ୍ତାନୀର ନାମ ଲେଖ ।

୨. ଅର୍ନ୍ତରାଷ୍ଟ୍ରୀୟ ଏବଂ ଦେଶୀୟ ପର୍ଯ୍ୟଟକମାନଙ୍କ ମଧ୍ୟରୁ ବିଦେଶୀ ମୁଦ୍ରା କେଉଁମାନେ ପ୍ରଦାନ କରିଥାଆନ୍ତି ?

୩. ଉପକୂଳବର୍ତ୍ତୀ ଅଞ୍ଚଳରେ ପର୍ଯ୍ୟଟନ କେମିତି ଜୀବନ ଯାତ୍ରାର ଗୁଣାତ୍ମକ ବୃଦ୍ଧି କରିଥାଏ ?

୪. ସ୍ୱଳ୍ପ ବିକଶିତ ଅଞ୍ଚଳର ବିକାଶ ନିମନ୍ତେ ତିନୋଟି ବୈକଳ୍ପିକ ସମ୍ବଳ କ'ଣ କ'ଣ ?

୫. ପର୍ଯ୍ୟଟନକୁ କାହିଁକି ସେବା ଶିଳ୍ପ କୁହାଯାଏ ?

୬. 'ପରମ୍ପରା ଉଦ୍ୟୋଗ' ଅନ୍ତର୍ଗତ ତିନୋଟି ଦିଗର ନାମ ଲେଖ ।



ଟିପ୍ପଣୀ

## ୩୨.୬ ଜନ ପର୍ଯ୍ୟଟନର ସମସ୍ୟା :

ନିମ୍ନଲିଖିତ ଦୃଷ୍ଟିକୋଣରୁ ଏହି ସମସ୍ୟାର ଆଲୋଚନା କରିବା ।

(କ) ପରିବେଶ ଉପରେ ପ୍ରଭାବ

(ଖ) ସ୍ଥାନୀୟ ଅର୍ଥ ବ୍ୟବସ୍ଥା ଉପରେ ପ୍ରଭାବ

(ଗ) ସ୍ଥାନୀୟ ସଂସ୍କୃତି ଉପରେ ପ୍ରଭାବ

**କ. ପରିବେଶ ଉପରେ ପ୍ରଭାବ :**

ପର୍ଯ୍ୟାବରଣ ସେତେବେଳ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିଥାଏ ଯେତେବେଳ ପର୍ଯ୍ୟନ୍ତ ଏହାକୁ ଧ୍ୱଂସ ମୁଖରୁ ରକ୍ଷା କରାଯାଇଥାଏ । ପର୍ଯ୍ୟଟନର କୁପ୍ରଭାବରୁ ଏହାର ସମସ୍ତ ଉପାଦାନ ଗୁଡ଼ିକୁ ସୁରକ୍ଷା କରିବାର ଆବଶ୍ୟକତା ଅଛି ।

ଘୋଡ଼ାଗାଡ଼ି, ଖଚର କିମ୍ବା ମନୁଷ୍ୟମାନଙ୍କର ଯାତାୟତ ଦ୍ୱାରା ସେମାନଙ୍କର ଖୁରା ଓ ପାଦର ଚାପ ଦ୍ୱାରା ମୃତ୍ତିକା ଚୂର୍ଣ୍ଣୀଭୂତ ହୁଏ ଏବଂ ଅନ୍ୟସ୍ଥାନକୁ ପରିବାହିତ ହୋଇଯାଏ । ବୋଝଭରା ଯାନବାହାନର ଭାରରେ ପିଚୁ ସଡ଼କ ଓ ପର୍ଯ୍ୟଟକମାନଙ୍କ ପାଇଁ ଥିବା ପାଦଚଲା ରାସ୍ତା ଉଭୟ କ୍ଷତିଗ୍ରସ୍ତ ହୋଇଥାଏ । ସଡ଼କରେ ସୃଷ୍ଟି ହେଉଥିବା ଫାଟ ଦେଇ ପାଣି ପ୍ରବାହ ଏବଂ ବରଫ ତରଳିବା ଦ୍ୱାରା ରାସ୍ତା ନଷ୍ଟ ହୋଇଯାଏ । ଜଙ୍ଗଲ ରାସ୍ତା ଏବଂ ପର୍ବତ ଢ଼ାଲୁରେ ପ୍ରବାହିତ ଜଳ ଦ୍ୱାରା ଉପର ମୃତ୍ତିକା କ୍ଷୟ ଘଟେ । ଏହାଦ୍ୱାରା ପର୍ଯ୍ୟଟକମାନେ ସେଠାକୁ ଯିବାକୁ ବିମୁଖ ହୁଅନ୍ତି । ପର୍ଯ୍ୟଟନ ସ୍ଥଳରେ ଅଧିକ ଜଳପ୍ରବାହ ସଡ଼କ ଏବଂ କୋଠାଘର ଗୁଡ଼ିକର ଭିତ୍ତିପ୍ରସ୍ତରକୁ ମଧ୍ୟ କ୍ଷତ ପହଞ୍ଚାଏ । ପ୍ଲାଷ୍ଟିକ, ଟିଣ, ରାସାୟନିକ ପ୍ରଦୂଷକ ଭଳି ଅଜୈବିକ ଅପଘଟନ ଅଯୋଗ୍ୟ ପଦାର୍ଥ ଏଣେତେଣେ ପଡ଼ିରହିବା ଦ୍ୱାରା ପରିବେଶ ପ୍ରଦୂଷିତ ହୁଏ । ଏପରିକି ଋତୁକାଳୀନ ପର୍ବତାରୋହୀମାନଙ୍କ ଦ୍ୱାରା ପର୍ବତ ଶିଖରରେ ମଧ୍ୟ ଏପରି ପଦାର୍ଥ ବିକ୍ଷିପ୍ତ ଭାବେ ପଡ଼ିଥିବାର ଲକ୍ଷ୍ୟ କରାଯାଏ । ସାଧାରଣ ପର୍ଯ୍ୟଟକ ଏବଂ ପଦଯାତ୍ରୀମାନଙ୍କୁ ମଧ୍ୟ ସେମାନଙ୍କର ଯାତାୟତ ପଥ ଏବଂ ଗନ୍ତବ୍ୟ ସ୍ଥଳକୁ ସଫାସୁତୁରା ରଖିବାପାଇଁ ସଚେତନ କରିବାର ଆବଶ୍ୟକ ଅଛି । ଅନିୟନ୍ତ୍ରିତ ପର୍ଯ୍ୟଟକ କୌଣସି ଗୋଟିଏ ଖୋଲା ଜାଗାରେ ଅଧିକ ସଂଖ୍ୟାରେ ଏକାଠି ହେଲେ ସେଠାକାର ଘାସ ନଷ୍ଟ ହୋଇଯାଏ । ତଦ୍ୱାରା କଣ୍ଟାଯୁକ୍ତ ଏବଂ କଠିନ ଜାତିର ଉଦ୍ଭିଦ ଓ ଘାସ ପ୍ରାଥମିକ ଉଦ୍ଭିଦର ସ୍ଥାନ ନେଇଥାଏ ।

ମିଳିତ ଜାତିସଂଘର ସଦ୍ୟତମ ପାରିସ୍ଥିତିକ ମୂଲ୍ୟାଙ୍କନ ରିପୋର୍ଟରେ ଦର୍ଶାଯାଇଛି ଯେ ସମସ୍ତ ପ୍ରକାର ମାନବୀୟ କାର୍ଯ୍ୟକଳାପର ପରିଣାମ ସ୍ୱରୂପ ଜୈବ-ବିବିଧତା ନଷ୍ଟ ହେବାରେ ଲାଗିଛି । ବନ୍ୟପଶୁ ପକ୍ଷୀ ମନୁଷ୍ୟ ଦାଉରୁ ରକ୍ଷାପାଇବା ପାଇଁ ସେ ସ୍ଥାନ ପରିତ୍ୟାଗ କରିବାକୁ ବାଧ୍ୟ ହେଉଛନ୍ତି । ସେମାନେ ଯଦି ପଳାୟନ ନକରି ପାରୁଥାନ୍ତେ ତେବେ ନିଶ୍ଚୟ ମୃତ୍ୟୁମୁଖରେ ପଡ଼ନ୍ତେ । ଭୂମି ଉପରିସ୍ଥ ବାସସ୍ଥଳୀର କ୍ଷତି, ଜଳର ଗୁଣାତ୍ମକ ହାନି, ଆଦ୍ରଭୂମି ଗୁଡ଼ିକରୁ ପଙ୍କୋଦ୍ଧାର, ଆର୍ଦ୍ରଭୂମିଗୁଡ଼ିକ ତାଙ୍କ ଦ୍ୱାରା ପୋତି ହୋଇପଡ଼ିବା ଏବଂ ଅତ୍ୟଧିକ ଧ୍ୱନୀ ପ୍ରଦୂଷଣ ଜୀବଜନ୍ତୁମାନଙ୍କୁ ବିଚଳିତ କରିଦେଉଛି । ଜବାହାରଲାଲଙ୍କ ଭାଷାରେ "ସଂସ୍କୃତି ଓ ସଭ୍ୟତା ସତ୍ତ୍ୱେ ମନୁଷ୍ୟ ତଥାକଥିତ ବନ୍ୟପ୍ରାଣୀ ମାନଙ୍କ ଠାରୁ ମଧ୍ୟ ଅଧିକ ଜଙ୍ଗଲୀ ଏବଂ ଭୟଙ୍କର ହେବାରେ ଲାଗିଛି ।"

ଗରିବ ଲୋକେ ମଧ୍ୟ ନିଜର ଅସହାୟତା ଯୋଗୁ ବନଭୂମିକୁ ଲୁଣ୍ଠନ କରିବାରେ ଲାଗିଛନ୍ତି । ଜୀବିତ ରହିଥିବା ବନ୍ୟପ୍ରାଣୀମାନଙ୍କୁ ନିରାପଦ ସ୍ଥାନରେ ବାସସ୍ଥଳ ଯୋଗାଇଦେବା ନିମନ୍ତେ ଅଭୟାରଣ୍ୟ ବା ପକ୍ଷୀବିହାର ଗୁଡ଼ିକରେ ସୁରକ୍ଷି ରଖାଯିବାର ବ୍ୟବସ୍ଥା କରାଯାଇଛି । ମାତ୍ର ଜଙ୍ଗଲର ଆଭ୍ୟନ୍ତରୀଣ ଭାଗରେ ବିକାଶ ମୂଳକ କାର୍ଯ୍ୟ ହେଉଥିବାର ରିପୋର୍ଟ ସେମାନଙ୍କର ସଂରକ୍ଷଣ ଲାଗି ପ୍ରତିକୂଳ ପରିସ୍ଥିତି ସୃଷ୍ଟି କରୁଛି । ଉଦାହରଣ ସ୍ୱରୂପ, ମହାରାଷ୍ଟ୍ରର ବିଖ୍ୟାତ ମେଲଘାଟ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ରସ୍ଥ ଜଙ୍ଗଲରେ ରହୁଥିବା ଗ୍ରାମବାସୀମାନଙ୍କୁ ପୁନର୍ବାସ ନକରି ସେଠାରେ ପକା ସଡ଼କ ନିର୍ମାଣ କରାଯାଇଛି । ବାଘମାନେ ଗ୍ରୀଷ୍ମଋତୁରେ ଏହି ସଡ଼କ ଦେଇ ଚାଲିବା



ଟିପ୍ପଣୀ

ଦ୍ୱାରା ସେମାନଙ୍କର ପାଦ ହଜିଯାଉଛି । ବାଘ ଯେହେତୁ ଏକ ସାମାଜିକ ପ୍ରାଣୀ ନୁହେ, ଏହି ରାସ୍ତାରେ ଚାଲୁଥିବା ଗାଡ଼ିଗୁଡ଼ିକର ଶବ୍ଦ ଦ୍ୱାରା ବିଚଳିତ ହୋଇଯାଉଛି । ସଡ଼କ ପଥ ଦେଇ ଶିକାରୀମାନେ ମଧ୍ୟ ସହଜରେ ସେଠାରେ ପହଞ୍ଚି ପାରୁଛନ୍ତି ।

ଉତ୍ତମ ଗୁଣଯୁକ୍ ପ୍ରଦୂଷଣ ରହିତ ଜଳ ଏବଂ ପର୍ଯ୍ୟାପ୍ତ ପରିମାଣରେ ଏହାର ସୁଲଭତା ପର୍ଯ୍ୟଟନ ଶିଳ୍ପକୁ ବଞ୍ଚାଇ ରଖିବା ନିମନ୍ତେ ନିହାତି ଆବଶ୍ୟକ । ସନ୍ତରଣ ପାଇଁ ସ୍ୱଚ୍ଛ ଜଳ ଏବଂ କପଡ଼ା ଧୋଇବା, ପିଇବା, ନର୍ଦ୍ଦମା ଓ ଅଳିଆ ସଫାକରିବା ଏବଂ ପରିବେଶକୁ ସଫାସୁତୁରା ଓ ନିର୍ମଳ ରଖିବା ଆଦି ନିମନ୍ତେ ଜଳର ଆବଶ୍ୟକତା ପର୍ଯ୍ୟଟନ ବୃଦ୍ଧିସହ ତାଳଦେଇ ବଢ଼ିବାରେ ଲାଗିଛି । ଭାରତ ଭଳି ଏକ ବୃହତ୍ ଏବଂ ବିଶାଳ ଜନସଂଖ୍ୟା ବିଶିଷ୍ଟ ଦେଶରେ ପାଣିର ଅଭାବ ଏବଂ ପ୍ରଦୂଷଣ ପରିବେଶକୁ ପ୍ରଦୂଷିତ କରିବା ସଂଗେ ସଂଗେ ରୋଗ ସୃଷ୍ଟି କରୁଛି । ପର୍ଯ୍ୟଟନ ସ୍ଥାନ ଗୁଡ଼ିକରେ ଦର୍ଶନାର୍ଥୀମାନଙ୍କର ଅନିୟନ୍ତ୍ରିତ ଯିବା ଆସିବା ଦ୍ୱାରା ପର୍ଯ୍ୟଟକମାନେ ସେ ସ୍ଥାନକୁ ପୁନର୍ବାର ଆସିବା ପାଇଁ ହତୋତ୍ସାହି ହେଉଛନ୍ତି । ଏହାଦ୍ୱାରା ସେମାନେ ସେ ସବୁ ସ୍ଥାନକୁ ନ ଆସିବାକୁ ମଧ୍ୟ ବିଚାର କରିପାରନ୍ତି । ଯେକୌଣସି ବିକାଶ ମୂଳକ କାର୍ଯ୍ୟକଳାପ ଯୋଗୁ ବହୁ ସମୟ ଧରି ପଡ଼ିରହୁଥିବା ଅଳିଆ ଆବର୍ଜନା, ପଚାସଢ଼ା ଓ ଅଇଁଠା ଖାଦ୍ୟ ଗୋଟିଏ ଜାଗାରେ ଜମା ହୋଇ ରହିବା, ଖାଲଜମି ପୂରଣ କରିବା ପାଇଁ କୁଢ଼ କୁଢ଼ ଅଳିଆ ଏବଂ ତୈଳାକ୍ତ ପଦାଥ ବହିଯିବା ଦ୍ୱାରା ପର୍ଯ୍ୟଟକମାନେ ସେସବୁ ସ୍ଥାନ ପ୍ରତି ବିକର୍ଷିତ ହୋଇଯାଆନ୍ତି । ଦୂଷିତ ଜଳାଶୟ ଗୁଡ଼ିକରେ ବଢ଼ିଥିବା ମାଛ ରେଷ୍ଟୁରାଣ୍ଟ ଗୁଡ଼ିକର ବର୍ଦ୍ଧିଷ୍ଣୁ ଚାହିଦା ପୂରଣ କରିବାକୁ ବ୍ୟବହାର କରିବା ଦ୍ୱାରା ସେମାନଙ୍କୁ କ୍ଷତି ସହିବାକୁ ପଡ଼େ ।

ଯଦି ପରିବେଶ ସଂରକ୍ଷଣ ଉତ୍ତମ ରୂପେ ନକରାଯାଏ, ତେବେ ଏହାର ପରିଣାମ ସ୍ୱରୂପ ପର୍ଯ୍ୟାବରଣରେ ହେଉଥିବା ପ୍ରତିକୂଳ ପରିବର୍ତ୍ତନ ପର୍ଯ୍ୟଟନ ଉଦ୍ୟୋଗ ଉପରେ କି ପ୍ରକାର କୁପ୍ରଭାବ ପକାଇବ ତାହା ଆଜିର ଏକ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ ।

ଏହା ଯଥାର୍ଥ ପଦବାଚ୍ୟ ଯେ ପର୍ଯ୍ୟଟନ = ପ୍ରାକୃତିକ ସୌନ୍ଦର୍ଯ୍ୟ + ବନପ୍ରାଣୀ + ସାଂସ୍କୃତିକ ଆକର୍ଷଣ + ପର୍ଯ୍ୟାବରଣ କୁ ହିଁ ବୁଝାଏ । ଏ ସମସ୍ତ ଏକ ଅଦୃଶ୍ୟ ଓ ବିଭାଜ୍ୟ ବ୍ୟବସ୍ଥାର ଉପାଦାନ ଅଟନ୍ତି । ପର୍ଯ୍ୟଟନର ଏହି ତତ୍ତ୍ୱଗୁଡ଼ିକୁ କ୍ଷୟ ମୁଖରୁ ରକ୍ଷାକରି ସେଗୁଡ଼ିକର ରକ୍ଷଣାବେକ୍ଷଣ କରାଯିବା ଆବଶ୍ୟକ ।

ଆମର ପୁରାତନ ସ୍ମାରକୀ ଗୁଡ଼ିକର ଆକର୍ଷଣ ବଜାୟ ରଖିବା ନିମନ୍ତେ ସେଗୁଡ଼ିକର ରକ୍ଷଣାବେକ୍ଷଣ ଠିକ୍ ଢ଼ଙ୍ଗରେ କରାଯାଉନାହିଁ । ଅଜନ୍ତା ଏଲୋରା ଏବଂ ଏଲିଫାଣ୍ଟ ଗୁମ୍ଫାରେ ବହୁ ସଂଖ୍ୟାରେ ପର୍ଯ୍ୟଟକମାନଙ୍କର ଭିଡ଼ ହେଉଥିବାରୁ ସେଠାରେ ଜଳୀୟବାଷ୍ପର ମାତ୍ରା ବହୁ ପରିମାଣରେ ବଢ଼ାଇ ଦେଉଛି । ଏହାଦ୍ୱାରା ଗୁମ୍ଫାର ଭିତର ଅଂଶରେ ବିନାବାଧାରେ ବାୟୁପ୍ରବାହ ହୋଇପାରୁନାହିଁ । ଏହି କାରଣରୁ ଏଗୁଡ଼ିକରେ କାନ୍ଥରେ ଅଙ୍କାଯାଇଥିବା ଚିତ୍ର ଏବଂ ପଥର ଗାତ୍ରରେ ଖୋଦିତ ଜଳରଂଗର ଚିତ୍ର ଆଦି ନଷ୍ଟ ହେବାକୁ ବସିଲାଣି । ପର୍ଯ୍ୟଟନ ସ୍ଥଳ ଜୟସାଲମୀର ଦୁର୍ଗ ସମୀପରେ ଥିବା ରୁଦ୍ଧ ନର୍ଦ୍ଦମାନାଳ ଏକ ଅପ୍ରୀତିକର ଦୃଶ୍ୟ ସୃଷ୍ଟିକରୁଛି । ହାମ୍ପିସ୍ଥିତ ମନ୍ଦିର ଏବଂ ମୂର୍ତ୍ତୀଗୁଡ଼ିକର ଅନୁପଯୁକ୍ତ ପ୍ରଯୁକ୍ତି ବିଦ୍ୟା ଦ୍ୱାରା କରାଯାଇଥିବା ସଂରକ୍ଷଣ ବ୍ୟବସ୍ଥା ଯୋଗୁ ମନ୍ଦିର ଗାତ୍ରରେ କ୍ଷତଚିହ୍ନ ସୃଷ୍ଟି ହେଲାଣି । ଖଜୁରାହୋ ମନ୍ଦିର ନିକଟବର୍ତ୍ତୀ ବିମାନ ବନ୍ଦରରେ ଉଡ଼ାଜାହାଜ ଅବତରଣ ଏବଂ ଉଡ଼ାଣ ଯୋଗୁ ସୃଷ୍ଟି ହେଉଥିବା କମ୍ପନ ଦ୍ୱାରା ମୂର୍ତ୍ତୀଗୁଡ଼ିକ ନଷ୍ଟ ହେବାକୁ ଗଲାଣି । ଏହି ବିମାନବନ୍ଦରଟି ମୁଖ୍ୟ ରୂପେ ପର୍ଯ୍ୟଟକମାନଙ୍କୁ ଶୀଘ୍ର ପହଞ୍ଚିବା ଏବଂ ପ୍ରତ୍ୟାବର୍ତ୍ତନ କରିବାର ଲକ୍ଷ୍ୟ ନେଇ ଖୋଲା ଯାଇଥିଲା । ଦିଲ୍ଲୀର ଜନ୍ତରମନ୍ତର ମଧ୍ୟ ସମ୍ପୂର୍ଣ୍ଣ ରୂପେ ଜ୍ୟୋତିର୍ବିଦ୍ୟା ଅନୁସାରେ କାର୍ଯ୍ୟ କରିପାରୁ ନାହିଁ କାରଣ ଆଖପାଖର ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକର ଅବାଧ ନିର୍ମାଣ ଗଢ଼ା ହୋଇଥିବା ବସ୍ତୁ ଗୁଡ଼ିକ ଉପରେ ଆବଶ୍ୟକ ପରିମାଣର ସୂର୍ଯ୍ୟକିରଣ ପଡ଼ିବାରେ ବାଧା ହେଉଛି ।

ଉଦାହରଣ ସ୍ୱରୂପ ଆଗ୍ରାସ୍ଥିତ ତାଜମହଲର ଆଖପାଖରେ ୧୦୫୦୦ ବର୍ଗ କି.ମି. କ୍ଷେତ୍ର ପରିଷ୍କାର କରିବା ପାଇଁ କୋର୍ଟ ଆଦେଶ ଦେଇଛନ୍ତି ଯଦ୍ୱାରା ତାଜମହଲକୁ ପୂର୍ବଭଳି ଝିଲମିଲ୍ ରଖାଯାଇପାରିବ । ଆଶଙ୍କା କରାଯାଉଥିଲା ଯେ, ମଥୁରା ତୈଳ ବିଶୋଧନାଗାର ଏବଂ ଆଖପାଖରେ ଥିବା ହଜାର ହଜାର ଶିଳ୍ପରୁ ନିର୍ଗତ

ଟିପ୍ପଣୀ

ପ୍ରଦୂଷକ ବାୟୁମଣ୍ଡଳକୁ ଦୂଷିତ କରିବା ଦ୍ୱାରା ଏହି ବିଶ୍ୱପ୍ରସିଦ୍ଧ ସ୍ମାରକୀ ତା'ର ଆକର୍ଷଣ ହରାଇବ । ବର୍ତ୍ତମାନ ଏ ସମସ୍ତ ଅଞ୍ଚଳକୁ 'ତାଜ ଟ୍ରାପିଜିୟମ' କୁହାଯାଉଛି । ଏହି ଅଞ୍ଚଳ ଭରତପୁର ପକ୍ଷୀବିହାର ଠାରୁ ଫିରୋଜାବାଦ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଛି । ଫିରୋଜାବାଦର ସମସ୍ତ କାଚ କାରଖାନା ଗୁଡ଼ିକୁ ହଟାଇ ଦିଆଯାଇଛି । ଏହାର ଚର୍ତୁପାଶ୍ୱରେ ଏକ ସବୁଜ ବଳୟ ମଧ୍ୟ ସୃଷ୍ଟି କରାଯାଇଛି । ମଥୁରା ତୈଳ ବିଶୋଧନାଗାର ଦ୍ୱାରା ହେଉଥିବା ବାୟୁ ପ୍ରଦୂଷଣକୁ ନିୟନ୍ତ୍ରଣ କରାଯାଇପାରୁଛି । ମାତ୍ର ଯମୁନା ନଦୀ ଅନ୍ୟ ନଦୀଗୁଡ଼ିକ ଭଳି ନାଳନର୍ଦ୍ଦମା ପୂର୍ଣ୍ଣ ହୋଇ ରହିଛି । ଏହାର କୂଳେ କୂଳେ ଅବସ୍ଥିତ ସହରଗୁଡ଼ିକ ନଦୀକୁ ପ୍ରଦୂଷିତ କରିଚାଲିଛନ୍ତି ।

ଅନ୍ୟ ଏକ ସଫଳ କାହାଣୀ ହେଲା ଦିଲ୍ଲୀ ସହରର ବାୟୁ ପ୍ରଦୂଷଣ ସମସ୍ୟାର ନିରାକରଣ । ଏହା ପେଟ୍ରୋଲ୍ ଓ ଡ଼ିଜେଲ ଚାଳିତ ଯାନବାହାନ ସଂଖ୍ୟାରେ ଅହେତୁକ ବୃଦ୍ଧିଯୋଗୁ ହେଉଥିଲା । ଦିଲ୍ଲୀକୁ ମଧ୍ୟ ଏକ ସମୟରେ କଠିନ ସମସ୍ୟା ଦେଇ ଗତି କରିବାକୁ ପଡ଼ିଥିଲା ଯେତେବେଳେ ସମସ୍ତ ପେଟ୍ରୋଲ ଓ ଡ଼ିଜେଲ ଚାଳିତ ସ୍ଥାନୀୟ ବସ୍ ଓ ଟ୍ୟାକ୍ସିଗୁଡ଼ିକୁ ସି.ଏନ୍.ଜି- (ସଙ୍କୁଚିତ ପ୍ରାକୃତିକ ଗ୍ୟାସ)କୁ ପରିବର୍ତ୍ତନ କରିବାକୁ ପଡ଼ିଥିଲା । ଏହାର ପରିଣାମ ସ୍ୱରୂପ, ବାୟୁରେ ପ୍ରଦୂଷକର ମାତ୍ରାରେ ଦ୍ରୁତ ହ୍ରାସ ଘଟିଲା । ଏବେ ସହର ରାସ୍ତାରେ ଚାଲିଲାବେଳେ ଶ୍ୱାସପ୍ରଶ୍ୱାସ ନେବା ଆଣିବା ସହଜ ହେଲା । ମାତ୍ର ଆଜି ବି ରାଜଧାନୀରେ ଅନେକ ନର୍ଦ୍ଦମା, ଫ୍ୟାକ୍ଟେରୀରୁ ବାହାରୁଥିବା ବର୍ଜ୍ୟବସ୍ତୁ ଏବଂ ଯମୁନା ନଦୀକୁ ନିଷ୍କାସିତ ହେଉଥିବା ନର୍ଦ୍ଦମା ପାଣି ନିୟନ୍ତ୍ରଣ କରିବାର ଆବଶ୍ୟକତା ଅଛି ।

ଆଜିକାଲି ଏକଥା ସମସ୍ତେ ଅନୁଭବ କଲେଣି ଯେ, ଜନସାଧାରଣଙ୍କର ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପକାଉଥିବା ପ୍ରଦୂଷକ ଗୁଡ଼ିକୁ ନିୟନ୍ତ୍ରଣ କରାଯିବା ଉଚିତ୍ । ଏହି ସହରରେ ଥିବା ଶହେବର୍ଷରୁ ଅଧିକ ପୁରୁଣା ଅଧିକାଂଶ ଐତିହ୍ୟ କୋଠାଗୁଡ଼ିକୁ ସ୍ମାରକୀ ହିସାବରେ ତା'ର ମୂଳ ରୂପରେ ସଂରକ୍ଷଣ କରି ରଖିବା ଦିଗରେ ପ୍ରୟାସର ଆବଶ୍ୟକତା ଅଛି । ଦେଶର ରାଜଧାନୀର ନିକଟବର୍ତ୍ତୀ ସ୍ଥାନରେ ବେଆଇନ ଖଣିଖନନ ଏବଂ ସେଗୁଡ଼ିକରେ ଶାରୀରିକ ଶ୍ରମ ବଦଳରେ ଡ଼ିନାମାଇଟ୍ ବ୍ୟବହାର ହେଉଥିବାର ଖବର ମିଳୁଛି । ଏହା ଫଳରେ ବ୍ରଜଭୂମି ମଥୁରା ବୃନ୍ଦାବନର ଅତି ପୁରାତନ ଶିଳାର ସୌନ୍ଦର୍ଯ୍ୟ ନଷ୍ଟ ହେଉଛି ।

ଉପର୍ଯ୍ୟୁକ୍ତ ଉଦାହରଣ ଗୁଡ଼ିକରୁ ଆମକୁ ସୂଚନା ମିଳୁଛି ଯେ, ବାୟୁ, ଜଳ ଓ ଭୂମିର କ୍ରମବର୍ଦ୍ଧିଷ୍ଣୁ ପ୍ରଦୂଷଣ ଦ୍ୱାରା ପର୍ଯ୍ୟଟନର ମୂଳଦୁଆକୁ ସୁଦୃଢ଼ କରୁଥିବା ସମ୍ବଳଗୁଡ଼ିକ ନଷ୍ଟ ହେବାରେ ଲାଗିଛି । ତେଣୁ ଏଗୁଡ଼ିକର ପ୍ରତିକୂଳ ପ୍ରଭାବକୁ ରୋକିବାକୁ ପଡ଼ିବ ।

ଏହା ସତ୍ୟଯେ, ଜନ ପର୍ଯ୍ୟଟନର ପରିଣାମ ସାଧାରଣତଃ ଭୟଙ୍କର ହୋଇଥାଏ । ଏହାଦ୍ୱାରା ଭୌତିକ ରୂପରେ ଅନେକ ବେଳାଭୂମି ଅନଧିକାର ଭାବେ ଦୁର୍ବଳ କୋଠା ନିର୍ମାଣ ଦ୍ୱାରା କବଳିତ ହୁଏ ଏବଂ ଜୁଆରିଆ ଅରଣ୍ୟ ସଂପୂର୍ଣ୍ଣ ରୂପେ ଧ୍ୱଂସ ପାଇଯାଏ । ଏହାଦ୍ୱାରା ଜଙ୍ଗଲପୂର୍ଣ୍ଣ ପର୍ବତ ଢ଼ାଲୁ ଗୁଡ଼ିକ ବୃକ୍ଷଶୂନ୍ୟ ହେବା ଦ୍ୱାରା ଜଳର ପ୍ରବାହ ଅସ୍ୱାଭାବିକ ହେବା ସଂଗେ ଭୂଗର୍ଭ ଜଳସ୍ତର ହ୍ରାସ ପାଇଛି । କେବଳ ପର୍ଯ୍ୟଟନମାନଙ୍କ ସଂଖ୍ୟା ନିୟନ୍ତ୍ରଣ କରିଦେଲେ ଏସବୁ ସମସ୍ୟାର ସମାଧାନ ହୋଇଯିବ ନାହିଁ । ସ୍ଥାନୀୟ ଲୋକ ଏବଂ ପ୍ରଶାସନର ସହଭାଗିତା ଏହାର ସଂରକ୍ଷଣ ନିମନ୍ତେ ଅତ୍ୟନ୍ତ ଆବଶ୍ୟକ ।

ସ୍ଥାନୀୟ ଅଧିବାସୀମାନଙ୍କର ବନ୍ୟ ଜୀବ ସଂରକ୍ଷଣ ପାଇଁ ଅଭୟାରଣ୍ୟକୁ ନିୟନ୍ତ୍ରଣ କରୁଥିବା କର୍ମଚାରୀମାନଙ୍କ ସହିତ ମତଭେଦ ଓ ଶତ୍ରୁ ମନୋଭାବ ଅଭୟାରଣ୍ୟର ଅସ୍ତିତ୍ୱକୁ ନେଇ ପ୍ରଶ୍ନାବଳୀ ସୃଷ୍ଟିକରେ । ଗ୍ରାମୀଣ ଜନତା ପଶୁପାଳନ କରି ଜୀବିକା ନିର୍ବାହ କରନ୍ତି । ତେଣୁ ସେମାନେ ପଶୁମାନଙ୍କ ଉପରେ ନିର୍ଭରଶୀଳ । ସେମାନଙ୍କୁ ଅଭୟାରଣ୍ୟର ପରିସୀମା ମଧ୍ୟରୁ ବାହାର କରିଦିଆଯାଇଛି । ଛୋଟ ଛୋଟ କୃଷିକ୍ଷେତ୍ରରେ କୃଷିକାର୍ଯ୍ୟ କରିବାକୁ ମଧ୍ୟ ବାସନ୍ଦ କରାଯାଇଛି । ଜୀବିକା ନିର୍ବାହ ପାଇଁ ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ । ସ୍ଥାନୀୟ ଲୋକେ ଗୌଣ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ନିଯୁକ୍ତି ପାଇପାରନ୍ତେ । ପର୍ଯ୍ୟଟକମାନଙ୍କୁ ଗାଡ଼ିରେ ନେବା ଆଣିବା ପାଇଁ ଜିପ୍ ଚାଳନା ଗାଇଡ୍ କାମ କରିବା ଖାଦ୍ୟ ବ୍ୟବସ୍ଥା କରିବା ଆଦି କ୍ଷେତ୍ରରେ ପ୍ରଶିକ୍ଷଣ



ଟିପ୍ପଣୀ

ଦିଆଯାଇପାରନ୍ତା । ସେମାନଙ୍କର ଆୟର ପନ୍ଥା ସୁରକ୍ଷିତ କରାଯାଇ ନାହିଁ କି ସେମାନଙ୍କର ଗାଁକୁ ପୁନଃସ୍ଥାପନ କରାଯାଇନାହିଁ । ରହିବା ପାଇଁ ଜମି ମାଲିକାନା ମଧ୍ୟ ହସ୍ତାନ୍ତର କରାଯାଇ ନାହିଁ । ଆଗନ୍ତୁକ ପର୍ଯ୍ୟଟକମାନଙ୍କର ସଂଖ୍ୟା ନିୟନ୍ତ୍ରଣ କଳାପରେ ମଧ୍ୟ ବନ୍ୟଜନ୍ତୁ ଏବଂ ପକ୍ଷୀ ସଂରକ୍ଷଣ କରିବାର ପ୍ରୟାସ ଗ୍ରାମବାସୀ ଏବଂ ପାର୍କ ପ୍ରଶାସନ ଅଧିକାରୀ ମାନଙ୍କ ମଧ୍ୟରେ ଥିବା ମତାନୈକ ଦୂର ନହେବା ପର୍ଯ୍ୟନ୍ତ ସମ୍ଭବ ହେବନାହିଁ ।

- ଐତିହ୍ୟ ପର୍ଯ୍ୟଟନରେ ସ୍ମାରକୀ ବ୍ୟତୀତ ନିକଟସ୍ଥ ପର୍ଯ୍ୟାବରଣର ସମସ୍ତ କାରକ ଯଥା, ମୃତ୍ତିକା, ଉଦ୍ଭିଦ ଓ ଜୀବଜନ୍ତୁ ଏବଂ ଜଳରେ ଫୁଟୁଥିବା ଫୁଲ ଆଦିର ସଂରକ୍ଷଣ କରାଯିବା ଦରକାର ।
- କେବଳ ପର୍ଯ୍ୟଟନ ସଂଖ୍ୟା ନିୟନ୍ତ୍ରଣ ସମସ୍ୟାର ସମାଧାନ ନୁହେଁ । ପର୍ଯ୍ୟଟନର ବାସ୍ତବ ବିକାଶ ନିମନ୍ତେ ଗୌଣ ପର୍ଯ୍ୟଟନର ବାସ୍ତବ ବିକାଶ ନିମନ୍ତେ ଗୌଣ ପର୍ଯ୍ୟଟନ ସହିତ ସ୍ଥାନୀୟ ଅଧିବାସୀମାନଙ୍କର ସହଭାଗିତା ଅତ୍ୟନ୍ତ ଆବଶ୍ୟକ ।

### ଖ. ସ୍ଥାନୀୟ ଅର୍ଥବ୍ୟବସ୍ଥା ଉପରେ ପ୍ରଭାବ :

ପର୍ଯ୍ୟଟକ ମାନଙ୍କର ପସନ୍ଦଯୋଗ୍ୟ ପର୍ଯ୍ୟଟନ ସ୍ଥଳୀଗୁଡ଼ିକୁ ବହୁସଂଖ୍ୟାରେ ଅନିୟନ୍ତ୍ରିତ ଆଗମନ ସ୍ଥାନୀୟ ସମ୍ବଳ ଉପରେ ଅତ୍ୟଧିକ ଚାପ ପକାଇଥାଏ । ପର୍ଯ୍ୟଟନର ପ୍ରଥମ ପ୍ରଭାବ ହେଲା ପର୍ଯ୍ୟଟନମାନଙ୍କର ଭ୍ରମଣ ଦ୍ୱାରା ଅର୍ଥ ଗୋଟିଏ କ୍ଷେତ୍ରରୁ ଅନ୍ୟ କ୍ଷେତ୍ରକୁ ହସ୍ତାନ୍ତରଣ । ଏହା ଆପଣାଛାଏଁ ଏକ ଅଭିନନ୍ଦନୀୟ ବିକାଶ । ମାତ୍ର ଅପେକ୍ଷାକୃତ ସ୍ୱଳ୍ପ ବିକଶିତ କ୍ଷେତ୍ରରେ ଅର୍ଥର ଆଗମନ ନୂତନ ସମସ୍ୟା ସୃଷ୍ଟି କରିଥାଏ । ଜମିର ମୂଲ୍ୟ ବଢ଼ିଯାଏ କାରଣ ପର୍ଯ୍ୟଟକମାନଙ୍କ ପାଇଁ ହୋଟେଲର ଅଧିକ ଚାହିଦା ଥାଏ । ଶୀଘ୍ର ନଷ୍ଟ ହୋଇଯାଉଥିବା ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଯଥା :- କ୍ଷୀର, ଅଣ୍ଡା, ପନିପରିବା, ଫଳ ଆଦିର ମୂଲ୍ୟ ପ୍ରତିଶୃତିବାନ୍ ପର୍ଯ୍ୟଟନ ସ୍ଥଳୀରେ ଅତିମାତ୍ରାରେ ବଢ଼ିବାକୁ ଲାଗେ । ପର୍ଯ୍ୟଟକମାନଙ୍କ ସେବାରେ ନିଯୁକ୍ତ ଶ୍ରମିକ ମାନଙ୍କର ମଜୁରୀ ମଧ୍ୟ ବଢ଼ିଯାଏ । ନୂତନ ଆୟ ପନ୍ଥା ସୃଷ୍ଟି ଏବଂ ଆୟ ବୃଦ୍ଧି ଏକ ଖୁସିର ଖବର ।

ମାନ୍ଦା ଅର୍ଥ ବ୍ୟବସ୍ଥା ଥିବା ପଡ଼ୋଶୀ କ୍ଷେତ୍ରରୁ ରୋଜଗାର ଆଶାରେ ଶ୍ରମିକମାନେ ଏ ସ୍ଥାନକୁ ଆସିବାକୁ ଲାଗନ୍ତି । ଯଦିଓ ଏମାନେ କେତେକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀକୁ ଅନବରତ ଆସିଥାଆନ୍ତି । ପ୍ରାରମ୍ଭିକ ଅବସ୍ଥାରେ ନୂତନ ରୋଜଗାର ସୃଷ୍ଟି ସତ୍ତ୍ୱେ ବେକାରୀ ସମସ୍ୟା ବଢ଼େ । ଯଦି ଏହା ସହିତ ତାଳଦେଇ ପୁରୁଣା ଏବଂ ନୂଆକରି ଗଢ଼ି ଉଠୁଥିବା ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକରେ ବିକାଶ ସମ୍ଭବ ହୁଏ, ତେବେ ପରିସ୍ଥିତି ପରିବର୍ତ୍ତିତ ହୋଇଥାଏ ।

ପାର୍ବତୀୟ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ପର୍ଯ୍ୟଟନ ଋତୁରେ ଯଦି ଆଗନ୍ତୁକ ପର୍ଯ୍ୟଟକମାନଙ୍କ ସଂଖ୍ୟାରେ ସାମାନ୍ୟ ବୃଦ୍ଧି ହୁଏ, ତେବେ ସ୍ଥାନୀୟ ଜଳ ଏବଂ ବିଦ୍ୟୁତ୍ ଯୋଗାଣ ଉପରେ ଚାପ ପଡ଼େ । ପୃଥକ୍ ଭାବେ ଏକ ସଂଗେ ଅନେକ ଗୁଡ଼ିଏ ବସ୍‌ରେ ପ୍ୟାକେଜ୍ ଟୁରର ବ୍ୟବସ୍ଥା ବିକାଶଶୀଳ ଦେଶରେ ଦର୍ଶନାର୍ଥୀଙ୍କର ଆବଶ୍ୟକତାକୁ ପୂରଣ କରିବାରେ ଅସମର୍ଥ ହେଉଛି । ଏଥିପାଇଁ ଆବଶ୍ୟକ ଅନେକ ସୁବିଧା ବା ସେବା ସ୍ଥାନୀୟ ଏବଂ ପର୍ଯ୍ୟଟକମାନଙ୍କର ଆପୋଷ ସହାୟତାରେ ହୋଇଥାଏ । ମାତ୍ର ଏଥିରେ ସ୍ଥାନୀୟ ଲୋକମାନଙ୍କୁ ହିଁ ସର୍ବଦା ଅସୁବିଧାରେ ପଡ଼ିବାକୁ ହୁଏ, କାରଣ ସମ୍ବଳର ପରିମାଣ କମ୍ ଏବଂ ମୂଲ୍ୟ ଅଧିକ ହୋଇଯାଏ । ଏପରି ସ୍ଥିତିରେ ରୋଜଗାରରେ ଲାଭ ଦୃଷ୍ଟିରୁ ସ୍ଥାନୀୟ ଅଧିବାସୀମାନଙ୍କର ସାମାଜିକ କଲ୍ୟାଣ କ୍ଷତିଗ୍ରସ୍ତ ହୁଏ । ଜମିଦର ବୃଦ୍ଧି, ସ୍ୱଳ୍ପ ଜମିଥିବା ମାଲିକମାନଙ୍କ ନିଜ ଜମିରୁ ଉଚ୍ଛେଦ ହେବାକୁ ବାଧ୍ୟ କରେ । କୃଷିଜୀବି ଶ୍ରମିକ ମାନଙ୍କର ସଂଖ୍ୟା କ୍ରମେ ହ୍ରାସ ପାଏ କାରଣ ଶ୍ରମଶକ୍ତି ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀକୁ କାମ ସନ୍ଧାନରେ ସ୍ଥାନାନ୍ତରଣ ହୋଇଯାଏ । ପ୍ରଭାବିତ ଅଞ୍ଚଳରେ କୃଷି ଉତ୍ପାଦିକା ଶକ୍ତିତ କମ୍ ହେବାକୁ ଲାଗେ । ପରିସ୍ଥିତିରେ ପରିବର୍ତ୍ତନ ଯୋଗୁ ଏ ସମସ୍ତ ଏବଂ ଆହୁରି ଅନେକ ସମସ୍ୟା ସୃଷ୍ଟି ହେବା ଅନିବାର୍ଯ୍ୟ ହୋଇଥାଏ ।



ଟିପ୍ପଣୀ

ପର୍ଯ୍ୟଟକମାନଙ୍କର ବିଶାଳ ସଂଖ୍ୟା ଏବଂ ପର୍ଯ୍ୟଟନକ୍ଷେତ୍ରର ସେଗୁଡ଼ିକୁ ବହନ କରିବାର କ୍ଷମତା ବୃଦ୍ଧି ନିମନ୍ତେ ପୂର୍ବରୁ ଯୋଜନା କରିବାର ଆବଶ୍ୟକତା ଅଛି । ଯଦି ସ୍ଥାନୀୟ ଅର୍ଥ ବ୍ୟବସ୍ଥା ଉପରେ ଆଗନ୍ତୁକ ପର୍ଯ୍ୟଟକମାନଙ୍କର ଚାପ ସୀମା ଭିତରେ ନରହେ ତେବେ ପର୍ଯ୍ୟଟନ ସମ୍ବଳ ଅବ୍ୟବହୃତ ଅବସ୍ଥାରେ ମହଜୁଦ ଥିଲେ ମଧ୍ୟ ସେଗୁଡ଼ିକ କୌଣସି କାମରେ ଲାଗିପାରେ ନାହିଁ ଅର୍ଥାତ୍ ନଷ୍ଟ ହୋଇଯାଏ ।

- ◆ ପର୍ଯ୍ୟଟନ ସ୍ଥଳକୁ ଅପେକ୍ଷାକୃ କମ୍ ମାତ୍ର ଅନିୟନ୍ତ୍ରିତ ସଂଖ୍ୟକ ପର୍ଯ୍ୟଟକମାନେ ଆସିଲେ ମଜୁରୀ, ଜମି ଏବଂ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଗୁଡ଼ିକର ମୂଲ୍ୟ ବୃଦ୍ଧି ପାଏ ।
- ◆ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକ ମାନଙ୍କ ଦ୍ୱାରା ବ୍ୟବହୃତ ଜଳ ଏବଂ ବିଦ୍ୟୁତର ଆବଶ୍ୟକତା ଠାରୁ କମ୍ ଯୋଗାଣ ହେତୁ ଏସବୁର ଅଭାବ ଘଟେ । ଫଳତଃ ସ୍ଥାନୀୟ ଲୋକେ ହିଁ ଅଧିକ ହଇରାଣରେ ପଡ଼ନ୍ତି ।
- ◆ ପର୍ଯ୍ୟଟନ ସ୍ଥାନର ବହନ କ୍ଷମତା ପର୍ଯ୍ୟଟକମାନଙ୍କର ସଂଖ୍ୟା ବୃଦ୍ଧି ସହିତ ରୋଜଗାର ପାଇବା ପାଇଁ ଆସୁଥିବା ଲୋକ ସଂଖ୍ୟାର ସାମଞ୍ଜସ୍ୟ ରହିବା ଆବଶ୍ୟକ, ନଚେତ୍ ସମସ୍ୟା ଉପୁଜିବାର ଆଶଙ୍କା ଅଛି ।

### ଗ. ସ୍ଥାନୀୟ ସଂସ୍କୃତି ଉପରେ ପ୍ରଭାବ :

ଭାରତ ଭଳି ଏକ ବିକାଶୋନ୍ମୁଖୀ ଦେଶରେ ପର୍ଯ୍ୟଟନରୁ ଆର୍ଥୀକ ଲାଭ ସର୍ବଦା ସ୍ୱାଗତ ଯୋଗ୍ୟ । ମାତ୍ର ଏହାର ସାମାଜିକ ପ୍ରଭାବକୁ ସହଜରେ ଗ୍ରହଣ କରାଯାଇ ପାରେନା । ପର୍ଯ୍ୟଟନ ସ୍ଥଳରେ ରହୁଥିବା ଲୋକଙ୍କ ମନରେ ଏହା ପ୍ରତିକ୍ରିୟା ସୃଷ୍ଟିକରେ । ଏହା ଦୁଇଟି ଭିନ୍ନ ଭିନ୍ନ ମୂଲ୍ୟବୋଧ ମଧ୍ୟରେ ସଂଘାତର ପରିଣାମରୁ ସୃଷ୍ଟି ହୋଇଥାଏ । ଏକଥା କୌଣସି ସାଧାରଣ ବ୍ୟକ୍ତି କହିନାହାନ୍ତି ବରଂ ସ୍ୱୟଂ ଗାନ୍ଧିଜୀ କହିଥିଲେ ଯେ, ଦେଶ କେବଳ ଗଣତନ୍ତ୍ର ଶାସନ କିମ୍ବା ଅର୍ଥନୈତିକ ଅଭିବୃଦ୍ଧିକୁ ଆଧାର କରି ବଞ୍ଚିରହେ ନାହିଁ । ଲୋକମାନେ ନିଜର ପରମ୍ପରାକୁ ନେଇ ଗର୍ବ କରିବା ସଂଗେ ସଂଗେ ନିଜର ପରିଚୟ ବଜାୟ ରଖିବା ଆବଶ୍ୟକ । ଏହା କହିବାର ଆବଶ୍ୟକ ନାହିଁ ଯେ ଭାରତର ସ୍ୱାଧୀନତା ପ୍ରାପ୍ତି ପରେ, ଆମର ଲୋକେ ନିଜର କଳା, ସଂସ୍କୃତିକୁ ପୁନର୍ଜିବିତ କରିବାକୁ ଅଧିକ ଧ୍ୟାନ ଦେବା ଦ୍ୱାରା ଦେଶର ଭିନ୍ନ ଭିନ୍ନ ରାଜ୍ୟଗୁଡ଼ିକର ନିଜସ୍ୱ ପରିଚୟ ବୃଦ୍ଧି ପାଇଲା ।

କିନ୍ତୁ ଆମର ପରମ୍ପରା ଏବଂ ସଂସ୍କୃତିକୁ ଆଘାତ ଦେବା ପାଇଁ ପ୍ରୟାସ କରାଯାଇଥିଲା । ଏହି ପ୍ରୟାସ ସୀମା ଲଙ୍ଘିବାକୁ ବସିଥିଲା ଯେତେବେଳେ ଚେନ୍ନାଇ ନିକଟବର୍ତ୍ତୀ ଏକ ଲୋକପ୍ରିୟ ସମୁଦ୍ରକୂଳସ୍ଥ ମହାବଳୀପୁରମ୍ ନାମକ ଛୋଟିଆ ସହରକୁ ଦଖଲ କରି ଏକ ସଂପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀରେ ପରିଣତ କରିବା ପାଇଁ କଥା ଉଠିଥିଲା । ଏ ସ୍ଥାନଟି ଏଠାରେ ଥିବା ପରମ୍ପରାଗତ କଳା ଏବଂ ଭାସ୍କର୍ଯ୍ୟ ନିମନ୍ତେ ଅଧିକ ଐତିହାସିକ ପ୍ରସିଦ୍ଧି ଲାଭ କରିଥିଲା । ଏପରି ଏକ ଅନ୍ତର୍ରାଷ୍ଟ୍ରୀୟ ହସ୍ତକ୍ଷେପ ସ୍ଥାନୀୟ ଲୋକଙ୍କ ଦ୍ୱାରା ତାଙ୍କର ପରମ୍ପରାଗତ ଗାଥାକୁ ପ୍ରସ୍ତର ଦେହରେ ଖୋଦ ନକରି ବ୍ୟକ୍ତ କରିଥିବା ଭାସ୍କର୍ଯ୍ୟ ଚିରଦିନ ପାଇଁ ବିଲୁପ୍ତ ହୋଇଯାଇଥାନ୍ତା ଏବଂ ସେମାନେ ମଧ୍ୟ ବାସହରା ହେବାକୁ ବାଧ୍ୟ ହୋଇଥାନ୍ତେ । ଏହାଦ୍ୱାରା ବିଦେଶୀ ପର୍ଯ୍ୟଟକମାନଙ୍କୁ ଏହା ବେଳାଭୂମିରେ ନିର୍ଦ୍ୱନ୍ଦରେ ବିଚରଣ କରିବା ଏବଂ ସେମାନଙ୍କର ସ୍ୱଳ୍ପବସ୍ତ୍ର ପରିହିତା ମହିଳାମାନେ ମଧ୍ୟ ବିନା ଦ୍ୱିଧାରେ ସମୁଦ୍ର ବେଳାଭୂମିରେ ପଡ଼ି ରହିବା ପାଇଁ ସ୍ୱାଧୀନତା ମିଳି ଯାଇଥାନ୍ତା । ଏପରି ଏକ ଫେସନର ଭାରତୀୟ ସଂସ୍କୃତି ଓ ପରମ୍ପରା ସହିତ କୌଣସି ସାମଞ୍ଜସ୍ୟ ନାହିଁ । ଏପରି ଏକ ଅନ୍ତର୍ରାଷ୍ଟ୍ରୀୟ ପର୍ଯ୍ୟଟନ ସହରକୁ ସ୍ୱୀକାର କରିନେଇଥିଲେ, ବିଦେଶୀ ଏବଂ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ସଂସ୍କୃତିର ସଂଘାତ ସବୁଦିନ ପାଇଁ ଏଡ଼େଇ ଦିଆଯାଇ ପାରିଥାଆନ୍ତା । ଯେଉଁମାନେ ପ୍ରସ୍ତାବ ଦେଇଥିଲେ ଏବଂ ଯେଉଁମାନେ ଏହାକୁ ସ୍ୱୀକାର କରିବାକୁ ରାଜିଥିଲେ ସେମାନେ କହିବାକୁ ଲାଗିଲେ ଯେ ଏପରି ଏକ ମନୋରଂଜନ ଧର୍ମୀ ପର୍ଯ୍ୟଟନ ଦ୍ୱାରା ଅଧିକ ଅର୍ଥ ଆୟ କରାଯାଇପାରିବ । ମାତ୍ର ଅନ୍ୟ ଲୋକମାନେ ଏହାକୁ ସାଂସ୍କୃତିକ



ଟିପ୍ପଣୀ

ଉପନିବେଶବାଦ ଆଖ୍ୟା ଦେଇ ପୁନର୍ବାର ଭାରତକୁ କବଳିତ କରିବାର ଏପରି ଏକ ଘୃଣ୍ୟ ପ୍ରୟାସ ବିରୁଦ୍ଧରେ ପ୍ରତିବାଦ କରିଥିଲେ । ଭିନ୍ନ ଭିନ୍ନ ସମୟରେ ବିଭିନ୍ନ ସ୍ତରରେ ଏପରି ସାଂସ୍କୃତିକ ସଂଘାତର ସୂଚନା ଦେଶର ଅନେକ ପର୍ଯ୍ୟଟନ କେନ୍ଦ୍ରରୁ ମିଳିଥାଏ ।

ଜନ ପର୍ଯ୍ୟଟନର ପ୍ରତିକୂଳ ସାମାଜିକ ପ୍ରଭାବ ଆଗନ୍ତୁକ ପର୍ଯ୍ୟଟକ ଏବଂ ସ୍ଥାନୀୟ ଅତିଥି ସତ୍କାରକ ମାନଙ୍କ ମଧ୍ୟରେ ସଂଘାତରୁ ସୃଷ୍ଟି ହୁଏ । ଏଭଳି ସଂଘାତ ତିନୋଟି ସମ୍ଭାବ୍ୟ କାରଣରୁ ହୋଇଥାଏ ।

(i) ପର୍ଯ୍ୟଟକ ଯେତେବେଳେ ବଜାରରୁ ଜିନିଷ ବା ସେବା କ୍ରୟ କରେ ପର୍ଯ୍ୟଟନସ୍ଥଳୀର ଅତିଥି ସତ୍କାରରେ ନିୟୋଜିତ ଅନେକ ବ୍ୟକ୍ତି ନିରାଶାର ଶିକାର ହୁଅନ୍ତି କାରଣ ଏପରି ସେବାର ବିକ୍ରିରୁ ମିଳୁଥିବା ଆର୍ଥିକ ଲାଭାଂଶ ସେମାନେ ପାଇନଥାନ୍ତି । ପର୍ଯ୍ୟଟକମାନଙ୍କୁ ପ୍ରଦାନ କରାଯାଉଥିବା ଆତିଥ୍ୟ ସତ୍କାର ବସ୍ତୁ ବା ସେବାର ବିକ୍ରିରୁ ସର୍ବାଧିକ ମୂଲ୍ୟ ପାଇବାର ଏକ କୌଶଳ ଥାଏ । ପର୍ଯ୍ୟଟକ ମାନଙ୍କର ସ୍ୱାଗତ ସମାରୋହ ପାରମ୍ପରିକ ରୀତିରେ ହୋଇନଥାଏ ବରଂ କେବଳ ବ୍ୟାପାରିକ ହୋଇଥାଏ । ଏଥିରେ ସ୍ଥାନୀୟ ଲୋକମାନଙ୍କର ବ୍ୟକ୍ତିଗତ ଜୀବନ ପ୍ରତିବିମ୍ବିତ ହୋଇ ନଥାଏ ।

(ii) ଯେଉଁଠି ପର୍ଯ୍ୟଟକ ଓ ଅତିଥି ସତ୍କାର କରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଏବଂ ମୁହାଁମୁହିଁ ଭାବେ ସଂପର୍କ ସ୍ଥାପନ ହୋଇଯାଏ, ସେତେବେଳେ ସ୍ଥାନୀୟ ପରିବାର ଏପରିକି ପରିବାରର ମହିଳା ସଦସ୍ୟମାନଙ୍କ ସହିତ ଫଟୋ ଉଠାଇ ନିଆଯାଏ । ଏହାଦ୍ୱାରା ସନ୍ଦେହ ସୃଷ୍ଟିହେବାର ଆଶଙ୍କା ଥାଏ କାରଣ ପର୍ଯ୍ୟଟକମାନେ ସ୍ଥାନୀୟ ସଂସ୍କୃତ ଏବଂ ସାମାଜିକ ଚାଲିଚଳନ ସହିତ ପରିଚିତ ନଥାନ୍ତି । ଏପରି ସ୍ଥିତିରେ ସ୍ଥାନୀୟ ବ୍ୟକ୍ତିକୁ ଏକ କୌତୁହଳୋଦ୍ଦିପକ ବସ୍ତୁ ରୂପେ ମାନି ନିଆଯାଏ । ସମୟେ ସମୟେ ପର୍ଯ୍ୟଟକମାନଙ୍କର ମନ୍ଦିର ଭିତରକୁ ଅବାଧ ପ୍ରବେଶ କିମ୍ବା କୌଣସି ଉତ୍ସବ ବା ମେଳାରେ ବିନା ଅନୁମତି ବା ସ୍ଥାନୀୟ ରୀତିନୀତି ପାଳନ ନକରି ଭାଗନେବା ଦ୍ୱାରା ଅପ୍ରତୀକର ପରିସ୍ଥିତି ସୃଷ୍ଟି ହୁଏ । ପର୍ଯ୍ୟଟକମାନଙ୍କର ଅଧିକ ସମୟ ରହଣୀ ବା ଏପରି ଉତ୍ସବ ଆଦିରେ ଭାଗନେବାର ଅଧିକ ଅବସର ମିଳିଲେ ଏସବୁ ସନ୍ଦେହ ଦୂର ହୋଇପାରିବ ।

(iii) ଯେଉଁଠାରେ ଦୁଇଜଣଙ୍କ ମଧ୍ୟରେ ସଂପର୍କ ତଥ୍ୟ ବିନିମୟ ପାଇଁ ହୋଇଥାଏ ସେଠାରେ ଏପରି ସଂଘାତ କମ୍ ହାନୀକାରକ ହୋଇଥାଏ କାରଣ ପରସ୍ପରର ସଂସ୍କୃତି ଏବଂ ପରମ୍ପରା ଜାଣିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ହୋଇଥାଏ ।

ଆଗନ୍ତୁକ ପର୍ଯ୍ୟଟକମାନେ ସ୍ଥାନୀୟ ଯୁବକମାନଙ୍କ ମନରେ ନୂତନ ଆଶା ଓ ଆକାଂକ୍ଷା ସଂଚାର କରିଥାନ୍ତା । ଏହା ବିଶେଷ କରି ଯୁବତୀ ଝିଅମାନଙ୍କ ମଧ୍ୟରେ ଅଧିକ ହୋଇଥାଏ କାରଣ ପରମ୍ପରା ଅନୁସାରେ ସର୍ବଦା ଗୃହ କାର୍ଯ୍ୟରେ ବ୍ୟସ୍ତଥିବା ଝିଅମାନେ ଘରୁ ବାହାରକୁ ଆସିବାକୁ ଚାହିଁଥାନ୍ତି । ସ୍ଥାନୀୟ ସମାଜରେ ବୟସ୍କ ଲୋକମାନଙ୍କର ଯୁବକ ମାନଙ୍କ ଉପରେ ନିୟନ୍ତ୍ରଣ ରହେ ନାହିଁ । ଯୁବକ ଯୁବତୀମାନେ ପର୍ଯ୍ୟଟକମାନଙ୍କର ଜୀବନଶୈଳୀକୁ ଅନୁକରଣ କରିବାକୁ ଲାଗନ୍ତି । ସ୍ଥାନୀୟ ହୋଟେଲ ମାନଙ୍କରେ ରହିବା ଦ୍ୱାରା ପର୍ଯ୍ୟଟକମାନେ ଅତି ନିକଟରୁ ସ୍ଥାନୀୟ ଲୋକମାନଙ୍କର ଜୀବନ ଶୈଳୀ କିମ୍ବା ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଭାଗନେବାର ଦୁର୍ଲ୍ଲଭ ସୁଯୋଗ ପାଇଥାଆନ୍ତି । ଆଜିର ଜନପର୍ଯ୍ୟଟନ ଛୁଟିର ବାତାବରଣ ସୃଷ୍ଟିକରେ କାରଣ ଦର୍ଶନାର୍ଥୀ ମୁଖ୍ୟ ରୂପେ ଆମୋଦପ୍ରମୋଦ କରିବା ପାଇଁ ଆସିଥାନ୍ତି । ଅତିଥିମାନଙ୍କ ମଧ୍ୟରେ ପୁରୁଷ ଏବଂ ମହିଳାମାନଙ୍କ ମଧ୍ୟରେ ସର୍ବଦା ମିଳାମିଶା ଏବଂ କମ୍ ବସ୍ତ୍ର ପରିହିତା ମହିଳାମାନେ ସ୍ଥାନୀୟ ପୁରୁଷମାନଙ୍କୁ ବିଶେଷ ଭାବେ ଆକର୍ଷିତ କରିଥାଆନ୍ତି ।। ସମୟାନୁକ୍ରମେ ସ୍ଥାନୀୟ ଯୁବକମାନଙ୍କର ଜୀବନ ଶୈଳୀରେ ପରିବର୍ତ୍ତନ ଯେମିତି ବାହାରେ ହୋଟେଲରେ ଖାଇବା ଏବଂ ଜୀବନ ଉପଭୋଗ କରିବାର ଲାଳସା ଜାଗ୍ରତ ହୁଏ । ପର୍ଯ୍ୟଟକମାନଙ୍କର ଉପସ୍ଥିତି ସେମାନଙ୍କର ପାରିବାରିକ ସଂପର୍କକୁ କୋହଳ କରିଦିଏ । ଯୁବକ ଗଣ ଯେଉଁମାନେ ପର୍ଯ୍ୟଟକମାନଙ୍କ ସେବାରୁ ଅର୍ଥ ଉପାର୍ଜନ କରିଥାନ୍ତି ତା'ର ଏକ ବଡ଼ ଅଂଶ ନିଜର ମଉଜ ମସ୍ତି କରିବାରେ ହୋଇଯାଏ ମାତ୍ର ଅଭାବୀ ପରିବାରକୁ ଏଥିରୁ କିଛି ଲାଭ ମିଳିନଥାଏ । ଏହି ପରିବର୍ତ୍ତନକୁ ସ୍ଥାନୀୟ ଯୁବକଗୋଷ୍ଠୀର 'ସାଂସ୍କୃତିକ ସଂକ୍ରମଣ'



ଟିପ୍ପଣୀ

କୁହାଯାଏ । ପର୍ଯ୍ୟଟନର ଏପରି ନକରାତ୍ମକ ପ୍ରଭାବ ଛୋଟ ଛୋଟ ପର୍ଯ୍ୟଟନ କେନ୍ଦ୍ରରେ ଅଧିକ ହୋଇଥାଏ ଯେଉଁଠାରେ ବିକାଶ ନିମ୍ନ ସ୍ତରରେ ଏବଂ ଜନସଂଖ୍ୟାର ଘନତ୍ୱ କମ୍ ଥାଏ । ଏପରି ସ୍ଥିତି ଆମର ଦ୍ୱୀପପୁଞ୍ଜ, ସୁଦୂରବର୍ତ୍ତୀ ପାର୍ବତ୍ୟାଞ୍ଚଳ ଏବଂ ଉପତ୍ୟକା ଗୁଡ଼ିକରେ ଦେଖିବାକୁ ମିଳେ । ଏପରି ପ୍ରଭାବ ବଡ଼ ବଡ଼ ପର୍ଯ୍ୟଟନ କ୍ଷେତ୍ର ଘନ ଜନବସତି ପୂର୍ଣ୍ଣ ଅଞ୍ଚଳ, ବିକଶିତ ଭିତ୍ତିଭୂମି ଥିବା କ୍ଷେତ୍ର ଯେଉଁଠି ଜନସଂଖ୍ୟାର ଏକ ବଡ଼ ଅଂଶ ପର୍ଯ୍ୟଟନ କ୍ଷେତ୍ରରେ କାମ କରୁଥାନ୍ତି ସେଠାରେ ତୁଳନାତ୍ମକ ଭାବେ କମ୍ ପରିଲକ୍ଷିତ ହୋଇଥାଏ । କାରଣ ସ୍ୱରୂପ କୁହାଯାଇପାରେ ଯେ, ପର୍ଯ୍ୟଟନ ଏବଂ ଅତିଥି ସତ୍କାର କରୁଥିବା ବ୍ୟକ୍ତି ପରସ୍ପରର ଅଧିକ ସଂସ୍ପର୍ଶରେ ଆସୁଥିବାରୁ ଗୋଟିଏ ବୃହତ୍ ଏବଂ ବିକଶିତ ପର୍ଯ୍ୟଟନ ସ୍ଥଳରେ ସେମାନଙ୍କ ମଧ୍ୟରେ ସନ୍ଦେହ ଉପୁଯିବାର ଆଶଙ୍କା କମ୍ ଥାଏ । ଏଥି ସଂଗେ ସଂଗେ ସାଂସ୍କୃତିକ ଅନ୍ତର କିମ୍ବା ଅନିଷ୍ଟକର ସାମାଜିକ ପରିବର୍ତ୍ତନ ଧିରେ ଧିରେ ସ୍ଥାନୀୟ ଅଧିବାସୀମାନଙ୍କର ଶିକ୍ଷାସ୍ତରରେ ଉନ୍ନତି ଘଟିଲେ ଆପେ ଆପେ ଅପସରି ଯାଏ । ଯଦି ସ୍ଥାନୀୟ ଜନସଂଖ୍ୟା ମଧ୍ୟରେ ସଂପଦ ଏବଂ କର୍ମକୁଶଳତାର ବିତରଣ ବ୍ୟାପକ ଏବଂ ପରମ୍ପରା ନମନୀୟ ହୁଏ, ତେବେ ଅତିଥି ସତ୍କାର କରୁଥିବା କ୍ଷେତ୍ରକୁ ବହୁ ସଂଖ୍ୟାରେ ଆସୁଥିବା ପର୍ଯ୍ୟଟକମାନଙ୍କର ନକାରାତ୍ମକ ପ୍ରଭାବ ଅନିଷ୍ଟକର ହୋଇପାରେ ନାହିଁ ।

- ବିଦେଶୀ ପର୍ଯ୍ୟଟକ ଏବଂ ସ୍ଥାନୀୟ ଲୋକମାନଙ୍କ ମଧ୍ୟରେ ମୁକାବିଲା ଦୁଇଟି ସଂସ୍କୃତି ମଧ୍ୟରେ ସଙ୍ଘାତରୁ ସୃଷ୍ଟି ହୋଇଥାଏ । ଏପରି ସ୍ଥିତି ଅନେକ ପର୍ଯ୍ୟଟନ ସ୍ଥଳୀରେ ଦେଖିବାକୁ ମିଳୁଛି ।
- ପର୍ଯ୍ୟଟକ ଏବଂ ସେମାନଙ୍କୁ ସେବା ପ୍ରଦାନକାରୀ ବ୍ୟକ୍ତିମାନଙ୍କ ମଧ୍ୟରେ କେବଳ ବ୍ୟାପାରିକ ସମ୍ବନ୍ଧ ଥାଏ । ଏହା ବଜାରରେ ବସ୍ତୁ ଏବଂ ସେବା ବିକ୍ରେତା ଏବଂ କ୍ରେତାମାନଙ୍କ ମଧ୍ୟରେ ଯେପରି ସମ୍ବନ୍ଧ ଠିକ୍ ସେଇଭଳି ହୋଇଥାଏ ।
- ପର୍ଯ୍ୟଟକମାନଙ୍କ ଦ୍ୱାରା ସ୍ଥାନୀୟ ଲୋକଙ୍କୁ କୌତୁହଳ ପ୍ରଦ ବସ୍ତୁ ହିସାବରେ ବ୍ୟବହାର କରିବା ଦ୍ୱାରା ଲୋକମାନଙ୍କ ମନରେ କ୍ଷୋଭ ସୃଷ୍ଟି ହୁଏ ।
- ପର୍ଯ୍ୟଟକମାନେ ସାଧାରଣତଃ ଆମୋଦପ୍ରମୋଦ ପ୍ରିୟ ଉଚ୍ଚବର୍ଗର ସଦସ୍ୟ ହୋଇଥାଆନ୍ତି ଏବଂ ଏପରି ଏକ ସମାଜକୁ ଆସିଥାନ୍ତି ଯେଉଁଠି ନ୍ୟୁନତମ ଆବଶ୍ୟକତା ମଧ୍ୟ ପୂରଣ ହୋଇ ପାରିନାହିଁ । ତେଣୁ ଲୋକେ ବ୍ୟଥିତ ହୁଅନ୍ତି ।
- ଅତିଥି ସତ୍କାର ସ୍ଥାନର ଯୁବଗୋଷ୍ଠୀ ପର୍ଯ୍ୟଟକମାନଙ୍କର ଜୀବନଶୈଳୀ ଅନୁକରଣ କରିବାକୁ ଚେଷ୍ଟା କରିବା ଦ୍ୱାରା ନିଜ ସଂସ୍କୃତିରୁ ଦୂରେଇ ଯାଆନ୍ତି ଏବଂ ନିଜର ପାରିବାରିକ ପରମ୍ପରା ସହିତ ସମ୍ପର୍କ ଛିନ୍ନ ହେବାକୁ ଲାଗେ । ଏହା ଜନ ପର୍ଯ୍ୟଟନର ମୁଖ୍ୟ ନକାରାତ୍ମକ ପ୍ରଭାବ ଯାହା ପ୍ରାଥମିକ ଅବସ୍ଥାରେ ଅଧିକ କ୍ଷତିକାରକ ହୋଇଥାଏ ।

## ପାଠ୍ୟବସ୍ତୁ ସମ୍ବନ୍ଧୀୟ ପ୍ରଶ୍ନ ୩୨.୨

୧. ଜନ ପର୍ଯ୍ୟଟନର ତିନୋଟି ମୁଖ୍ୟ ନକାରାତ୍ମକ ପ୍ରଭାବ ଉଲ୍ଲେଖ କର ଯେଉଁଗୁଡ଼ିକ ଯୁବଗୋଷ୍ଠୀକୁ ନିଜର ସଂସ୍କୃତି ଠାରୁ ଅଲଗା କରୁଅଛି ।

୨. ପର୍ଯ୍ୟଟନ ସ୍ଥଳର ଆଖପାଖରେ ହେଉଥିବା ବାୟୁ, ଜଳ ଏବଂ ଭୂମି ପ୍ରଦୂଷଣର ଗୋଟିଏ ଲେଖାଏଁ ଉଦାହରଣ ଦିଅ ।

୩. ଖଜୁରାହୋ ମନ୍ଦିରର ମୂର୍ତ୍ତିଗୁଡ଼ିକ କେଉଁଥି ପାଇଁ କ୍ଷତିଗ୍ରସ୍ତ ହୋଇଛି ?

୪. ସାଧାରଣ ଜନତାର ସ୍ୱର ଉତ୍ତୋଳନ ଦ୍ୱାରା ପର୍ଯ୍ୟଟକମାନଙ୍କ ପାଇଁ ପର୍ଯ୍ୟାବରଣର ସୁରକ୍ଷା ସଫଳ ରୂପେ କରାଯାଇ ପାରିଥିବା ଦୁଇଟି ଉଦାହରଣ ଦିଅ ।



ଟିପ୍ପଣୀ

## ୩୨.୭ ଯୋଜନା ନୀତିର ସାରାଂଶ - ଏହାର ଆବଶ୍ୟକତା ଏବଂ କୌଶଳ

ଭବିଷ୍ୟତରେ ଭାରତରେ ପର୍ଯ୍ୟଟନ ପ୍ରସାର କ୍ଷେତ୍ରରେ ସମ୍ଭାବନା ଅସୀମ । ବହୁ ଉଦ୍ଦେଶୀୟ ପର୍ଯ୍ୟଟନର ବିକାଶ ଦ୍ୱାରା ଆମର କ'ଣ ଲାଭ ହେବ ତାହାର ରୂପରେଖ ପ୍ରସ୍ତୁତ ହୋଇସାରିଛି । ଅତିଥି ସତ୍କାରକ ଏବଂ ପର୍ଯ୍ୟଟକମାନଙ୍କ ମଧ୍ୟରେ ବ୍ୟାପାରିକ ସମ୍ବନ୍ଧ ସ୍ୱୟଂ ବିକଶିତ ହୋଇଯାଏ ଯେତେବେଳେ ବହୁ ସଂଖ୍ୟାରେ ପର୍ଯ୍ୟଟକମାନେ ସେବା ଓ ବସ୍ତୁ କ୍ରୟ କରିଥାନ୍ତି । ଏପରି ସମ୍ବନ୍ଧ ଏତେ ବିକଶିତ ହୋଇଗଲାଣି ଯେ, ଆଜିକାଲି ପର୍ଯ୍ୟଟନର ଅଭିବୃଦ୍ଧି  ନିମନ୍ତେ "ପର୍ଯ୍ୟଟନ ମାର୍ଟ" ଶବ୍ଦର ବ୍ୟବହାର କରାଯାଉଛି ।

ପ୍ରଥମ ଅବସ୍ଥାରେ ବ୍ୟକ୍ତିଗତ ଗବେଷକ କିମ୍ବା ପର୍ଯ୍ୟଟକଙ୍କର ସେବା ପ୍ରଦାନକାରୀ ବ୍ୟକ୍ତି ସହିତ ଘନିଷ୍ଠ ସମ୍ବନ୍ଧ ହୋଇଯାଉଥିଲା । କିନ୍ତୁ ଜନ ପର୍ଯ୍ୟଟନ କେତେକ ବୃହତ୍ ସଂସ୍ଥା ମାଧ୍ୟମରେ ବ୍ୟବସାୟିକ ଆୟୋଜିତ ଭିତ୍ତିରେ ହୋଇଥାଏ । ତେଣୁ ଆଜିର ପର୍ଯ୍ୟଟନ "ସଂସ୍ଥାଗତ ପର୍ଯ୍ୟଟନ"ରେ ପରିଣତ ହୋଇଛି । ଏଭଳି ପ୍ୟାକେଜ୍ ଟୁର୍ ଗୁଡ଼ିକର ସଦସ୍ୟମାନଙ୍କ ନିମନ୍ତେ ଟ୍ରାଭେଲ ଏଜେନ୍ସି ଦ୍ୱାରା ପୂର୍ବରୁ ବ୍ୟବସ୍ଥା କରାଯାଇଥାଏ । ଏମାନେ ଅଳ୍ପ ସମୟ ମଧ୍ୟରେ ଅଧିକ ସ୍ଥାନ ଭ୍ରମଣ କରାଇ ପାରିଥାନ୍ତି । ଏ ସଂସ୍ଥା ପର୍ଯ୍ୟଟକମାନଙ୍କର ସମସ୍ତ ପ୍ରକାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସେମାନଙ୍କ ପାଇଁ ଏକପ୍ରକାର ସୁରକ୍ଷିତ ବାତାବରଣ ସୃଷ୍ଟି କରିଥାଆନ୍ତି । ମାତ୍ର ବ୍ୟକ୍ତିଗତ ସଦସ୍ୟଙ୍କୁ ତାଙ୍କର ପସନ୍ଦ ଅନୁସାରେ ରହିବା କିମ୍ବା ଭ୍ରମଣ କରିବା ପାଇଁ କୌଣସି ପ୍ରକାର ଅତିରିକ୍ତ ସମୟ ଦିଅନ୍ତି ନାହିଁ ।

ପ୍ରାଥମିକ ଅବସ୍ଥାରେ ନିମ୍ନ ସ୍ତରୀୟ ଅନୁସନ୍ଧାନତ୍ମକ ଭ୍ରମଣ ଆଦି ସମ୍ପୂର୍ଣ୍ଣ ରୂପେ ବ୍ୟବସାୟିକ ମନୋରଞ୍ଜନ ଜନ ପର୍ଯ୍ୟଟନରେ ପରିବର୍ତ୍ତିତ ହୋଇଯାଇଛି । କୌଣସି ବ୍ୟକ୍ତି ବା ପରିବାର ପର୍ଯ୍ୟଟକରୁ ଆରମ୍ଭ କରି ସମ୍ମିଳିତ ପ୍ୟାକେଜ୍ ଟୁର୍ ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା ଟ୍ରାଭେଲ ଏଜେନ୍ସି ବା ସଂସ୍ଥା ଦ୍ୱାରା ପରିଚାଳିତ ହେଉଛି । ସେଥିପାଇଁ ଏହାକୁ 'ସଂସ୍ଥାଗତ ପର୍ଯ୍ୟଟନ'ର ନାମ ଦିଆଯାଇଛି । ଭ୍ରମଣ ବିକାଶ ଇତିହାସରେ ଏହା ଏକ ମୋଡ଼ । ପର୍ଯ୍ୟଟନର ଏ ସମସ୍ତ ଦିଗର ପରିବର୍ତ୍ତନକୁ ବିଚାରକୁ ନିଆଯାଇ ଭାରତ ଭଳି ଦେଶରେ ପର୍ଯ୍ୟଟନର ବିକାଶ ନିମନ୍ତେ ଏହାର ଲକ୍ଷ୍ୟ, ବିକଳ୍ପ ଏବଂ ରଣନୀତି ସ୍ଥିର କରିବା ପାଇଁ ରାଷ୍ଟ୍ରୀୟ ଏବଂ କ୍ଷେତ୍ରୀୟ ସ୍ତରରେ ଏକ ଯୋଜନା ପ୍ରଣୟନ କରିବାର ଆବଶ୍ୟକତା ଅଛି ।

ପର୍ଯ୍ୟଟନ କ୍ଷେତ୍ରର ଭୂମିରୂପ, ଏହାର ସମ୍ଭାବିତ ପର୍ଯ୍ୟଟନ ଆକର୍ଷଣ ଏବଂ ପର୍ଯ୍ୟଟନ ସମ୍ବନ୍ଧୀୟ ସମ୍ବଳ ଗୁଡ଼ିକର ବିକାଶର ସମ୍ଭାବନା ଆଦିର ବିସ୍ତୃତ ସର୍ବେକ୍ଷଣ ପ୍ରଥମ କାର୍ଯ୍ୟ ଅଟେ । ଏହାପରେ ବର୍ତ୍ତମାନର ପର୍ଯ୍ୟଟନ ସଂଖ୍ୟା ଏବଂ ନିକଟ ଭବିଷ୍ୟତରେ ପର୍ଯ୍ୟଟକମାନଙ୍କ ସଂଖ୍ୟାରେ ବୃଦ୍ଧିର ସଠିକ୍ ଆକଳନ କରାଯିବା ଦରକାର । ଆମେ ସେମାନଙ୍କର ରହଣୀ କାଳକୁ ବଢ଼ାଇବା ପାଇଁ ଆକର୍ଷଣ ଗୁଡ଼ିକର ଚିହ୍ନଟ କରାଯିବା ଆବଶ୍ୟକ । ଆଗନ୍ତୁକ ପର୍ଯ୍ୟଟକମାନଙ୍କର ରୁଚିରେ ପରିବର୍ତ୍ତନ ଏବଂ ବ୍ୟବହୃତ ବସ୍ତୁଗୁଡ଼ିକ ସମ୍ବନ୍ଧରେ ଅନୁସନ୍ଧାନ କରି ଜାଣିନେବା ଉଚିତ୍ । ଏ ସମସ୍ତ ତଥ୍ୟ ସ୍ଥାନର ପର୍ଯ୍ୟଟକ ବହନକାରୀ କ୍ଷମତାର ମୂଲ୍ୟାଙ୍କନ କରିବାକୁ ସାହାଯ୍ୟ କରିଥାଏ । ସର୍ବଶେଷରେ ପର୍ଯ୍ୟଟକମାନଙ୍କ ପାଇଁ ପ୍ରାଥମିକ ଅନିବାର୍ଯ୍ୟ ସେବାଗୁଡ଼ିକର ମୂଲ୍ୟାଙ୍କନ କରିବାକୁ ପଡ଼ିବ । ଏସବୁ ପାଇଁ ପୁଞ୍ଜିର ଆବଶ୍ୟକତା ପଡ଼େ ଯାହା ଘରୋଇ ହେଉ ବା ସାର୍ବଜନୀନ । ଭ୍ରମଣ ପର୍ଯ୍ୟଟନର ବୃଦ୍ଧି ନିମନ୍ତେ  ଉପଯୁକ୍ତ ଯୋଜନା ସେତେବେଳେ ପର୍ଯ୍ୟନ୍ତ ସମ୍ଭବ ନୁହେଁ, ଯେତେବେଳେ ପର୍ଯ୍ୟନ୍ତ ଠିକ୍ ସମୟ ଏବଂ ଠିକ୍ ସ୍ଥାନରେ ସୁଖ ସୁବିଧା ଓ ଅନ୍ୟାନ୍ୟ ସେବା ଉପଲବ୍ଧ କରିବାର ଆକଳନ କରା ନଯାଇ ପାରିଛି । ଯୋଜନାକାରୀମାନଙ୍କ ସାମନାରେ ଏଦୁଇଟି ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ପ୍ରଶ୍ନ । ଜାତୀୟ ଏବଂ କ୍ଷେତ୍ରୀୟ ସ୍ତରରେ ପ୍ରଣୀତ ଯୋଜନାର ଲକ୍ଷ୍ୟ ଏବଂ ଉଦ୍ଦେଶ୍ୟରେ ପର୍ଯ୍ୟଟନ ବିକାଶକୁ ସାମିଲ କରିବାକୁ ହେବ ।



ଟିପ୍ପଣୀ

ପର୍ଯ୍ୟଟନ ଉଦ୍ୟୋଗକୁ ଅନ୍ୟାନ୍ୟ ଶିଳ୍ପ ସହିତ ସମାନ ରୂପରେ ଦେଖାଯିବା ଉଚିତ୍ ହେବ କି ? ପର୍ଯ୍ୟଟନ ସହିତ ସଂପୃକ୍ତ ନିଯୁକ୍ତି ଋତୁଭିତ୍ତିକ ହୋଇଥିବାରୁ ବର୍ଷର କିଛି ସମୟ ପାଇଁ ସମ୍ବଳଗୁଡ଼ିକ ସଂପୂର୍ଣ୍ଣ ରୂପେ ବ୍ୟବହୃତ ହୋଇପାରେ ନାହିଁ । ତେଣୁ ସେ ସବୁ ସମ୍ବଳକୁ ବ୍ୟବହାରରେ ଲଗାଇବା ପାଇଁ ନିଯୁକ୍ତିର ବିକଳ୍ପ ସ୍ରୋତ ହିସାବରେ କ୍ଷୁଦ୍ର ଶିଳ୍ପ ଆଦିରେ କରାଯିବାର ବ୍ୟବସ୍ଥା କରାଯିବା ଆବଶ୍ୟକ ।

## ପୋଷଣୀୟ ପର୍ଯ୍ୟଟନ :

ପର୍ଯ୍ୟଟନ ଋତୁରେ ଖୁବ୍ କମ୍ ସମୟରେ ବହୁସଂଖ୍ୟକ ପର୍ଯ୍ୟଟକମାନଙ୍କର ଶୀଘ୍ର ଯିବା ଆସିବା ଏବଂ ପର୍ଯ୍ୟଟନ ସ୍ଥଳରେ ଭିଡ଼ ଜମିବା ଦ୍ୱାରା ପର୍ଯ୍ୟଟନ ସମ୍ବଳଗୁଡ଼ିକ ଉପରେ ଭୀଷଣ ଚାପ ପଡ଼େ । ପର୍ଯ୍ୟଟକ ଆକର୍ଷଣ ସ୍ଥଳୀ ଗୁଡ଼ିକର ପ୍ରୟୋଗ ଏତେ ଅଧିକ ମାତ୍ରାରେ ହୁଏ ଯେ, ସେଗୁଡ଼ିକର ଅସ୍ତିତ୍ୱ ମଧ୍ୟ ବିପଦ ଶଙ୍କୁଳ ହୋଇଯାଏ । ସେଗୁଡ଼ିକର ଆକର୍ଷଣ ଶକ୍ତି ଓ ଜନପ୍ରିୟତା ହ୍ରାସପାଏ । ପର୍ଯ୍ୟଟକମାନଙ୍କର ସଂଖ୍ୟା ଧିରେ ଧିରେ କମିବାକୁ ଲାଗେ ଏବଂ ନିଯୁକ୍ତି ସୃଷ୍ଟି ହେବା ମଧ୍ୟ ବନ୍ଦ ହୋଇଯାଏ । ଆମ୍ଭେମାନେ ପର୍ଯ୍ୟଟନ ସ୍ଥଳ ଗୁଡ଼ିକର ଆକର୍ଷଣକୁ ପୁର୍ନଜୀବନ କରିବାପାଇଁ ଶତତ ଚେଷ୍ଟିତ । ତେଣୁ ପତନମୁଖୀ ପର୍ଯ୍ୟଟନ ସ୍ଥଳଗୁଡ଼ିକ ଏ ପର୍ଯ୍ୟନ୍ତ ସଂପୂର୍ଣ୍ଣ ରୂପେ ନଷ୍ଟ ହୋଇଯାଇନାହାନ୍ତି । ମାତ୍ର ଆମେ ଅନେକ ଶୈଳନିବାସ, ବେଳାଭୂମି ଏବଂ ସ୍ମାରକୀ ଗୁଡ଼ିକୁ ଧ୍ୟାନ ଦେଲୁନାହିଁ, ସେଗୁଡ଼ିକରେ ଚମକ ଫେରେଇ ଆଣିବାକୁ ଚେଷ୍ଟା କଲୁନାହିଁ କି ଏହାଦ୍ୱାରା ଯେ ଲୋକମାନଙ୍କୁ ନିଯୁକ୍ତି ମିଳିପାରିଥାଆନ୍ତା ତାହା ମଧ୍ୟ ଭାବିଲୁ ନାହିଁ ।

ପର୍ଯ୍ୟଟନ ସ୍ଥଳ ଗୁଡ଼ିକର ଅଧୋପତ୍ତନ ଦ୍ୱାରା ଦୁଇଟି ପରିସ୍ଥିତି ସୃଷ୍ଟି ହୁଏ । ପ୍ରଥମଟି ହେଲା, ସ୍ଥାନୀୟ ସମ୍ବଳର ଦୁଷପ୍ରୟୋଯୋଗ କିମ୍ବା ଅତି ବେଶୀ ପ୍ରୟୋଗ ଏବଂ ଦ୍ୱିତୀୟଟି ହେଲା, କୌଣସି ବିଚାର ନକରି ପର୍ଯ୍ୟଟକ ସ୍ଥଳୀର ସ୍ୱଳ୍ପ ବ୍ୟବହାର । **ପର୍ଯ୍ୟଟନ ସଂସ୍କୃତିର ବିକାଶ ପୋଷଣୀୟ ହେବା ଆବଶ୍ୟକ । ପୋଷଣୀୟ ପର୍ଯ୍ୟଟନ ଦୀର୍ଘ ସମୟ ପର୍ଯ୍ୟନ୍ତ ସମ୍ବଳ ଗୁଡ଼ିକର ଉପଯୋଗ କରିଥାଏ ଏବଂ ରୋଜଗାର କରିବାର ସୁଯୋଗ ସୃଷ୍ଟି ଅବ୍ୟାହତ ରଖେ ।** ଗୀଷ୍ମକାଳରେ ପର୍ଯ୍ୟଟକ ଶୈଳନିବାସ ଗୁଡ଼ିକରେ ସ୍ଥାନୀୟ ଲୋକ ପର୍ଯ୍ୟଟକ ସମ୍ବନ୍ଧୀୟ ବ୍ୟବସାୟରେ ବ୍ୟସ୍ତ ରହନ୍ତି । ହିମାଳୟ ପର୍ବତର ଉଚ୍ଚସ୍ଥାନ ମାନଙ୍କରେ ଶୀତକାଳୀନ ପର୍ଯ୍ୟଟନ ପ୍ରରୋଚନା ହେବାଦ୍ୱାରା ଲୋକମାନେ ଆସନ୍ତା ପର୍ଯ୍ୟଟନ ଋତୁପାଇଁ ଜିନିଷ ପତ୍ର ଆଦି ଗଚ୍ଛିତ କରି ରଖିବା କାର୍ଯ୍ୟରେ ଲାଗି ରହିବା ଦ୍ୱାରା ବର୍ଷତମାମ ଜୀବିକାର୍ଜ୍ଜନର ସୁଯୋଗ ସୃଷ୍ଟି ହୋଇଥାଏ । ସମସ୍ତ ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟନ ସମ୍ବନ୍ଧୀୟ କାର୍ଯ୍ୟକଳାପ ଜାରି ରହିବାକୁ ପୋଷଣୀୟ ପର୍ଯ୍ୟଟନର ଜୀବନ (ରକ୍ତ ମାଂସ) କୁହାଯାଏ । ପରିବେଶ ପର୍ଯ୍ୟଟନକୁ ଦୀର୍ଘସ୍ଥାୟୀ କରିବା, ହାନୀକାରକ କାର୍ଯ୍ୟକଳାପକୁ ରୋକିବା ଆଦି ଲୋକମାନଙ୍କୁ ପର୍ଯ୍ୟଟନ ସମ୍ବନ୍ଧୀୟ ବ୍ୟବସାୟରେ ଲଗାଣର ରୋଜଗାର ଦେଇଥାଏ ।

ପାରିସ୍ଥିତିକ-ପର୍ଯ୍ୟଟନ ବା ବନ୍ଧୁତ୍ୱପୂର୍ଣ୍ଣ ପର୍ଯ୍ୟଟନର କାର୍ଯ୍ୟକଳାପ ପୋଷଣୀୟ ପର୍ଯ୍ୟଟନର ଏକ ମୁଖ୍ୟ ବିଭାଗ ଅଟେ । ଏହାଦ୍ୱାରା ପରିବେଶ ଏବଂ ସ୍ଥାନୀୟ ପରମ୍ପରା ସଂରକ୍ଷିତ ହୋଇଥାଏ । ଉତ୍ତମ ଗୁଣଯୁକ୍ତ ଜଳ ଓ ବାୟୁ, ସୁବ୍ୟସ୍ଥିତ ଜୈବ ବିବିଧତା ଏବଂ ସୁସଂଗଠିତ ମାନବୀୟ ପ୍ରଚେଷ୍ଟା ପାରିସ୍ଥିତିକ ପର୍ଯ୍ୟଟନ  ଏଗୁଡ଼ିକ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ସମ୍ବନ୍ଧ ରକ୍ଷାକରିବାର ଆବଶ୍ୟକତା ଅଛି କାରଣ ସେଗୁଡ଼ିକ ମଧ୍ୟରେ ଅନ୍ତଃକ୍ରିୟା ପରସ୍ପରକୁ ବାନ୍ଧି ରଖିଥାଏ । କିଛି ବର୍ଷ ପୂର୍ବେ ହିମାଚଳ ପ୍ରଦେଶ, ଜାମ୍ମୁ ଓ କାଶ୍ମୀର ଉପତ୍ୟକାର ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ଏବଂ ଶବ୍ଦ ପ୍ରଦୂଷଣ ଦ୍ୱାରା ପାରିସ୍ଥିତିକ ସନ୍ତୁଳନ ବିଗିଡ଼ିଗଲା । ଏ ଦୁଇଟି ରାଜ୍ୟ ମୁଖ୍ୟତଃ ପର୍ଯ୍ୟଟନ ଉଦ୍ୟୋଗ ଉପରେ ନିର୍ଭର କରୁଥିବାରୁ ଏପ୍ରକାର ପରିସ୍ଥିତି ଏଠାରେ ଆଦୌ ଗ୍ରହଣୀୟ ନୁହେଁ । ତେଣୁ ଏହାଦ୍ୱାରା ପର୍ଯ୍ୟଟନ ଶିଳ୍ପ ପ୍ରଭାବିତ ହେବାରେ ଲାଗିଲା ।



ଟିପ୍ପଣୀ

ଜନ ପର୍ଯ୍ୟଟନ ଦୃଷ୍ଟିରୁ ନିୟମିତ କିମ୍ବା ନିର୍ଦ୍ଦିଷ୍ଟ ଗୋଟିଏ ସ୍ଥାନର ବିକାଶ ପାଇଁ କଡ଼ାକଡ଼ି ନିୟମ ଲାଗୁ କରିବା ଆବଶ୍ୟକ କାରଣ ଯେକୌଣସି ସ୍ଥାନରେ ଅବ୍ୟବସ୍ଥିତ ଭାବରେ ଏପରି ବିକାଶ ବାଞ୍ଛନୀୟ ନୁହେଁ । ଏହା ଏକ ରଣକୌଶଳ ଯାହାଦ୍ୱାରା ପର୍ଯ୍ୟଟକମାନଙ୍କର ଗତିବିଧି ନିୟନ୍ତ୍ରଣ କରାଯାଇ ପର୍ଯ୍ୟଟନ ସ୍ଥାନର ବହନ କରିବା ଶକ୍ତିକୁ ପର୍ଯ୍ୟାବରଣ ଏବଂ ଭିତ୍ତିଭୂମି ଦୃଷ୍ଟିରୁ ଅତିକ୍ରମ କରିବାକୁ ଦିଆଯିବ ନାହିଁ ।

ଏପରି ପଦକ୍ଷେପ ଆଞ୍ଚଳିକ ସାଂସ୍କୃତିକ ପରମ୍ପରାକୁ ବଞ୍ଚାଇ ରଖେ ଏବଂ ଯୁବଗୋଷ୍ଠୀକୁ ନିଜର ସଂସ୍କୃତି ଓ ଜୀବନଶୈଳୀରୁ ଦୂରେଇ ଯିବାକୁ ଦିଏନାହିଁ ।

ଭବିଷ୍ୟତ ପାଇଁ ମହତ୍ତ୍ୱପୂର୍ଣ୍ଣ ଯେ, ଜନମାନସ ସଂସ୍କୃତିର ବିକାଶ, ସାମାଜିକ ପରିବର୍ତ୍ତନ ଏବଂ ରାଷ୍ଟ୍ରୀୟ ଏକତ୍ରୀକରଣ ନିମନ୍ତେ ପର୍ଯ୍ୟଟନର ଭୂମିକାକୁ ସ୍ୱୀକାର କରିନେବା ଆବଶ୍ୟକ । ପର୍ଯ୍ୟଟନ ଶିଳ୍ପର ସମ୍ପୂର୍ଣ୍ଣ ବିକାଶ ନିମନ୍ତେ ଏକ ତିନି ସୂତ୍ରୀ ରଣନୀତି ପ୍ରସ୍ତୁତ କରାଯାଇଛି । ପ୍ରଥମ ପଦକ୍ଷେପ ହେଲା ଜନସାଧାରଣଙ୍କ ମଧ୍ୟରେ ପର୍ଯ୍ୟଟନ ପ୍ରତି ସଚେତନତା ସୃଷ୍ଟି କରିବା । ପର୍ଯ୍ୟଟକ ଅତିଥିମାନଙ୍କୁ ସ୍ୱାଗତ କରିବା ସମୟରେ ଆମେ ଆମର ପରିଚୟ ପ୍ରତି ସଚେତନ ରହିବା ଆବଶ୍ୟକ । ଦ୍ୱିତୀୟରେ, ପର୍ଯ୍ୟାପ୍ତ ଏବଂ ସହଜ ପରିବହନ ବ୍ୟବସ୍ଥା, ସମସ୍ତ ପ୍ରକାର ଔପଚାରିକ, ଅନଔପଚାରିକ ରହଣୀ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁଖ ସୁବିଧା ପ୍ରଦାନ କରିବା ପାଇଁ ଆଧାରିତ ସଂରଚନା ସୃଷ୍ଟି କରାଯିବା ଆବଶ୍ୟକ । ତୃତୀୟ ପଦକ୍ଷେପ ହେଲା ସ୍ଥାନୀୟ ଭୂମିରୂପ ଗୁଡ଼ିକର 'ଆକର୍ଷଣ' ସମ୍ବନ୍ଧରେ ପ୍ରଭାବଶାଳୀ ପ୍ରଚାର-ପ୍ରସାର ସ୍ଥାନର ପରମ୍ପରା ଏବଂ ପର୍ଯ୍ୟଟନ ମାନଙ୍କର ସାକାର ନିମନ୍ତେ ଲୋକଙ୍କ ମନରେ ଆଗ୍ରହ ସୃଷ୍ଟିକରିବା ଜରୁରୀ । ପର୍ଯ୍ୟଟନକୁ ସେଥିପାଇଁ ଏକ ଜଟିଳ କ୍ରିୟାକଳାପ ପ୍ରୟାସର ପରିଣାମ ବୋଲି ବର୍ଣ୍ଣନା କରାଯାଏ ।

- ◆ ପର୍ଯ୍ୟଟନ ବିକାଶର ଇତିହାସରେ ନିମ୍ନସ୍ତରରୁ ଜନ ପର୍ଯ୍ୟଟନ ପର୍ଯ୍ୟନ୍ତ ବ୍ୟକ୍ତିଗତ ଯାତ୍ରାରୁ ଆରମ୍ଭ କରି ବ୍ୟାପାରିକ ସ୍ତର ଏବଂ ମନୋରଞ୍ଜନ ଓ ଅନ୍ୟାନ୍ୟ ବ୍ୟବସ୍ଥା ସହ ପ୍ୟାକେଜ୍ ଟୁର୍ ପର୍ଯ୍ୟନ୍ତ ପରିବର୍ତ୍ତନ ଧାରା ଅବ୍ୟାହତ ରହିଛି ।
- ◆ ପର୍ଯ୍ୟଟନ ପୋଷଣିୟ ରୂପେ ବିକଶିତ ହେବା ଆବଶ୍ୟକ । ଶିଥିଳ ଋତୁ କିମ୍ବା ମନ୍ଥର ଗତିରେ ଚାଲୁଥିବା ପର୍ଯ୍ୟଟନ ସମୟରେ ଶ୍ରମ ଶକ୍ତିକୁ କ୍ଷୁଦ୍ରଶିଳ୍ପ ଗୁଡ଼ିକରେ ନିୟୋଜିତ କରାଯାଇପାରେ ।
- ◆ କୌଣସି କ୍ଷେତ୍ରରେ ପର୍ଯ୍ୟଟନକୁ ବିଭିନ୍ନ ସ୍ତରରେ ପରିଚାଳିତ କରିବା ଏକ ରଣକୌଶଳ ଯାହାଦ୍ୱାରା ପର୍ଯ୍ୟଟକ ସଂଖ୍ୟାକୁ ନିୟନ୍ତ୍ରଣ କରାଯାଇପାରିବ ।
- ◆ ଜନ ସାଧାରଣଙ୍କ ମଧ୍ୟରେ ପର୍ଯ୍ୟଟନ ସମ୍ବନ୍ଧରେ ସଚେତନତା, ଭିତ୍ତିଭୂମିର ବିକାଶ, ବିପଣନଏଙ୍କ ପରିଚାଳନାର ସୁବିଧା ସହ କ୍ଷେତ୍ରକୁ ବନ୍ଧୁତ୍ୱପୂର୍ଣ୍ଣ ପର୍ଯ୍ୟଟନ କ୍ଷେତ୍ରରେ ପରିଣତ କରିବା ଏକ ମହତ୍ତ୍ୱପୂର୍ଣ୍ଣ ରଣନୀତି ।

## ପାଠ୍ୟବସ୍ତୁ ସମ୍ବନ୍ଧୀୟ ପ୍ରଶ୍ନ ୩୨.୪

୧. ନିମ୍ନଲିଖିତ ଗୁଡ଼ିକୁ ବ୍ୟାଖ୍ୟା କର ।

(କ) ପର୍ଯ୍ୟଟନ ମାର୍ଟ

(ଖ) ପୋଷଣିୟ ପର୍ଯ୍ୟଟନ



ଟିପ୍ପଣୀ

(ଗ) ପାରିସ୍ଥିତିକ ପର୍ଯ୍ୟଟନ

୨. ନିମ୍ନଲିଖିତର କାରଣ ଦର୍ଶାଅ :

(କ) ପୂର୍ବ ନିୟୋଜିତ ପ୍ୟାକେଜ୍ ଏବଂ ଏହାର ଅସୁବିଧା

(ଖ) ଋତୁକାଳୀନ ପର୍ଯ୍ୟଟନ ବ୍ୟବସ୍ଥା ସମ୍ବଳ ଗୁଡ଼ିକର ଅଳ୍ପ- ଉପଯୋଗ କରିଥାଏ ।

---

## ୩୨.୮ ରାଷ୍ଟ୍ରୀୟ ସ୍ତରରେ ନୀତିଗତ ଉପାୟ :

ସଂଘୀୟ ପର୍ଯ୍ୟଟନ ମନ୍ତ୍ରାଳୟର ରାଷ୍ଟ୍ରୀୟ କର୍ତ୍ତୃପକ୍ଷ ଏବଂ ଭାରତୀୟ ପର୍ଯ୍ୟଟନ ବିକାଶ ନିଗମ ଭଳି ସର୍ବୋଚ୍ଚ ସଂସ୍ଥା, ସାମୟିକ ସର୍ବେକ୍ଷଣ ରିପୋର୍ଟ ଅନୁସାରେ ନୀତିଗତ ନିର୍ଣ୍ଣୟ ନେଇ ଥାଆନ୍ତି । ନିର୍ଦ୍ଦେଶକ ନିୟମାବଳୀ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ପ୍ରତିକ୍ରିୟା ରାଜ୍ୟ ପର୍ଯ୍ୟଟନ କର୍ତ୍ତୃପକ୍ଷ, ହୋଟେଲ ମାଲିକ ସଂଘ ଏବଂ ଟ୍ରାଭେଲ କମ୍ପାନୀ ମାନଙ୍କ ଠାରୁ ମିଳିଥାଏ ।

ବିଦେଶାଗତ ପର୍ଯ୍ୟଟକ ମାନଙ୍କର ସଂଖ୍ୟା ସାଧାରଣତଃ ବିଦେଶ ଯାତ୍ରା କରୁଥିବା ଭାରତୀୟ ମାନଙ୍କ ସଂଖ୍ୟା ଠାରୁ ଅଧିକ ହେଉଥିଲା ମାତ୍ର ଗତ କେତେ ବର୍ଷ ହେଲା ଏ ଅବସ୍ଥା ବଦଳି ଯାଇଛି । ଯଦି ବିଦେଶ ଯାତ୍ରା କରୁଥିବା ଭାରତୀୟମାନଙ୍କ ସଂଖ୍ୟା ବିଦେଶାଗତ ପର୍ଯ୍ୟଟକଙ୍କ ସଂଖ୍ୟା ଠାରୁ ଅଧିକ ହେବ ତେବେ ଆମର ବିଦେଶୀ ମୁଦ୍ରା ଉପାର୍ଜନ କମ୍ ହେବ ଯେମିତିକି ୨୦୦୪ରେ ହୋଇଥିଲା । ରାଷ୍ଟ୍ରୀୟ ପର୍ଯ୍ୟଟନ କର୍ତ୍ତୃପକ୍ଷଙ୍କୁ ଏ ବିଷୟରେ ପୁନଃବିଚାର କରିବାକୁ ପଡ଼ିବ ଯେମିତି ଏହାକୁ ଦେଶର ହିତ ଦୃଷ୍ଟିରୁ ସୀମା ମଧ୍ୟରେ ରଖାଯାଇପାରିବ । ପର୍ଯ୍ୟଟନ କ୍ଷେତ୍ରରେ ଦେଖାଯାଇଥିବା ପରିବର୍ତ୍ତନ ଏବଂ ତତ୍‌କାଳୀନ ସ୍ଥିତିର ସମସ୍ତ ଦିଗକୁ ବିଚାର କରି ପର୍ଯ୍ୟଟନ ବିକାଶ ନିମନ୍ତେ ପର୍ଯ୍ୟଟନମାନଙ୍କର ଆଗମନ ଏବଂ ସେମାନଙ୍କର ସତ୍କାର ପାଇଁ ଆବଶ୍ୟକ ସେବା ଓ ସାମଗ୍ରୀ ଏବଂ ପ୍ରୋତ୍ସାହନ ଆଦି ସମ୍ବନ୍ଧରେ ନୀତି ପ୍ରଣୟନ କରିବା ଆବଶ୍ୟକ । ପର୍ଯ୍ୟଟନର ବିଭିନ୍ନ ବିଭାଗ ନିମନ୍ତେ ବଜେଟ୍‌ରେ ତଦାନୁସାରେ ବ୍ୟୟବ୍ୟବସ୍ଥା କରାଯିବା ଦରକାର ।

### (କ) ରିହାତି ଭଡ଼ା ଏବଂ ସୁଖ-ସୁବିଧା :

ଆଜିକାଲି ମୁଦ୍ରଣ ଏବଂ ଇଲେକ୍‌ଟ୍ରୋନିକ୍ ସଂଚାର ମାଧ୍ୟମରେ ପର୍ଯ୍ୟଟନ-ସଚେତନ ଲୋକମାନଙ୍କୁ ଆକର୍ଷିତ କରିବା ପାଇଁ ଭ୍ରମଣ ବିକାଶ ସମ୍ବନ୍ଧୀୟ ଅନେକ ଯୋଜନାର ବିଜ୍ଞାପନ ଦିଆଯାଉଛି । ପ୍ରଥମତଃ ଦେଶ ଭିତରର ପର୍ଯ୍ୟଟକମାନଙ୍କ ମଧ୍ୟରେ ପ୍ରଚାର ପାଇଁ ଦିଆଯାଉଥିବା ସୂଚନା ଅନ୍ତର୍ରାଷ୍ଟ୍ରୀୟ ପର୍ଯ୍ୟଟକମାନଙ୍କୁ ମଧ୍ୟ ସହାୟକ ହୋଇଥାଏ । ଉଡ଼ାଜାହାଜ ଏବଂ ରେଳଗାଡ଼ିରେ ଯାତାୟତ ନିମନ୍ତେ ହଲିଡ଼େ ପ୍ୟାକେଜ୍ ମାଧ୍ୟମରେ ବିଭିନ୍ନ ଆୟୁବର୍ଗ, ପରିବାର ସଦସ୍ୟଗଣ କିମ୍ବା ଗୋଟିଏ ଦଳରେ ଯାଉଥିବା ପର୍ଯ୍ୟଟକମାନଙ୍କ ପାଇଁ ରିହାତି ବ୍ୟବସ୍ଥା କରାଯାଇଥାଏ । ଏପରି ରିହାତି ଋତୁ ଅନୁସାରେ ଭିନ୍ନ ହୋଇଥାଏ । ରାଷ୍ଟ୍ରୀୟ ନୀତିରେ ରାଷ୍ଟ୍ରୀୟ ଏବଂ ଅନ୍ତର୍ରାଷ୍ଟ୍ରୀୟ ବିମାନ ସେବାକୁ ଘରୋଇକରଣ କରାଯାଇଛି । ସରକାରୀ ଓ ବେସରକାରୀ ଏଜେଣ୍ଟ ମାନଙ୍କ ଦ୍ୱାରା ରିହାତି ଦରରେ ଟିକେଟ୍ ବିକ୍ରି ବ୍ୟବସ୍ଥା କରିବା ଦ୍ୱାରା ବିମାନ କମ୍ପାନୀ ମାନଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ବଢ଼ିଯାଇଛି ।

ପୂର୍ଣ୍ଣ ମିତବ୍ୟୟୀ ଶ୍ରେଣୀର ଭଡ଼ା ତୁଳନାରେ ସର୍ତ୍ତମୂଳକ 'ଏପେକ୍ସ ଟିକେଟ୍' ୫୦ରୁ ୬୦% ଶସ୍ତାରେ ମିଳେ । Apex ର ପୂର୍ଣ୍ଣରୂପ ହେଲା 'Advance Purchase Excursion' ।(ଭ୍ରମଣର ଭଡ଼ା ଅଗ୍ରିମ କ୍ରୟ) । ଏହି ନିମ୍ନ ମୂଲ୍ୟର ଟିକେଟ୍ ଖରିଦ ଦ୍ୱାରା ୨୦୦୪ରେ ଦେଶୀ ପର୍ଯ୍ୟଟକ ସଂଖ୍ୟାରେ ୩୦% ବୃଦ୍ଧି ହୋଇଥିଲା । ଅନ୍ୟ ଏକ ରିହାତି ଯୁକ୍ତ ଟିକେଟ୍ ବିକ୍ରି ବ୍ୟବସ୍ଥାର ନାମ 'Stand by' ଟିକେଟ । ଶେଷ ମୁହୂର୍ତ୍ତରେ ଯଦି କୌଣସି ଫ୍ରି ସିଟ୍ ବଞ୍ଚିଯାଏ ତେବେ ଏପରି ଟିକେଟ୍ ବିମାନ ବନ୍ଦରରେ ହିଁ ପ୍ରତ୍ୟକ୍ଷ ଭାବେ ମିଳିଥାଏ ।

"ରାଉଣ୍ଡ ଦ ୱାର୍ଲ୍ଡ଼" ଟିକଟ୍ ଧାରୀ ପର୍ଯ୍ୟଟକ ଭାରତରେ ବିଭିନ୍ନ ବିମାନ ବନ୍ଦରରେ ବହୁବାର ବିତରଣ କରିବାର ସୁଯୋଗ ପାଇଥାଏ । ଏଥିରେ ରିହାତି ମଧ୍ୟ ଅଧିକ ମିଳିଥାଏ ।

ଘରୋଇ ବିମାନ କମ୍ପାନୀ ଗୁଡ଼ିକୁ ବିମାନ ଚଳାଚଳର ଅନୁମତି ମିଳିବା ଦ୍ୱାରା କେବଳ ଯେ ଅନେକ ମାର୍ଗରେ ଯାତାୟତ କରିବାର ସୁଯୋଗ ସୃଷ୍ଟି କରିଛି ତା ନୁହେଁ ଯାତ୍ରା ସମୟରେ ସେବା ପ୍ରଦାନ କ୍ଷେତ୍ରରେ ମଧ୍ୟ ଉନ୍ନତି ଆଣିଛି । ବିମାନଯାତ୍ରା ଟିକେଟ୍‌ରେ ରିହାତି ପ୍ରଦାନ ବୃଦ୍ଧି ପାଉଥିବାରୁ ବାତାନୁକୂଳି ଓ ବିଳାସପୂର୍ଣ୍ଣ ରେଳଯାତ୍ରା କ୍ଷେତ୍ରରେ ମଧ୍ୟ ଏପରି ବ୍ୟବସ୍ଥା ଯୋଗାଇ ଦେବାକୁ ପଡ଼ିବ ନଚେତ୍ ରେଳଯାତ୍ରା ପ୍ରତିଯୋଗିତା ମୂଳକ ହୋଇପାରିବ ନାହିଁ ।

ଅନ୍ତରାଷ୍ଟ୍ରୀୟ ପର୍ଯ୍ୟଟକମାନଙ୍କ ପାଇଁ ଆଫ୍ରିକା ଓ ଏସିଆର ପଡ଼ୋଶୀ ଦେଶଗୁଡ଼ିକର କେତେକ ବଛାବଛା ବିମାନ ବନ୍ଦରକୁ ସହଜ ଓ ସୁବିଧାରେ ବିମାନଯାତ୍ରା ବ୍ୟବସ୍ଥା କରିବା ରାଷ୍ଟ୍ରୀୟ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ । ଯାତ୍ରୀ ସେବା ସମ୍ବନ୍ଧୀୟ ସୁବ୍ୟବସ୍ଥା ପର୍ଯ୍ୟଟନର ବିକାଶ କରେ, ମାତ୍ର ଟିକେଟ୍‌ରେ ରିହାତି ଅସଲି ପ୍ରୋତ୍ସାହନ ଯାହା ଆଗନ୍ତୁକ ପର୍ଯ୍ୟଟକ ମାନଙ୍କ ସଂଖ୍ୟା ବୃଦ୍ଧିରେ ସାହାଯ୍ୟ କରେ । ପର୍ଯ୍ୟଟନ ଭିତ୍ତିଭୂମିର ମରାମତି ଏବଂ ରକ୍ଷଣାବେକ୍ଷଣ ମଧ୍ୟ କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କର ଦାୟିତ୍ୱ । ଏହା କେନ୍ଦ୍ରୀୟ କର୍ତ୍ତୃପକ୍ଷଙ୍କର ପରିଚାଳନାରେ ତ୍ରୁଟି ଏବଂ ସେଗୁଡ଼ିକୁ ସୁଧାରିବାରେ ସୂଚନା ଦିଏ । ଉଦାହରଣ ସ୍ୱରୂପ, ଦିଲ୍ଲୀରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଯାତ୍ରା ପର୍ଯ୍ୟଟକମାନଙ୍କର ଖୁବ୍ ପସନ୍ଦ କିନ୍ତୁ ପ୍ରତିଦିନ ଦିଲ୍ଲୀରୁ ଏଥିପାଇଁ ଗୋଟିଏ ମାତ୍ର ଉଡ୍ଡୟନର ବ୍ୟବସ୍ଥା ଅଛି । ଓଡ଼ିଶାର କୌଣସି ମୁଖ୍ୟ ସ୍ଥାନକୁ (ଭୁବନେଶ୍ୱର) ଆସିବା ଅପେକ୍ଷା ଥାଇଲାଣ୍ଡର ରାଜଧାନୀ ବ୍ୟାଙ୍କକ୍ ପହଞ୍ଚିବା ପାଇଁ କମ୍ ଖର୍ଚ୍ଚ ଲାଗେ ।

ଆକର୍ଷଣୀୟ ଏବଂ ସଂଗଠିତ ଭାବେ ଦୁଃସାହସିକ କ୍ରୀଡ଼ାର ସୁବିଧା ଥାଏ । ପର୍ଯ୍ୟାପ୍ତ ଏବଂ କେନ୍ଦ୍ରୀତ ପ୍ରଚାରର ଅଭାବ ଏହାର କାରଣ ବୋଲି ପ୍ରତୀୟମାନ ହୁଏ ।

ରାଜସ୍ଥାନ ଅଧିକ ବ୍ୟୟ କରୁଥିବା ବହୁସଂଖ୍ୟକ ପର୍ଯ୍ୟଟକ ଏହି ମରୁଭୂମି ପୂର୍ଣ୍ଣ ରାଜ୍ୟର ପୂର୍ବତନ ମହାରାଜା ଏବଂ ଧନୀ ବ୍ୟବସାୟୀମାନଙ୍କର ରାଜମହଲ ଏବଂ ହାବେଲି ର ପ୍ରଚାର କରି ସେମାନଙ୍କୁ ଆକର୍ଷିତ କରିପାରୁଛି । କେରଳ ଆୟୁର୍ବେଦିକ ଚିକିତ୍ସା ସହିତ ବେଳାଭୂମି ପର୍ଯ୍ୟଟନର 'ପୋଷ୍ଟର ବଏ' ରୂପେ ସଫଳତା ହାସଲ କରିଛି ।

ସମ୍ମିଳିତ ପର୍ଯ୍ୟଟନ ସରକିଟ୍‌ର ପ୍ରଚାର ଦ୍ୱାରା ପର୍ଯ୍ୟଟନର ଏପରି ଅସନ୍ତୁଳିତ ବିତରଣକୁ କମ୍ କରିବା ପାଇଁ ରାଷ୍ଟ୍ରୀୟ ନୀତି ପ୍ରଣୟନ ହେବା ଆବଶ୍ୟକ । ଏପରି ସରକିଟ୍ ସବୁରାଜ୍ୟରେ ବିକାଶ କରାଯାଇପାରିବ । ଏହାଦ୍ୱାରା ପ୍ରତିରାଜ୍ୟରେ ଅତି କମ୍‌ରେ ଗୋଟିଏ ଗନ୍ତବ୍ୟସ୍ଥାନକୁ ଆରାମ୍ଭ ସ୍ଥଳ ରୂପେ ବିକଶିତ କରାଯାଇପାରିବ । ଅର୍ନ୍ତରାଜ୍ୟ ପ୍ୟାକେଜ୍ ଟୁର୍‌ର ନବୀକରଣ ପ୍ରସ୍ତାବ ରାଜ୍ୟମାନଙ୍କୁ ଦିଆଯାଇପାରେ ଯାହାକୁ ସେମାନେ ଯୌଥ ରୂପେ କାର୍ଯ୍ୟକାରୀ କରିପାରିବେ ।

ଉଦାହରଣ ସ୍ୱରୂପ, କେରଳ ଏବଂ ତାମିଲନାଡୁର ସୀମା ନିର୍ଦ୍ଧାରଣ କରୁଥିବା ପାହାଡ଼ର ତଳଦେଶରୁ ଉପର ହିମାଚଳ ପ୍ରଦେଶ, ଜାମ୍ମୁ ଓ କାଶ୍ମୀର ଏବଂ ଉତ୍ତରାଖଣ୍ଡରେ ବିକଶିତ ମନ୍ଦିର ପର୍ଯ୍ୟଟନ ଏବଂ ବୌଦ୍ଧ ବିହାର ଗୁଡ଼ିକରୁ ଅଧିକ ଲାଭାର ଆଶା କରାଯାଏ । ରାଜସ୍ଥାନର 'ସାନ ବକ୍ସ'ର ଗୁଜରାଟ ଉପକୂଳ ପର୍ଯ୍ୟନ୍ତ ବିସ୍ତୃତି ପର୍ଯ୍ୟଟନରେ ବିବିଧତା ଏବଂ ସତେଜତା ଭରିଦିଏ । ଭାରତର କେନ୍ଦ୍ରୀୟ ପର୍ଯ୍ୟଟନ ମନ୍ତ୍ରାଳୟ ତିନୋଟି ଉତ୍ତର-ପୂର୍ବ ରାଜ୍ୟରେ ଗୌହାଟୀ-ଶିଲଂ ଏବଂ ଅରୁଣାଚଳ ପ୍ରଦେଶକୁ ପାରିସ୍ଥିତିକ ପର୍ଯ୍ୟଟନର ଅର୍ନ୍ତରାଜ୍ୟ ପରିଧି ରୂପେ ବିହାର ରାଜ୍ୟର ବୌଦ୍ଧ ବିହାର ଗୁଡ଼ିକୁ ମଧ୍ୟ ଅନ୍ତର୍ଭୁକ୍ତ କରିଅଛି । ବିକାଶୋନ୍ମୁଖୀ ପର୍ଯ୍ୟଟନ କ୍ଷେତ୍ରରେ ପଥପାର୍ଶ୍ୱସ୍ଥ ବିଶ୍ରାମାଗାର ଗୁଡ଼ିକରେ ସ୍ୱଳ୍ପ ଭଡ଼ାରେ ରହିବାର ବ୍ୟବସ୍ଥା ପ୍ରଦାନ କରାଯିବା ଉପରେ ଧ୍ୟାନ ଦେବା ଆବଶ୍ୟକ । ଆଜିର ଦ୍ରୁତ ଯାତାୟତ ଦିନରେ ବିମାନ ବନ୍ଦର ଗୁଡ଼ିକୁ ଆନ୍ତର୍ଜାତୀୟ ସ୍ତରକୁ ଉନ୍ନତି କରିବା ଏବଂ ସେଗୁଡ଼ିକର କ୍ଷମତା ବୃଦ୍ଧିକରିବା ସର୍ବ ସ୍ୱୀକାର୍ଯ୍ୟ । ଅମୃତସର ଏବଂ ଶ୍ରୀନଗର ଆନ୍ତର୍ଜାତିକ ବିମାନ ବନ୍ଦର ନିର୍ମାଣ ଭାରତର ଉତ୍ତର-ପଶ୍ଚିମ କ୍ଷେତ୍ରରେ ପର୍ଯ୍ୟଟନ କେନ୍ଦ୍ର ତଥା ପର୍ଯ୍ୟଟକ ଯାତାୟତ ବୃଦ୍ଧି

ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ । ଆନ୍ତର୍ଜାତୀୟ ବିମାନ ବନ୍ଦର ମାନଚିତ୍ରରେ ସ୍ଥାନିତ ହେଲେ, ଆସାମ ଉପତ୍ୟକା କେନ୍ଦ୍ରାଞ୍ଚଳ ପାଇଁ ଆଶୀର୍ବାଦ ସଦୃଶ ହେବ । ଏହି ଅଞ୍ଚଳ ଏପର୍ଯ୍ୟନ୍ତ ସକ୍ରିୟ ପର୍ଯ୍ୟଟନରୁ ବହୁ ଦୂରରେ । ଏହା ଆମର ସମଗ୍ର ଭୂ-ପୂ. ରାଜ୍ୟଗୁଡ଼ିକ ପାଇଁ ସିଧା ଯାତାୟତର ଅଳିନ୍ଦ ରୂପେ କାର୍ଯ୍ୟ କରିବ । ଏହି କ୍ଷେତ୍ରରେ, ଅଧିକ ବିଦେଶୀ ବାଣିଜ୍ୟ ଦୂତାବାସ ଖୋଲିବା ଦ୍ୱାରା ଅର୍ନ୍ତରାଷ୍ଟ୍ରୀୟ ପର୍ଯ୍ୟଟକ ସଂଖ୍ୟା ବୃଦ୍ଧି କରିପାରିବ କାରଣ ଭିସା ଖୁବ୍ ଶୀଘ୍ର ମିଳିଯାଇପାରିବ । ଆର୍ଥୀକ ସହାୟତା ପ୍ରାପ୍ତ ମୂଲ୍ୟରେ ବିକ୍ରି ପାଇଁ ବଜାର ଖୋଲିବା ପ୍ରସ୍ତାବ ପର୍ଯ୍ୟଟନ ଉନ୍ନୟନ ଦିଗରେ ସହାୟତା କରିବ ।

ଏହି ପ୍ରକାର ସୁବିଧା କେବଳ ଯେ, ପର୍ଯ୍ୟଟକ ମାନଙ୍କ ପାଇଁ ଅତ୍ୟଧିକ ଲାଭବାନ୍ ତାହା ନୁହେଁ ଅତିଥି ସତ୍କାର କରୁଥିବା ଗୋଷ୍ଠୀ ପାଇଁ ମଧ୍ୟ ଲାଭଦାୟକ ହେବ । ଏହାଦ୍ୱାରା ସ୍ଥାନୀୟ ଲୋକଙ୍କୁ ରୋଜଗାର କ୍ଷେତ୍ରରେ ସାହାଯ୍ୟ ମିଳେ ଏବଂ ଭବିଷ୍ୟତରେ ଏଥିରୁ ଲାଭ ମିଳିବା ଦ୍ୱାରା ସେମାନେ ଅଧିକ ଉତ୍ସାହିତ ହେବେ ।

**(ଖ) ପର୍ଯ୍ୟଟନରେ ଅସନ୍ତୁଳନ :**

ଭାରତରେ, ଏହାର ବିଶାଳ ଆକାର ଦୀର୍ଘ ଇତିହାସ ଏବଂ ବିବିଧ ପ୍ରକାର ଆକର୍ଷଣ ଯୋଗୁ ପର୍ଯ୍ୟଟନ ନିମନ୍ତେ ଅନେକ ସୁଯୋଗ ଅଛି । ଏପର୍ଯ୍ୟନ୍ତ ଅନେକ ଶିଥିଳ ପର୍ଯ୍ୟଟନ କ୍ଷେତ୍ରର ମଝିରେ ମଝିରେ କେତେକ ବିକଶିତ ପର୍ଯ୍ୟଟନ ସ୍ଥଳ ଦେଖିବାକୁ ମିଳେ । ଦେଶର ଆକାର ଏବଂ ବିବିଧତା ଅନୁପାତରେ ସକ୍ରିୟ ପର୍ଯ୍ୟଟନ କ୍ଷେତ୍ର ଅତି ଅଳ୍ପ । ଦକ୍ଷିଣରେ ମହୀଶୂର-ବେଙ୍ଗାଲୁରୁ ବଳୟକୁ ଅଧିକ ମହତ୍ତ୍ୱ ଦିଆଯାଇଛି ମାତ୍ର ଉତ୍ତର କର୍ଣ୍ଣାଟକ ପର୍ଯ୍ୟଟକ କ୍ଷେତ୍ରରେ ଉପେକ୍ଷିତ ହୋଇପଡ଼ିଛି । ଗୋଆ, କେରଳ ଏବଂ ଓଡ଼ିଶାର ସମୁଦ୍ର କୂଳରେ ଥିବା ପ୍ରସିଦ୍ଧ ବେଳାଭୂମି ପର୍ଯ୍ୟଟନମାନଙ୍କର ମୁଖ୍ୟ ଗନ୍ତବ୍ୟସ୍ଥଳୀ ହୋଇଥିବାବେଳେ କର୍ଣ୍ଣାଟକ ମହାରାଷ୍ଟ୍ର ଏବଂ ଆନ୍ଧ୍ରପ୍ରଦେଶର ବେଳାଭୂମି ଗୁଡ଼ିକର ଉନ୍ନତି କରିବା ଆବଶ୍ୟକ । ଉତ୍ତରାଖଣ୍ଡ ଏବଂ ଝାଡ଼ଖଣ୍ଡ ଭଳି ନୂତନ ଭାବେ ଗଠିତ ରାଜ୍ୟରେ ପାର୍ବତ୍ୟ ପର୍ଯ୍ୟଟନ ଏବଂ ଛତିଶଗଡ଼ ବା ଅରୁଣାଚଳ ପ୍ରଦେଶର ଆଦିବାସୀ ପର୍ଯ୍ୟଟନ ନିମ୍ନ ସ୍ତରରେ ଅଛି । ସେହି ରାଜ୍ୟଗୁଡ଼ିକୁ କାଶ୍ମୀର ଏବଂ ହିମାଚଳ ପ୍ରଦେଶରେ ବିକଶିତ ପର୍ଯ୍ୟଟନ ସ୍ତରକୁ ଆଣିବାକୁ ସ୍ୱଷ୍ଟ ନୀତି ପ୍ରଣୟନ କରିବାକୁ ଆବଶ୍ୟକ ।

କେତେକ କ୍ଷେତ୍ରରେ ଆଗନ୍ତୁକ ଏବଂ ଦେଶୀୟ ପର୍ଯ୍ୟଟକ ମାନଙ୍କ ସଂଖ୍ୟାରେ ବହୁତ ଅନ୍ତର ଅଛି । ଜାମ୍ମୁ ଓ କାଶ୍ମୀରରୁ ଆସୁଥିବା ସମୁଦାୟ ପର୍ଯ୍ୟଟକ ସଂଖ୍ୟାର ୭୫% ବିଦେଶୀ, ମାତ୍ର ରାଜସ୍ଥାନ ଭଳି ବନ୍ଧୁତ୍ୱପୂର୍ଣ୍ଣ ରାଜ୍ୟରେ ଏହିସଂଖ୍ୟା ୫୫% । ମାତ୍ର ଗୋଆରେ ଏହାର ଅନୁପାତ ୧୦% ଏବଂ ହିମାଚଳ ପ୍ରଦେଶରେ ପ୍ରାୟ ୩% । କେହି କେବେ ବିଶ୍ୱାସ କରିପାରିବ ଯେ, ହିମାଚଳ ପ୍ରଦେଶ ସେମାନଙ୍କୁ ବହୁଳ ସଂଖ୍ୟାରେ ଆକର୍ଷିତ କରିବାକୁ ସକ୍ଷମ ହେବନାହିଁ ଯଦି ଏଦିଗରେ ବ୍ୟାବହାରିକ ରୂପେ ଉପାୟ ସ୍ଥିର କରାଯାଏ ? ଅନ୍ୟ ପକ୍ଷରେ ବିଦେଶୀ ପର୍ଯ୍ୟଟକମାନଙ୍କର ଏକ ବୃହତ୍ ସଂଖ୍ୟା ପ୍ରାୟ ୩୦ଲକ୍ଷରୁ ଅଧିକ ପ୍ରତିବର୍ଷ ତାଜମହଲ ଦେଖିବାକୁ ଆସନ୍ତି ଏବଂ ଅଜନ୍ତା-ଏଲୋରାର ଗୁମ୍ଫା ଦେଖିବାକୁ ଏହାର ସଂଖ୍ୟା ମଧ୍ୟ ଅଧିକ ।

ଆଶ୍ଚର୍ଯ୍ୟ କଥା ଯେ, ତୁଳନାତ୍ମକ ଭାବେ ଅଧିକ ବିଦେଶୀ ପର୍ଯ୍ୟଟକ ହିମାଚଳ ପ୍ରଦେଶର କାଂଗ୍ରା ଜିଲ୍ଲାର ମେକ୍‌ଲିଓଡ଼ଗଞ୍ଜ (ଧର୍ମଶାଳା)କୁ ଯାଆନ୍ତି । ଏହି ସ୍ଥାନରେ ଦଲାଇଲାମା ରହନ୍ତି । ଉଚ୍ଚ ହିମାଳୟର କୁଲୁ-ମନାଲି କ୍ଷେତ୍ରକୁ ଏମାନେ ଖୁବ୍ କମ୍ ସଂଖ୍ୟାରେ ଯାଆନ୍ତି ଯଦିଓ ଏ ସ୍ଥାନରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଅଧିକ



ଟିପ୍ପଣୀ

## (ଗ) ଜାତୀୟ ବିପର୍ଯ୍ୟୟ ପରିଚାଳନା :

କୌଣସି ପ୍ରାକୃତିକ ବା ମାନବକୃତ ବିପର୍ଯ୍ୟୟ ଯେତେବେଳେ ଏକ ବିସ୍ତୃତାଞ୍ଚଳ ବା ରାଜ୍ୟଗୁଡ଼ିକୁ ପ୍ରଭାବିତ କରେ ତାକୁ ଜାତୀୟ ବିପର୍ଯ୍ୟାୟ କୁହାଯାଏ । ମୁହୂର୍ତ୍ତକ ମଧ୍ୟରେ ଏହା ପର୍ଯ୍ୟଟନ ଉପରେ ନିର୍ଭରଶୀଳ ଲୋକମାନଙ୍କର ରୋଜଗାର ଛଡ଼ାଇ ନିଏ । ନିକଟ ଅତୀତରେ ସୁନାମି ସାମୁଦ୍ରିକ ଢ଼େଉ ଦ୍ୱାରା ଆମର ସମୁଦ୍ର କୂଳିଆ ସ୍ଥାନଗୁଡ଼ିକରେ ଯେଉଁ ଧ୍ୱଂସଲୀଳା ସୃଷ୍ଟ ହେଲା ତାହା ଏକ ଜାତୀୟ ବିପର୍ଯ୍ୟୟ ଥିଲା । ଭାରତର ବିଭିନ୍ନ ଭାଗରେ ଚାଲିଥିବା ଆତଙ୍କବାଦୀ କାର୍ଯ୍ୟକଳାପ ମାନବକୃତ ଜାତୀୟ ବିପର୍ଯ୍ୟୟର ଅନ୍ତର୍ଗତ । ଯେତେବେଳେ ସମୁଦ୍ର ବେଳାଭୂମିର ଅସ୍ତିତ୍ୱ ସଂପୂର୍ଣ୍ଣ ରୂପେ ଲୋପ ପାଇଯାଏ, ସେତେବେଳେ ବେଳାଭୂମି ପର୍ଯ୍ୟଟନରେ ହାନି ଘଟେ । ଏହିଭଳି ଭାବରେ ଆମର ଅନେକ ସମ୍ବେଦନଶୀଳ ପର୍ଯ୍ୟଟନ ଉଦ୍ୟୋଗ ଉଗ୍ରବାଦ ଯୋଗୁ ସୁଖସୁବିଧା ପ୍ରଦାନ କ୍ଷେତ୍ରରେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । କାଶ୍ମୀର ଏହାର ଏକମାତ୍ର ଜ୍ୱଳନ୍ତ ଉଦାହରଣ । ଏପରି ଆପାତ୍‌କାଳୀନ ପରିସ୍ଥିତିକୁ ଜାତୀୟ ସ୍ତରରେ ରଣନୀତି ଅବଲମ୍ବନ କରି ଅବସ୍ଥାକୁ ସମ୍ଭାଳିବା ସଂଗେ ସଂଗେ ଏହା ଉପରେ ନିର୍ଭର କରି ଚଳୁଥିବା ସ୍ଥାନୀୟ ଲୋକମାନଙ୍କର ଅସୁବିଧା କିଛି ପରିମାଣରେ ଲାଘବ କରାଯାଇପାରେ । ଅର୍ଥବ୍ୟୟ ତୁଳନାରେ ସ୍ଥାନୀୟ ଅଧିବାସୀମାନଙ୍କୁ ସହାନୁଭୂତି ସହ ସହାୟତା ଯୋଗାଇଦେଲେ ସେମାନଙ୍କର ସକ୍ରିୟ ସହଭାଗିତା ଦ୍ୱାରା ପର୍ଯ୍ୟଟନ କାର୍ଯ୍ୟକଳାପ ପୁନର୍ଜିବିତ ହୋଇପାରିବ । ମିଜୋରାମ ରାଜ୍ୟରୁ ସୁନାମି ପୀଡ଼ିତ ଲୋକମାନଙ୍କୁ ବାଉଁଶ ଯୋଗାଇ ଦେବା ଏ ଦିଗରେ ଏକ ମହତ୍ତ୍ୱପୂର୍ଣ୍ଣ ଉଦାହରଣ । ଯଦିଓ ମିଜୋରାମ ବିଧ୍ୱଂସ ସ୍ଥଳୀଠାରୁ ବହୁ ଦୂରରେ ଅବସ୍ଥିତ । ତାମିଲନାଡୁ ପର୍ଯ୍ୟନ୍ତ ବାଉଁଶ ଗୁଡ଼ିକର ପରିବହନ ବାବଦ ଖର୍ଚ୍ଚ ଉତ୍ତର-ପୂର୍ବ ରେଳବିଭାଗ ବହନ କରୁଥିଲା । ପୀଡ଼ିତ ମାନଙ୍କ ପାଇଁ ଏପରି ତୁରନ୍ତ ସହାନୁଭୂତି ପ୍ରଦାନ ଯୋଗୁ ସେମାନଙ୍କ ପାଇଁ ଗୃହ ନିର୍ମାଣ ଖୁବ୍ ଶୀଘ୍ର ସମ୍ଭବ ହୋଇପାରିଲା । ଏହାଦ୍ୱାରା ସେମାନେ ପର୍ଯ୍ୟଟନ ଦ୍ୱାରା ପୁନର୍ବାର ଜୀବିକାର୍ଜନ କରିବାକୁ ସକ୍ଷମ ହେଲେ । ଏକୁଟିଆ ଗୋଟିଏ ଜାତୀୟ ଏଜେନ୍‌ସି, ଆମର ନିଜର ଦେଶର  କେବଳ ସୁନାମି ଦ୍ୱାରା କ୍ଷତିଗ୍ରସ୍ତ ସ୍ଥାନ ନୁହେଁ ପଡ଼ୋଶୀ ଦେଶର ଏଭଳି କ୍ଷେତ୍ରରୁ ମଧ୍ୟ ବିଦେଶୀ ପର୍ଯ୍ୟଟକ ମାନଙ୍କୁ ଉଦ୍ଧାର କରି ସୁରକ୍ଷିତ ସ୍ଥାନକୁ ଅପସାରଣ କରିବା ନିମନ୍ତେ ଏକ ସଂଗେ ନିଜର ସମସ୍ତ ସମ୍ବଳ ମଧ୍ୟ ଏକାଠି କରିପାରେ । ଆମର ପଡ଼ୋଶୀ ଦେଶରେ ନିରୂପାୟ ହୋଇ ପଡ଼ି ରହିଥିବା ବିଦେଶୀ ପର୍ଯ୍ୟଟକମାନଙ୍କୁ  ରାତାରାତି ଭିସା ପ୍ରମାଣପତ୍ର ଯୋଗାଇ ଦିଆଯାଇଥିଲା । ଭାରତ ସରକାରଙ୍କ ଅଧୀନରେ କାର୍ଯ୍ୟରତ ରାଷ୍ଟ୍ରୀୟ ଏଜେନ୍‌ସି ଗୁଡ଼ିକ ଦ୍ୱାରା ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଏହା ଏକ ଶ୍ରେଷ୍ଠ ପ୍ରଦର୍ଶନ ଥିଲା । ଧ୍ୱଂସପ୍ରାପ୍ତ ବେଳାଭୂମିକୁ ପୁନଃବିକଶିତ କରିବା କୌଣସି ପ୍ରକାରେ ଏକ ସହଜ କାମ ନଥିଲା । ତଥାପି ଦ୍ରୁତଗତିରେ ଅଗ୍ରସର ହେଉଥିବା ପର୍ଯ୍ୟଟନକୁ ପୁନଃ ଖୁବ୍ ଶୀଘ୍ର ଆରମ୍ଭ କରି ଦିଆଗଲା । ଶସ୍ତା ପ୍ୟାକେଜ୍ ଏବଂ ପ୍ରୋତ୍ସାହନ ଦ୍ୱାରା ଏହାକୁ ପୁନଃସ୍ଥାପନ କରିବାରେ ସାହାଯ୍ୟ ମିଳିଲା । ଏପରିକି ପୃଥିବୀର ସର୍ବାଧିକ ପର୍ଯ୍ୟଟକ ମାନଙ୍କର ଗନ୍ତବ୍ୟସ୍ଥଳ ମଧ୍ୟରେ ପୋର୍ଟବ୍ଲେୟାର୍ ସର୍ବାଗ୍ରେ ରହିପାରିଲା । ରାଷ୍ଟ୍ରୀୟ ଏଜେନ୍‌ସି ପକ୍ଷେ ଏହା ସମ୍ଭବ ହେବାକୁ ହେଲେ ପୀଡ଼ିତଙ୍କର ସହାୟତା ନିମନ୍ତେ ଦେଶସାରା ସଚେତନତା ଅଭିଯାନ ଆରମ୍ଭ କରାଯିବା ଆବଶ୍ୟକ ।



ଟିପ୍ପଣୀ

## ୩୨.୯ କ୍ଷେତ୍ରୀୟ ସ୍ତରରେ ନୀତିଗତ ଉପାୟ :

ସାଧାରଣ ଶବ୍ଦରେ, ସମୁଦାୟ ପର୍ଯ୍ୟଟନ କ୍ଷେତ୍ର ସ୍ୱୟଂ ନିଜର ସମସ୍ତ ଦୃଶ୍ୟମାନ ଓ ଅଦୃଶ୍ୟ ଉତ୍ପାଦ ଗୁଡ଼ିକର ବିକ୍ରି ନିମନ୍ତେ ଏକ ବଜାର ଅଟେ । କ୍ଷେତ୍ର ନିଜର ପ୍ରାକୃତିକ ଦୃଶ୍ୟ ଏବଂ ଉତ୍ତରାଧିକାର ସୂତ୍ରରେ ମିଳିଥିବା ସାଂସ୍କୃତିକ  ଭୂଦୃଶ୍ୟର ବିପଣନ କରିଥାଏ । ପର୍ବତ ଏବଂ ଉପତ୍ୟକା, ବହୁରଂଗ ବିଶିଷ୍ଟ ଶିଳା କୁହୁଡ଼ି, ବର୍ଷା, ଜଳ, ଉଦ୍ଭିଦ ଏବଂ ସତେଜ ସବୁଜକ୍ଷେତ ଠାରୁ ଆରମ୍ଭ କରି ନିର୍ମଳ ଆକାଶ, ବାଦଲର ଛାଇ କିମ୍ବା ଝରାବର୍ଷା ଓ ବୃଷ୍ଟିପାତ ଆଦି ପର୍ଯ୍ୟଟନ ସମ୍ପତ୍ତି । ପର୍ଯ୍ୟଟନ କ୍ଷେତ୍ରର ଆକର୍ଷଣ ଏହାର ପ୍ରଦୂଷଣ ମୁକ୍ତ ଗନ୍ଧ ଏବଂ ଋତୁ ଅନୁସାରେ ପରିବର୍ତ୍ତନଶୀଳ ରଂଗ ବେରଙ୍ଗ ଦୃଶ୍ୟାବଳୀ ଆଗନ୍ତୁକମାନଙ୍କୁ ଆମନ୍ତ୍ରିତ କରେ । ଏହାର ବିପଣୀ ସ୍ଥାନୀୟ ଲୋକମାନଙ୍କ ପାଇଁ ମଧ୍ୟ ଆୟ ପ୍ରଦାନକାରୀ ସମ୍ବଳ ହୋଇଥାଏ । ସ୍ପଷ୍ଟତଃ ଏଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ନିଆଯାଉଥିବା ପଦକ୍ଷେପ କ୍ଷେତ୍ରୀୟ ନୀତିର ପ୍ରାଥମିକତା ହେବା ଉଚିତ୍ । କ୍ଷେତ୍ର ଅଧ୍ୟୟନ ଦ୍ୱାରା ନୂତନ ଆକର୍ଷଣ ସ୍ଥଳୀର ଅନୁସନ୍ଧାନ କରିବାର ଆବଶ୍ୟକତା ଅଛି । ସୁଗମ୍ୟ ସ୍ଥାନର ପରିବେଶ ଏବଂ ମନୁଷ୍ୟ-କୃତ ଦୃଶ୍ୟାବଳୀ ଏହାର ବିକାଶର ପଥ ଉନ୍ମୋଚନ କରିବ ।

**(କ) ରାଜ୍ୟଗୁଡ଼ିକରୁ କେସ୍ ଷ୍ଟଡ଼ି (ସ୍ଥାନୀୟ ଅଧ୍ୟୟନ)**

ପର୍ବତ୍ୟାଞ୍ଚଳ ପର୍ଯ୍ୟଟନ ପାଇଁ ପ୍ରସିଦ୍ଧ ରାଜ୍ୟଗୁଡ଼ିକ ପର୍ଯ୍ୟଟକମାନଙ୍କର କ୍ରମବର୍ଦ୍ଧିଷ୍ଣୁ ସଂଖ୍ୟା ସହିତ ସାମଞ୍ଜସ୍ୟ ରଖିବାରେ ବିଫଳ ହେଉଛନ୍ତି । ସେଠାରେ ସେମାନଙ୍କୁ ରହିବାପାଇଁ ହୋଟେଲର ସୁବନ୍ଦୋବସ୍ତ କରିପାରନ୍ତି ନାହିଁ ମାତ୍ର କେତେକ ପ୍ରସିଦ୍ଧ ଶୈଳନିବାସ ଗୁଡ଼ିକରେ ଅନେକ ଉତ୍ତମ ମାନର ହୋଟେଲ ଯୋଗାଇ ଦିଆଯାଇଛି । ହିମାଚଳ ପ୍ରଦେଶର ପର୍ଯ୍ୟଟନ ବିଭାଗ ରାଜ୍ୟର ସମତଳ ଭୂମିର ଆଖପାଖରେ ମଧ୍ୟମ ଉଚ୍ଚତାରେ ଛୋଟ ଆକାରର ତିନୋଟି ନୂତନ ପାର୍ବତ୍ୟ ପର୍ଯ୍ୟଟନ କେନ୍ଦ୍ର ନିର୍ମାଣ କରିବାକୁ ପ୍ରସ୍ତାବ ଦେଇଛି । ଯେହେତୁ ସେଗୁଡ଼ିକ ସମତଳ ଅଞ୍ଚଳ ନିକଟରେ ଅବସ୍ଥିତ ସେଥିପାଇଁ ପର୍ଯ୍ୟଟକମାନଙ୍କର ସଂଖ୍ୟା ସର୍ବାଧିକ ହେବାର ଦେଖାଯାଉଛି । ଏହା ମଧ୍ୟ ଆଶା କରାଯାଏ ଯେ, ଏହା ମଧ୍ୟ ପୁରୁଣା ପାହାଡ଼ି ପର୍ଯ୍ୟଟନ କେନ୍ଦ୍ରର ପର୍ଯ୍ୟଟକ ଆକର୍ଷଣ ବଜାୟ ରଖିବ, କାରଣ ଏଠାରୁ ପର୍ଯ୍ୟଟକ ମାନଙ୍କର ସଂଖ୍ୟା କମ୍ ହେବ । ଅଧିକ ଅର୍ଥ ଉପାର୍ଜନ କରିବା ଉଦ୍ଦେଶ୍ୟରେ ରାଜ୍ୟ ଭବିଷ୍ୟତରେ ପର୍ଯ୍ୟଟନ ସହର ନିର୍ମାଣର ଯୋଜନା ମଧ୍ୟ କରୁଅଛି । ଏଭଳି ସହର, ପ୍ରବାସୀ ଭାରତୀୟ ମାନଙ୍କ ପାଇଁ ଉପଯୁକ୍ତ ହେବ ।

ବର୍ତ୍ତମାନ, ପର୍ଯ୍ୟଟନର ଶୀର୍ଷ ଋତୁରେ ପର୍ଯ୍ୟଟକଗଣ ତିନୋଟି ଲୋକପ୍ରିୟ ଶୈଳନିବାସ ଶିମିଳା, ମନାଲୀ ଏବଂ ଡେଲହାଉସୀରେ ଏକତ୍ରୀତ ହେଉଛନ୍ତି । ନୂଆ ସ୍ଥାନର ଆକର୍ଷଣ ସୃଷ୍ଟିକରିବା ପାଇଁ ସମସ୍ତ ପ୍ରକାର ସୁବିଧା ଯୋଗାଇବାକୁ ପଡ଼ିବ । ଏପରି ଭାବେ ପଞ୍ଚପାର୍ଶ୍ୱରେ ନିର୍ମିତ ବିଶ୍ରାମସ୍ଥଳୀ ଗୁଡ଼ିକଠାରୁ ଅଧିକ ଆକର୍ଷଣୀୟ ହୋଇପାରିବ । କୌଣସି କ୍ଷେତ୍ର ଅବିକଶିତ ହୋଇ ପଡ଼ି ରହିବାର ଅର୍ଥ ନୁହେଁ ଯେ ଏହା କମ୍ ପସନ୍ଦଯୋଗ୍ୟ ଦର୍ଶନୀୟ ସ୍ଥାନ । ସାଧାରଣତଃ ଯେଉଁଠିକୁ ଅଧିକ ପର୍ଯ୍ୟଟକ ଯାଆନ୍ତି ସେଗୁଡ଼ିକୁ ଲୋକପ୍ରିୟ ବୋଲି ମାନି ନିଆଯାଏ କିନ୍ତୁ ଏପରି ଭାବନା ଅନ୍ୟସ୍ଥାନ ଉପେକ୍ଷିତ ହେବାର କାରଣ ହୋଇଯାଏ ।

ହିମାଳୟ ପର୍ଯ୍ୟଟନରେ ରାଜ୍ୟର ଉତ୍ତର ଆଭ୍ୟନ୍ତରୀଣ ଭାଗରେ ଥିବା କିନ୍ନୋର ଓ ସ୍ପିତି ଉପତ୍ୟକା ଅଞ୍ଚଳରେ ପର୍ଯ୍ୟଟକମାନଙ୍କ ଆଗମନରେ ଦ୍ରୁତ ବୃଦ୍ଧି ନିମନ୍ତେ ସମ୍ଭାବିତ ପଦକ୍ଷେପ ଗ୍ରହଣ କରାଯିବା ନେଇ ସ୍ଥିର କରିଛି । ଏହି କ୍ଷେତ୍ରଟି ଉଚ୍ଚ ଏବଂ କଠିନ ପର୍ବତଶ୍ରେଣୀ ମଧ୍ୟରେ ଅବସ୍ଥିତ । ଏଠାରେ ପର୍ଯ୍ୟଟକମାନେ ଅପେକ୍ଷା କରୁଥିବା ସୁବିଧା ଯଥେଷ୍ଟ କମ୍ ଉପଲବ୍ଧ ହୋଇଥାଏ । ଏହା ମଧ୍ୟ ସ୍ଥିର କରାଯାଇଛି ଯେ, ଭାରତ-ତିବ୍ବତ ରାଜମାଗ ଏବଂ ସ୍ପିତି ଉପତ୍ୟକାର ରାସ୍ତାରେ ପଡୁଥିବା ଗ୍ରାମଗୁଡ଼ିକର ଜନଜାତି ଅଧିବାସୀମାନଙ୍କୁ ସୂଚନା ଦିଆଯାଇଛି ଯେ, ସେମାନେ ଆଗନ୍ତୁକ ପର୍ଯ୍ୟଟକମାନଙ୍କ ପାଇଁ ରହିବାର ବନ୍ଦୋବସ୍ତ କରନ୍ତୁ । ଏପରି ବ୍ୟବସ୍ଥା ନିଜ ବାସଗୃହର ଏକ ଅଲଗା ଅଂଶରେ ହେବା ଆବଶ୍ୟକ । ଏହି କ୍ଷେତ୍ର ବରଫାବୃତସୁଉଚ୍ଚ ପର୍ବତମାଳାର ସୁନ୍ଦର ଦୃଶ୍ୟ ଏବଂ

ବୌଦ୍ଧମନ୍ଦିର ମଧ୍ୟରେ ବୌଦ୍ଧ ଧର୍ମ ସମ୍ବନ୍ଧୀୟ ପ୍ରାଚୀନ ନୀତିବାଣୀ ଆଧାରିତ ଚିତ୍ର ନିମନ୍ତେ ପ୍ରସିଦ୍ଧ । ବିପଦ ଶଙ୍କୁଳ ପାର୍ବତ୍ୟ ପଥରେ ପଦଯାତ୍ରା, ପର୍ବତାରୋହଣ କିମ୍ବା ଭାରତ ଭିତରେ ଥିବା ଏକ ଛୋଟିଆ ତିବ୍ବତର ଅଦ୍ୱିତୀୟ ସଂସ୍କୃତିରେ ରୁଚି ରଖୁଥିବା ପର୍ଯ୍ୟଟକ ଏହି ଅଞ୍ଚଳ ଦେଇ ଯିବାକୁ ଚାହିଁବେ । ଆଶା କରାଯାଏ ଯେ, ଏଭଳି ପର୍ଯ୍ୟଟକମାନେ ଉଚ୍ଚକୋଟୀର ସୁଖସୁବିଧାର ଅଭାବ ସତ୍ତ୍ୱେ ଉକ୍ତ ଅଞ୍ଚଳରେ ରହୁଥିବା ଦେଶୀୟ ଲୋକମାନଙ୍କ ସହିତ ସେମାନଙ୍କର ଗୃହରେ ରହିବାର ଅଭିଜ୍ଞତା ଅର୍ଜନ କରିବା ପାଇଁ ଆଗେଇ ଆସିବେ ।

ଜାମ୍ମୁ ଓ କାଶ୍ମୀର ଏହାର ଅନେକ ଆକର୍ଷଣର ପୂର୍ଣ୍ଣ ଫାଇଦା ଉଠାଇବା ଉଦ୍ଦେଶ୍ୟରେ ୨୧ଟି ନୂତନ ପର୍ଯ୍ୟଟକ ଗନ୍ତବ୍ୟସ୍ଥଳ ଖୋଲିବା ପାଇଁ ଯୋଜନା କରୁଛି । ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ହେଲା, ଅଳ୍ପ କିଛି ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀରୁ ପର୍ଯ୍ୟଟକ ଯାତାୟତର ଗତିପଥ ଅନ୍ୟ କେତେକ ସ୍ୱତଃପୂର୍ଣ୍ଣ ଏକାନ୍ତ ମାତ୍ର ଅବିସ୍ମରଣୀୟ ସ୍ଥାନ ଆଡ଼କୁ ଅପସାରଣ କରିବା । ସେହିପରି ମହାରାଷ୍ଟ୍ର ପର୍ଯ୍ୟଟନ, ସାତପୁରା ପର୍ବତମାଳା ଉପରିସ୍ଥ ଶୈଳନିବାସ ଏବଂ ସହ୍ୟାଦ୍ରି ପର୍ବତମାଳାରେ ସ୍ଥିତ ଏକ ଡ଼ର୍ଜନରୁ ଅଧିକ ଅବିକଶିତ ପର୍ଯ୍ୟଟନ ସ୍ଥଳକୁ ଉପେକ୍ଷା କରିପାରି ନାହିଁ । ଚାରୋଟି ଅତି ଦର୍ଶନୀୟ ସ୍ଥାନ ମାନ୍ୟତା ପ୍ରାପ୍ତ ପାର୍ବତ୍ୟ ପର୍ଯ୍ୟଟନ କ୍ଷେତ୍ରର ଆକର୍ଷଣ ବଜାୟ ରଖିବାପାଇଁ ଏବଂ ସେଠାରୁ ପର୍ଯ୍ୟଟକମାନଙ୍କର ଭୀଷଣ ଭିଡ଼ କମାଇବା ପାଇଁ ଏପରି ପ୍ରୟାସ କରୁଅଛି । ଯାତାୟତ ସହଜ ହେଉଥିବା ଏବଂ ଅତି ସହଜରେ ଅଧିକ ସାମଗ୍ରୀ ପରିବହନର ସୁବିଧା ପାଇଁ ଶୈଳନିବାସ ଗୁଡ଼ିକର ପ୍ରଚାର ପ୍ରସାର କରାଯିବା ଆବଶ୍ୟକ । ଏହାଦ୍ୱାରା ଦୁଇଟି ଉଦ୍ଦେଶ୍ୟ ପୂରଣ ହେବ । ପର୍ଯ୍ୟଟକମାନଙ୍କୁ ରାଜ୍ୟର ଏକ ନୂତନ ଅଂଶକୁ ନିଆଯାଇପାରିବ ତଥା ପୁରୁଣା ଶୈଳନିବାସ ଗୁଡ଼ିକର ପ୍ରାଧାନ୍ୟ ଦୀର୍ଘକାଳ ବଜାୟ ରଖିବା ଦିଗରେ ସହାୟତା ମିଳିବ । ଉତ୍ତର ପ୍ରଦେଶରେ ମଧ୍ୟ ୧୦ଟି ଅଜ୍ଞାତ ପର୍ଯ୍ୟଟକ ସ୍ଥଳର ବିକାଶ ଏବଂ ପ୍ରଚାରର ପ୍ରସ୍ତାବ ଅଛି । ଏଥିରୁ ଅଧିକାଂଶ, ରାଜ୍ୟର ପୂର୍ବ ଏବଂ ଦକ୍ଷିଣ ଭାଗରେ ଅବସ୍ଥିତ । ଏହାଦ୍ୱାରା ପର୍ଯ୍ୟଟନରୁ ହେଉଥିବା ଆୟର ସନ୍ତୁଳିତ ବିତରଣ ହେବାର ମଧ୍ୟ ଆଶା କରାଯାଉଛି ।

ଆନ୍ଧ୍ରପ୍ରଦେଶରେ ହାଇଦ୍ରାବାଦ୍ ନିକଟରେ ବୌଦ୍ଧ ସ୍ମାରକୀ, ବିଶାଳ ମସ୍‌ଜିଦ୍, ପ୍ରତ୍ନତାତ୍ତ୍ୱିକ ସ୍ଥାନ ଏବଂ ମ୍ୟୁଜିୟମ୍ ଆଦି ଅବସ୍ଥିତ । ଦକ୍ଷିଣସ୍ଥ ତିରୁପତି ମନ୍ଦିର ବହୁତ ସଂଖ୍ୟାରେ ହିନ୍ଦୁ ତିର୍ଥଯାତ୍ରୀଙ୍କର ପ୍ରବେଶ ଦ୍ୱାର ଯେଉଁଠି ସେମାନେ ତିରୁମାଳା ପର୍ବତରେ ବିରାଜମାନ ଭଗବାନ ଭେଙ୍କଟେଶ୍ୱରଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରିଥାନ୍ତି । ଉତ୍ତରସ୍ଥ ବିଶାଖାପାଟଣା ଅଞ୍ଚଳ ବେଳାଭୂମି ପର୍ଯ୍ୟଟନ, ପୁରାତନ ଯୁଗର ଗୁମ୍ଫା, ପାହାଡ଼, ସର୍ବାଧିକ ପ୍ରାଚୀନ ମନ୍ଦିର ଏବଂ ସୌନ୍ଦାର୍ଯ୍ୟପୂର୍ଣ୍ଣ ଆରକୁ ଉପତ୍ୟକାରେ ଆଦିବାସୀ ଜୀବନର ସନ୍ନିକଟଣ ନିମନ୍ତେ ବର୍ଗୀକୃତ କରାଯାଇଛି । ପୂର୍ବ ଘାଟ ପର୍ବତମାଳା, ନଦୀ ଓ ହ୍ରଦ ଆଦିରେ ଦୁଃସାହସିକ କ୍ରୀଡ଼ାରୁ ରୋମାଞ୍ଚ ଅନୁଭବ କରିବା ନିମନ୍ତେ ଜନସାଧାରଣଙ୍କ ପାଇଁ ଖୋଲି ଦିଆଯାଇଛି ।

ଦୁଇଟି ଗନ୍ତବ୍ୟ ସ୍ଥଳ ମଧ୍ୟରୁ କୌଣସି ଗୋଟିଏକୁ ବାଛି ପର୍ଯ୍ୟଟନ ଯାତାୟତକୁ ସେମାନଙ୍କର ରୁଚି ଅନୁସାରେ ନିୟନ୍ତ୍ରିତ କରିବା ପାଇଁ ଭ୍ରମଣ-ସୂଚୀ ପ୍ରସ୍ତୁତ କରାଯାଇଥାଏ । ଏଥିପାଇଁ ସେମାନଙ୍କ ନିକଟରେ ଦୁଇଟି ବିକଳ୍ପ ଥାଏ । ପ୍ରଥମ ବିକଳ୍ପରେ ଲୋକେ ପଥପାର୍ଶ୍ୱରେ ସ୍ୱଳ୍ପକାଳ ରହଣୀ ପାଇଁ ଯିବାକୁ ପସନ୍ଦ କରିପାରନ୍ତି । ଏହାକୁ ଉତ୍ସବ ଏବଂ ଅନ୍ୟାନ୍ୟ ଘଟଣା ସହିତ ଯୋଡ଼ା ଯାଇଥାଏ ଏବଂ ସାଧାରଣତଃ ଭିନ୍ନ ଭିନ୍ନ ଦିନରେ ଭିନ୍ନ ଭିନ୍ନ ସ୍ଥାନରେ ରହିବାର ବ୍ୟବସ୍ଥା ହୋଇଥାଏ । ଦ୍ୱିତୀୟ ବିକଳ୍ପ ଗନ୍ତବ୍ୟ ସ୍ଥଳ ଯିବାର ଉଦ୍ଦେଶ୍ୟ ହେଲା ସେ ସ୍ଥାନର ବିଶେଷ କାର୍ଯ୍ୟକଳାପରେ ଭାଗନେବା । ଏହାର ଅନ୍ତର୍ନିହିତ ଉଦ୍ଦେଶ୍ୟ ପର୍ଯ୍ୟଟକମାନଙ୍କୁ ବିକ୍ଷିପ୍ତ କରିବା ଯାହାଦ୍ୱାରା ସେମାନଙ୍କର ଅସମ୍ଭବ ଭିଡ଼ ଉପରେ ନିୟନ୍ତ୍ରଣ କରାଯାଇପାରେ । ପର୍ଯ୍ୟଟନ ସର୍କିଟ୍ ମାର୍ଗରେ ସୁଖ ସୁବିଧାର ସମସ୍ତ ସମ୍ବଳ ବିକାଶ କରାଯିବା ସଂଗେ ସଂଗେ ଉପଯୁକ୍ତ ପ୍ରଚାର ଦ୍ୱାରା ଏହା ହାସଲ କରାଯାଇପାରିବ ।

### (ଖ) ନୂତନ-ପ୍ରବର୍ତ୍ତିତ ପର୍ଯଟନ - ଏହାର ରୂପରେଖ :

ଯେକୌଣସି କ୍ଷେତ୍ର ବିଶେଷରେ ଥରେ ବିକଶିତ ହୋଇଥିବା ପର୍ଯ୍ୟଟନ ବା କିଛି କାର୍ଯ୍ୟକଳାପ ଯେଉଁଗୁଡ଼ିକୁ

ଟିପ୍ପଣୀ

କୌଣସି ପ୍ରକାରେ କେଉଁଠି ବି ପରିବର୍ତ୍ତନ ନକରି ବାରମ୍ବାର ପୁନରାବୃତ୍ତି କରିଯାଇଥାଏ ତାହାକୁ ଏକମୁଖୀ ପର୍ଯ୍ୟଟନ କୁହାଯାଏ । ଏହା ଦୀର୍ଘକାଳ ପର୍ଯ୍ୟନ୍ତ ପର୍ଯ୍ୟଟନଙ୍କ ରୁଚିକୁ ବାନ୍ଧିରଖି ନପାରେ । ନୂଆ ନୂଆ ଆକର୍ଷଣର ପ୍ରବର୍ତ୍ତନ କିମ୍ବା ମନୋରଞ୍ଜନର ଭିନ୍ନ ସ୍ରୋତର ଅନୁପସ୍ଥିତ ରହିଲେ କ୍ଷେତ୍ରୀୟ ପର୍ଯ୍ୟଟନ ଖୁବ୍ ଶୀଘ୍ର ନିଜର ପୂର୍ଣ୍ଣଚ୍ଛେଦରେ ପହଞ୍ଚିଯାଏ । ଯଦି ପର୍ଯ୍ୟଟନର ଏପରି ଶିଥିଳାବସ୍ଥା ବହୁଦିନ ପର୍ଯ୍ୟନ୍ତ ଲାଗିରହେ ତେବେ ପର୍ଯ୍ୟଟନ ସ୍ଥଳୀର ଅଧିକ ଦିନ କଟାଇବାର ଆକର୍ଷଣ ହରାଇବସେ । କେତେକ ଏଠାକୁ ଦ୍ୱିତୀୟ ଥର ପାଇଁ ଯିବାକୁ ନଚାହିଁ କୌଣସି ଅନ୍ୟ ସ୍ଥାନକୁ ଯିବାପାଇଁ ମନ ବଳାଇଥାନ୍ତି । ଏପରି ଅବସ୍ଥାରୁ ମୁକୁଳିବା ପାଇଁ ନବପ୍ରବର୍ତ୍ତନର ଆବଶ୍ୟକ ପଡ଼େ । ବିଭିନ୍ନ ପ୍ରକାରର ନବ ପ୍ରବର୍ତ୍ତନୀୟ ପର୍ଯ୍ୟଟନ ନିମ୍ନଲିଖିତ ମତେ ହୋଇପାରେ ।

(i) ଗ୍ରାମୀଣ ପର୍ଯ୍ୟଟନ (ii) ସପ୍ତାହାନ୍ତ ପର୍ଯ୍ୟଟନ (iii) ଫାର୍ମ ହାଉସ୍ ପର୍ଯ୍ୟଟନ
(iv) ହାଟ ପର୍ଯ୍ୟଟନ (v) ଉତ୍ସବ ପର୍ଯ୍ୟଟନ (vi) ମ୍ୟୁଜିୟମ୍ ପର୍ଯ୍ୟଟନ
(vii) ଚିକିତ୍ସା ପର୍ଯଟନ (viii) ବାଘ ବା ହାତୀ ପର୍ଯ୍ୟଟନ

(i) ଗ୍ରାମୀଣ ପର୍ଯ୍ୟଟନର ଧାରଣା ହିମାଚଳ ପ୍ରଦେଶରୁ ଆସିଛି । ଏହି ରାଜ୍ୟ ଆଦର୍ଶ ପର୍ଯ୍ୟଟକ ଗ୍ରାମ ସ୍ଥାପିତ କରିବାର ପ୍ରସ୍ତାବ ଦେଇଛି । ଏଥିରେ ପୂର୍ବରୁ ଥିବା ଗାଁ ନିକଟରେ ଏପରି ଏକ ଗ୍ରାମ ସ୍ଥାପନ କରାଯାଉଛି ଯେଉଁଠି ସହରର ସମସ୍ତ ସୁଖ-ସୁବିଧା ମିଳିଥାଏ । ପର୍ଯଟନ ଗ୍ରାମ ଗ୍ରାମୀଣ ପରିବେଶରେ ଏକ ପ୍ରତିରୂପ ଭଳି ପ୍ରତୀୟମାନ ମାତ୍ର ଏଥିରେ ପର୍ଯ୍ୟଟକମାନେ ଉକ୍ତ କ୍ଷେତ୍ରରେ ଶ୍ରେଷ୍ଠ ହେବ । ଗ୍ରାମୀଣ ଦୃଶ୍ୟ ଉପଭୋଗ କରିବା ସଂଗେ ସଂଗେ ମାନବଗୋଷ୍ଠୀ ପର୍ଯ୍ୟଟନର ଶୁଭାରମ୍ଭ ହୋଇପାରିବ । ଏହା ପାହାଡ଼ସ୍ଥିତ ଗ୍ରାମ୍ୟ ଜୀବନଶୈଳୀ ଅନୁଭବ କରିବାର ସୁଯୋଗ ପ୍ରଦାନ କରିବ କିନ୍ତୁ ଏକ ସଂପୂର୍ଣ୍ଣ ନୂତନ ପରିବେଶରେ ।

(ii) ଅତ୍ୟନ୍ତ ବ୍ୟସ୍ତ ପର୍ଯ୍ୟଟକମାନଙ୍କୁ ମନୋରଞ୍ଜନ ପାଇଁ ଦୀର୍ଘ ଅବକାଶ ମିଳେନାହିଁ । ଆଜିର ଇଣ୍ଟରନେଟ୍ ସୁବିଧା ଉପଲବ୍ଧ ଦିନରେ ପର୍ଯ୍ୟଟକଙ୍କୁ ପର୍ଯ୍ୟଟନ ସ୍ଥଳ ସମ୍ବନ୍ଧରେ ସୂଚନା ଦେବା ଆବଶ୍ୟକ ହୋଇପଡ଼ିଛି । ଏହାଦ୍ୱାରା ପର୍ଯ୍ୟଟନମାନେ ଏପରି ସମୟାନୁକୂଳ କାର୍ଯ୍ୟକ୍ରମ ସ୍ଥିର କରନ୍ତି ଯେ, ସପ୍ତାହାନ୍ତରେ ମିଳୁଥିବା ଅତ୍ୟଳ୍ପ ଛୁଟିଦିନର ଭରପୂର ଆନନ୍ଦ ଉଠାଇ ପାରିବେ । ସପ୍ତାହାନ୍ତ ଛୁଟି ପର୍ଯ୍ୟଟନ, ସହରର ବ୍ୟସ୍ତ ଓ ଦ୍ରୁତ ଜୀବନଶୈଳୀ ସହିତ ପର୍ଯ୍ୟଟନକୁ ଏକୀକୃତ କରିବାର ଏକ ଉଦାହରଣ । ମୁମ୍ବାଇ ନିକଟସ୍ଥ ମାଥେରନରେ ସଫଳତାର ସହ ୧୦୦ଟି ରିସର୍ଟ ନିର୍ମାଣ ପର୍ଯ୍ୟଟନକୁ ଏକ ନୂତନ ରୂପ ପ୍ରଦାନ କରିଛି । ୧୯୮୦ ମସିହାରେ ଏଠାରେ ମାତ୍ର ୫ଟି ରିସର୍ଟ ଥିଲା । ଏହା ଏପରି ଗୋଟିଏ ମାତ୍ର ପର୍ଯ୍ୟଟନ ସ୍ଥଳ, ଯେଉଁଠି କେବଳ ପଦଯାତ୍ରୀ ପର୍ଯ୍ୟଟକମାନଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରକାର ଯାନବାହନରେ ଆସିବା ପାଇଁ ଅନୁମତି ଦିଆଯାଏ ନାହିଁ ।

(iii) ପଞ୍ଜାବ ଓ ହରିୟାଣା ଭଳି ସମୃଦ୍ଧିଶାଳୀ କୃଷିପ୍ରଧାନ ରାଜ୍ୟ । 'ଫାର୍ମ ହାଉସ୍' ବା 'କେନାଲ ପର୍ଯ୍ୟଟନ' ସ୍ଥାପନ କରି ପର୍ଯ୍ୟଟନକୁ ଏକ ନୂତନ ଜୀବନ ପ୍ରଦାନ କରିଛି । ଏଠାରେ ଗଢ଼ି ଉଠୁଥିବା ଫାର୍ମହାଉସ୍ ଗୁଡ଼ିକ ଅଳ୍ପ ସମୟ ପାଇଁ ପର୍ଯ୍ୟଟକମାନଙ୍କୁ ମିଳିତ ହେବାକୁ ସୁଯୋଗ ଦେଇଥାଏ । ପର୍ଯ୍ୟଟକମାନଙ୍କୁ ଗୋଟିଏ ଦିନପାଇଁ ଦିଲ୍ଲୀର ନିକଟବର୍ତ୍ତୀ ଉଦ୍ୟାନଗୁଡ଼ିକୁ ବୁଲାଇ ଆଣିବା, ଫାର୍ମ ହାଉସ୍ ପର୍ଯ୍ୟଟକମାନଙ୍କର କାର୍ଯ୍ୟକଳାପ ମଧ୍ୟରୁ ଅନ୍ୟତମ ।

ଉଦ୍ୟାନ ପର୍ଯ୍ୟଟନକୁ ମଧ୍ୟ ପିକ୍‌ନିକ୍ କରିବା ସହିତ ଅଳ୍ପ ସମୟରେ ମନୋରଞ୍ଜନ କାର୍ଯ୍ୟକ୍ରମ ସଂଯୁକ୍ତ କରାଯାଇପାରେ । ନିକଟବର୍ତ୍ତୀ ସହରରୁ ସହଜରେ ଆସି ପହଞ୍ଚି ହେଉଥିବା କେନାଲ କୂଳିଆ ଗେଷ୍ଟହାଉସ୍ କମ୍ବା ପଥପାର୍ଶ୍ୱରେ ଛୁଟି କଟାଇବା ପାଇଁ ଅନ୍ୟାନ୍ୟ ପିକ୍‌ନିକ୍ ସ୍ଥଳ ମଧ୍ୟ ଥାଏ । ପଞ୍ଜାବରେ ଭାକ୍ରା



ଟିପ୍ପଣୀ

ନଦୀବନ୍ଧ ନିକଟସ୍ଥ ନଙ୍ଗଲ ଉପନଗର (ଟାଉନ୍) ଏପରି ଏକ ଉଦାହରଣ ଅଟେ । ସହର ନିବାସୀ ସହରୀ ଜୀବନର ନୀରସତାରୁ ଦୂରେଇ ଯିବାପାଇଁ ଏପରି ସ୍ଥଳକୁ ଯାତ୍ରା କରିଥାନ୍ତି ଏବଂ ଦିନଟି ମଉଜମଜଲିସ୍‌ରେ କଟିଲା ବୋଲି ଭାବନ୍ତି ।

(iv) ସ୍ୱାସ୍ଥ୍ୟ ପର୍ଯ୍ୟଟନକୁ କେରଳ ଏବଂ ମୁମ୍ବାଇର ନିକଟବର୍ତ୍ତୀ ଲୋନାଓ୍ୱାଲାର ପାହାଡ଼ିଆ ପର୍ଯ୍ୟଟନକୁ ଲୋକପ୍ରିୟ କରାଯାଉଛି । ଏଠାରେ ଯୋଗାସନ ମାଲିସ୍ ଏବଂ ଜଟିବୁଟି ଆଦି ପ୍ରୟୋଗ କରି ପ୍ରାକୃତିକ ଚିକିତ୍ସା ପଦ୍ଧତିକୁ ଶକ୍ତିଶାଳୀ କରିବାପାଇଁ ସୁବିଧା ପ୍ରଦାନ କରାଯାଇଛି । ଏହାର ପ୍ରସାର ଏକମାସ କିମ୍ବା ଏହାଠାରୁ ଅଧିକ ସମୟ ଅନୁସାରେ ବ୍ୟାପି ରିଫ୍ରେସର କୋର୍ସ ମାଧ୍ୟମରେ ବିଭିନ୍ନ ଶ୍ରେଣୀରେ ବିଭକ୍ତ କରାଯାଏ । ଏଥିରେ ଆରାମଦାୟକ ବାତାବରଣରେ ନିରାମୟ ଭୋଜନ ଓ ଦିନସାରା କାର୍ଯ୍ୟକ୍ରମ ଜରିଆରେ ଅଭ୍ୟାସ କରାଯାଏ । ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଲା ଔଷଧ ବ୍ୟବହାର ବିନା କିପରି ବିଭିନ୍ନ ଉପଚାର ଦ୍ୱାରା ରୋଗ ଉପଶମ କରାଯାଇପାରିବ ।

(v) ହାଟ ପର୍ଯ୍ୟଟନର ଆଧୁନିକ ବିକାଶ ସମ୍ବନ୍ଧରେ ମନମୁଗ୍ଧକର ଇତିହାସ ଅଛି । ପୂର୍ବରୁ ଆମର ମୁଖ୍ୟଗ୍ରାମ ଏବଂ ସହରରେ ଭ୍ରାମ୍ୟମାଣ ସାପ୍ତାହିକ ବଜାର ବିଭିନ୍ନ ଜାଗାରେ ବସିବାର ଦେଖାଯାଉଥିଲା । ଗ୍ରାମୀଣ କ୍ଷେତ୍ର ବା ସହରର କେନ୍ଦ୍ରୀୟ ଭାଗରେ ସର୍ବଦା ହାଟ ବସିବା ପାଇଁ ସ୍ଥିର କରାଯାଉଥିଲା ।

ସମସ୍ତ ପ୍ରକାର ସ୍ଥାନୀୟ ଉତ୍ପାଦ, ଦୈନନ୍ଦିନ ଜୀବନରେ ବ୍ୟବହୃତ ସାଧାରଣ ଜିନିଷପତ୍ର ଆଖପାଖର ଗାଁ ଗହଳିରୁ ଆସୁଥିଲା । ସ୍ଥାନୀୟ ଲୋକମାନେ ଗୋଟିଏ ଜାଗାରେ ଏକତ୍ର ହେବାଦ୍ୱାରା ଏହା ଏକ ରଂଗବେରଙ୍ଗର ଗ୍ରାମ୍ୟମେଳାରେ ରୂପାନ୍ତରିତ ହୋଇଯାଉଥିଲା । 'ଦିଲ୍ଲୀହାଟ' ଲୋକପ୍ରିୟ ହୋଇଛି କାରଣ ସାପ୍ତାହିକ ବଜାରକୁ ପର୍ଯ୍ୟଟନ ସହିତ ସ୍ଥାୟୀରୂପରେ ସଂଯୁକ୍ତ କରିଦିଆଯାଇଛି । ପ୍ରଥମେ ପ୍ରଥମେ ଆଖପାଖ ଗାଁର ଲୋକମାନେ ଆସୁଥିଲେ ମାତ୍ର ଆଜିକାଲି ଭାରତର ବିଭିନ୍ନ ପ୍ରାନ୍ତରୁ ଲୋକେ ଏଠାକୁ ଆସୁଛନ୍ତି । ହାଟ ପର୍ଯ୍ୟଟନ ବିବିଧ ପ୍ରକାରର ବ୍ୟାପାର ମେଳାରେ ପରିଣତ ହୋଇଗଲାଣି । ଏପରି ମେଳା ଦିଲ୍ଲୀ ସମେତ ଅନ୍ୟାନ୍ୟ ବଡ଼ ବଡ଼ ସହରରେ ସମୟ ସମୟରେ ଆୟୋଜନ କରାଯାଉଛି ।

(vi) ଭାରତ ବିଭିନ୍ନ ପ୍ରକାରର ଉତ୍ସବ ଏବଂ ମେଳାର ଦେଶୀ ଫସଲ ବୁଣିବା ଏବଂ ଅମଳ କରିବା ସହିତ ସଂପୃକ୍ତ ଋତୁକାଳୀନ ଉତ୍ସବ ଭାରତର ବିଭିନ୍ନ ପ୍ରାନ୍ତରେ ଭିନ୍ନ ଭିନ୍ନ ନାମରେ ପାଳନ କରାଯାଇଥାଏ । ଏହା ପର୍ଯ୍ୟଟନର ଏକ କ୍ଷେତ୍ରୀୟ ଆକର୍ଷଣକୁ ଦର୍ଶାଇଥାଏ କିନ୍ତୁ ବର୍ଷସାରା ପାଳିତ ହେଉଥିବା କେତେକ ଉତ୍ସବର ନୂଆରୂପ ପର୍ଯ୍ୟଟକମାନଙ୍କର ଅଧିକ ପସନ୍ଦ ଓ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଛି ।

ଜୟୀସାଲମୀରର ମରୁଭୂମି ଉତ୍ସବ, ଓଟ ପିଠିରେ ଭ୍ରମଣ ଏବଂ ଲୋକନୃତ୍ୟ ଉପରେ ଆଧାରିତ । ପୁଷ୍କରର ପଶୁମେଳା କୁଲୁ ଏବଂ ମହୀଶୂରର ଭିନ୍ନ ପ୍ରକାର ଦଶହରା ଉତ୍ସବ, ଗୁଜୁରାଟର ରାଜଧାନୀ ଅହମଦାବାଦ୍‌ର ଗୁଡ଼ି ଉଡ଼ା ପର୍ବ ଆଦି ଏହାର ଗୋଟିଏ ଗୋଟିଏ ଉଦାହରଣ । ଏଗୁଡ଼ିକ ପର୍ଯ୍ୟଟକମାନଙ୍କ ମଧ୍ୟରେ ବହୁତ ଲୋକପ୍ରିୟ ହୋଇପାରିଛି ।

ବିଖ୍ୟାତ ବ୍ୟକ୍ତି ଏବଂ ଘଟଣା ଗୁଡ଼ିକର ଜୀବନ ବୃତ୍ତାନ୍ତପୁନଃ ଉଜ୍ଜିବୀତ କରିବାପାଇଁ 'ଆଲୋକ ଓ ଶବ୍ଦ' ପ୍ରଦର୍ଶନ ଆୟୋଜନ କରାଯାଉଛି । ସବୁଠାରୁ ପ୍ରସିଦ୍ଧିପ୍ରାପ୍ତ କାର୍ଯ୍ୟକ୍ରମ ଦିଲ୍ଲୀ ଏବଂ ହାଇଦ୍ରାବାଦର ଗୋଲକୁଣ୍ଡା ଦୁର୍ଗ ସହ ଜଡ଼ିତ ଘଟଣାଗୁଡ଼ିକୁ ପୁନଃସ୍ମରଣ କରିବା ପାଇଁ ପ୍ରଦର୍ଶନ କରାଯାଉଛି ।

ଟିପ୍ପଣୀ

ଅର୍ଦ୍ଧଧ୍ୱଂସ ପ୍ରାପ୍ତ ପାରମ୍ପରିକ କିର୍ତ୍ତୀ ସ୍ଥଳର ଆଖପାଖରେ ଯେମିତିକି ପାତିଆଲାର କିଲ୍ଲାମୁବାରକ ଉତ୍ସବ ଆୟୋଜନ ଦ୍ୱାରା ହୃତଗୌରବକୁ ଉଦ୍ଧାର କରାଯାଇପାରିଛି । ଏହା ପଞ୍ଜାବ ସରକାରଙ୍କ ପାଇଁ ଲୋକପ୍ରିୟ ନବୀକରଣ ସିଦ୍ଧ ହୋଇଛି ଏବଂ ପର୍ଯ୍ୟଟକମାନେ ଅଧିକ ସଂଖ୍ୟାରେ ଆସୁଛନ୍ତି । ଭାରତୀୟ ପର୍ଯ୍ୟଟନର ବିକାଶ କ୍ଷେତ୍ରରେ ଏ ସମସ୍ତ ଉତ୍ସବ ଆହୁରି ମଧ୍ୟ ଅଧିକ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବ ।

(vii) ଆର୍ଟ ଗ୍ୟାଲେରୀ ଏକ ସ୍ଥାନୀୟ ସ୍ତରରେ ବିଭିନ୍ନ ପ୍ରକାରର ମ୍ୟୁଜିୟମ୍ ନିର୍ମାଣ ମଧ୍ୟ ଲୋକମାନଙ୍କ ଦ୍ୱାରା ପସନ୍ଦଯୋଗ୍ୟ ହେଉଅଛି । ସ୍ଥାନୀୟ ଇତିହାସ ସମ୍ବନ୍ଧୀତ ଘଟଣାବଳୀ ବା ବ୍ୟକ୍ତି ବିଶେଷଙ୍କର ଅବଦାନକୁ ଚିତ୍ରଣ କରିବା ଦ୍ୱାରା ସ୍ଥାନୀୟ ଲୋକମାନଙ୍କର ଆଗ୍ରହ ଓ ଗର୍ବ ମାନବୀୟ ପର୍ଯ୍ୟଟନର ଉନ୍ନୟନ ନିମନ୍ତେ ସାହାଯ୍ୟ କରେ । ମାନବୀୟ ପର୍ଯ୍ୟଟନ ସ୍ଥାନୀୟ ପରମ୍ପରା, ସଂସ୍କୃତି, ସ୍ଥାନୀୟ ପ୍ରସିଦ୍ଧ ବ୍ୟକ୍ତିତ୍ୱଙ୍କର ଜୀବନ ବୃତ୍ତାନ୍ତ ସଂରକ୍ଷଣ ଦିଗରେ ସହାୟକ ହୋଇଥାଏ । ଏହାଦ୍ୱାରା ଜନସାଧାରଣଙ୍କର ଐତିହାସିକ ସମ୍ପତ୍ତି ବୃଦ୍ଧିପାଏ ।

(viii) ଚିକିତ୍ସା ପର୍ଯ୍ୟଟନକୁ 'ଡେଣ୍ଟାଲ୍ ଟ୍ୟୁରିଜିମ୍' ମଧ୍ୟ କୁହାଯାଏ । ଏହା ପାଶ୍ଚାତ୍ ଦେଶ ଗୁଡ଼ିକରୁ ଆସୁଥିବା ପର୍ଯ୍ୟଟକମାନଙ୍କର ଏକ ନୂତନ (ଝୁଙ୍କ୍) ସାମୟିକ ଆଗ୍ରହ । ପାଶ୍ଚାତ୍ ଦେଶ ଗୁଡ଼ିକରେ ଦୂରାରୋଗ୍ୟ ଏବଂ ଦାନ୍ତ ସମ୍ବନ୍ଧୀୟ ରୋଗର ଚିକିତ୍ସାଖର୍ଚ୍ଚ ଯଥେଷ୍ଟ ଅଧିକ ଏବଂ ଭାରତର କେତେକ ମନୋନୀତ ସହର ଗୁଡ଼ିକରେ ଏହାର ଚିକିତ୍ସା ସୁବିଧା ଉପଲବ୍ଧ ହେଉଅଛି । ସ୍ୱାସ୍ଥ୍ୟ-ସଚେତନ ପର୍ଯ୍ୟଟକ ଭାରତରେ ତାଙ୍କର ରହଣୀକାଳ ମଧ୍ୟରେ ଏପରି ଚିକିତ୍ସାର ସୁବିଧା ହାସଲ କରିଥାନ୍ତି । ଡାକ୍ତରୀ ଚିକିତ୍ସା ସେମାନଙ୍କର ପର୍ଯ୍ୟଟନ କାର୍ଯ୍ୟକ୍ରମର ଏକ ମୁଖ୍ୟ ଅଂଶ ହୋଇଥାଏ ।

(ix) ବନ୍ୟ ଜୀବନ ବିଶେଷ କରି ବାଘ ଏବଂ ହାତୀଙ୍କୁ ସେମାନଙ୍କର ବାସସ୍ଥଳୀରେ ହିଁ ଅଧ୍ୟୟନ ଅନେକ ପର୍ଯ୍ୟଟକ ମାନଙ୍କର ଆଗମନର ଅନ୍ୟ ଏକ ଆକର୍ଷଣ । ଦୁଃଖର କଥା ଯେ ଆମ ଦେଶରେ ବାଘସଂଖ୍ୟା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି ।

ତଥାପି କୁହାଯାଏ ଯେ, ତାଜମହଲ ପରେ ବାଘର ଆକର୍ଷଣ ପର୍ଯ୍ୟଟକମାନଙ୍କୁ ବାରମ୍ବାର ଆସିବାକୁ ବାଧ୍ୟ କରେ । ଅଭୟାରଣ୍ୟରେ ବାଘର ଏକ ଝଲକ ପାଇବା ପାଇଁ ବହୁଦିନ ଅପେକ୍ଷା କରିବାକୁ ମଧ୍ୟ ସେମାନେ ଭ୍ରୂକ୍ଷେପ କରିନଥାନ୍ତି । ଗୋଟିଏ ମୃତ ବାଘର କଳାବଜାରରେ ମୂଲ୍ୟ ୫୦,୦୦୦ଡ଼ଲାର ହୋଇଥିବା ବେଳେ ଏହାକୁ ଜୀବିତାବସ୍ଥାରେ ଦେଖିବା ନିମନ୍ତେ ଆଗନ୍ତୁକ ପର୍ଯ୍ୟଟକମାନଙ୍କ ଠାରୁ ଆମେ ତିନିକୋଟି ଡ଼ଲାର ଉପାର୍ଜନ କରିଥାଉଁ । ଯେଉଁସବୁ ସ୍ଥାନରେ ବ୍ୟାଘ୍ର ଅଭୟାରଣ୍ୟ ଅଛି ସେଠାରେ ବ୍ୟାଘ୍ର ପର୍ଯ୍ୟଟନ ସ୍ଥାନୀୟ ଅର୍ଥବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଆଣିବ । ଯଦି ଆମେ ବାଗ ସଂରକ୍ଷଣ ଉପରେ ଧ୍ୟାନ ଦେଉ ଯେଉଁ ପ୍ରକାର ଚୀନ ତା'ର ପାଣ୍ଡା କିମ୍ବା ଅଷ୍ଟ୍ରେଲିଆ ନିଜର କୋଏଲା ସଂରକ୍ଷଣ ସମ୍ବନ୍ଧରେ ବିଜ୍ଞାପନ ଦ୍ୱାରା ପ୍ରଚାର ପ୍ରସାର କରୁଛି, ତେବେ ବ୍ୟାଘ୍ର ପର୍ଯ୍ୟଟନ ସ୍ଥାନୀୟ ଲୋକମାନଙ୍କ ପାଇଁ ରୋଜଗାରର ଏକ ମଜବୁତ୍ ଆଧାର ପ୍ରଦାନ କରିପାରିବ କାରଣ ପର୍ଯ୍ୟଟନ ଉଦ୍ୟୋଗରେ ଏହାର ଏକ ବିଶେଷ ଭୂମିକା ଅଛି ।

ବ୍ୟାଘ୍ର ବିହାର ଗୁଡ଼ିକରେ ପର୍ଯ୍ୟଟକମାନଙ୍କର ଅନଧିକାର ପ୍ରବେଶକୁ ନିୟନ୍ତ୍ରଣ ଜାରିକରି ରୋକାଯାଇ ପାରିବ ନାହିଁ । ସ୍ଥାନୀୟ ଲୋକ ବାଘ ଓ ହାତୀକୁ ଜୀବିତ ରଖିବେ, ଯଦି ସେମାନଙ୍କର ରୋଜଗାରକୁ ଏହା ସହିତ ସଂଯୁକ୍ତ କରିଦିଆଯାଏ । ବନ୍ୟପ୍ରାଣୀ ମାନଙ୍କର ସଂରକ୍ଷଣ ଦ୍ୱାରା ସେମାନଙ୍କର ବିଷୟରେ ଲାଭ ସେମାନେ ଉପଲବ୍ଧ କରିବେ । ବିଦେଶୀ ପର୍ଯ୍ୟଟକମାନେ ହାତୀ ଉପରେ ବସି ଭ୍ରମଣ କରିବାକୁ



ଟିପ୍ପଣୀ

ବେଶ୍ ପସନ୍ଦ କରନ୍ତି । ଘର ଅରଣ୍ୟରେ ବାଘର ପାଦଚିହ୍ନ ଦେଖିବା ବାଘ ଥିବାର ସୂଚନା ଦିଏ ଏବଂ ହାତୀରେ ବସି ଭ୍ରମଣ କରିବାଦ୍ୱାରା ଏହା ସମ୍ଭବ ହୋଇଥାଏ ।

**(ଗ) ନୂତନ ପଦ୍ଧତି :**

କେତେକ କ୍ଷେତ୍ରରେ ବେସରକାରୀ ସାମାଜିକ ସଂଗଠନ ଏବଂ ଧାର୍ମିକ ଟ୍ରଷ୍ଟଗୁଡ଼ିକ ଦ୍ୱାରା ସାର୍ବଜନୀନ ପର୍ଯ୍ୟଟନକୁ ବଞ୍ଚାଇ ରଖିବା ପାଇଁ ହେଉଥିବା ପ୍ରଚେଷ୍ଟାକୁ ଭୂୟସୀ ପ୍ରଂଶସା କରାଯାଉଛି । ଏସବୁ ସଂଗଠନ କୂଅ, ପୋଖରୀ ଆଦି ପୁରୁଣା ଜଳାଶୟ ଗୁଡ଼ିକରୁ ଜଳଯୋଗାଣ ଅବ୍ୟାହତ ରଖିବାପାଇଁ ସେଗୁଡ଼ିକର ପୁନରୁଦ୍ଧାର କରିବା ଦିଗରେ ଆଗେଇ ଆସୁଛନ୍ତି । ଦୀର୍ଘ ସମୟ ଧରି ଅବ୍ୟବହୃତ ହୋଇ ପଡ଼ିରହିଥିବା ପୁଷ୍କରିଣଗୁଡ଼ିକୁ ମରାମତି କରିବା ଏବଂ ଆବର୍ଜନା ସଫାକରିବା ଆଦି କାର୍ଯ୍ୟ କରିବାକୁ ମଧ୍ୟ ଆଗେଇ ଆସୁଛନ୍ତି । ଏଥିପାଇଁ ପର୍ଯ୍ୟଟକମାନଙ୍କ ଠାରୁ ଅଳ୍ପ ଶୁଳ୍କ ମଧ୍ୟ ନିଆଯାଇଥାଏ ।

ପ୍ରାଚୀନ ସ୍ମାରକୀ ଏବଂ ପାରମ୍ପରିକ କୀର୍ତ୍ତିସ୍ଥଳଗୁଡ଼ିକରେ ଅନେକ ବାଟଦେଇ ବା ପ୍ରସ୍ଥାନକୁ ନିୟନ୍ତ୍ରଣ କରାଯିବା ପାଇଁ କଡ଼ା ନିୟମ ଲାଗୁ ହେବା ଉଚିତ୍ । ପର୍ଯ୍ୟଟକମାନଙ୍କର ଅଧିକାଧିକ ସଂଖ୍ୟା ପର୍ଯ୍ୟଟକକୁ ବଢ଼ାଏ କିନ୍ତୁ ଶୀର୍ଷ ଋତୁରେ ଭୀଷଣ ଭିଡ଼ ନିୟନ୍ତ୍ରିତ ହେବା ଆବଶ୍ୟକ । ଯେକୌଣସି ବାଟଦେଇ ଯେକୌଣସି ସମୟରେ ଅବାଧରେ ମନ୍ଦିର ପ୍ରବେଶ ଓ ପ୍ରସ୍ଥାନ ନୀତି ବଦଳରେ ଆଗନ୍ତୁକମାନଙ୍କୁ ଗୋଟିଏ ଦ୍ୱାର ଦେଇ ପ୍ରବେଶ ଓ ପ୍ରସ୍ଥାନ ନିୟମ ଲାଗୁହେବା ଆବଶ୍ୟକ ।

ଏଣିକି ପର୍ଯ୍ୟଟକ ମାନଙ୍କ ଠାରୁ ସ୍ୱଳ୍ପ ପ୍ରବେଶ କର ଆଦାୟ କରିବା ଉପରେ ମଧ୍ୟ ବିଚାର କରାଯାଉଛି, କାରଣ ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକମାନଙ୍କ ଦ୍ୱାରା ସାଧାରଣତଃ ଅଦରକାରୀ ଜିନିଷ ଓ ଅଳିଆ ଆବର୍ଜନା ପଡ଼ିଥିବାର ଦେଖାଯାଏ । ପାର୍ବତ୍ୟ ଷ୍ଟେସନ ଏବଂ ପର୍ବତ ଉପରିସ୍ଥ ପର୍ଯ୍ୟଟନ ସ୍ଥଳଗୁଡ଼ିକର ବାଣିଜ୍ୟକରଣକୁ ରୋକିବା ଆବଶ୍ୟକ ଏବଂ ସେଠାରେ ଖାଦ୍ୟରେ କେତେଗୁଡ଼ିଏ କେନ୍ଦ୍ର ଖୋଲାଯିବା ଉଚିତ୍ ।

କ୍ଷେତ୍ରୀୟ ବିକାଶରେ ସ୍ଥାନୀୟ ଏବଂ ଆଗନ୍ତୁକ ଅତିଥିମାନଙ୍କ ମଧ୍ୟରେ ସହଯୋଗ ଅତ୍ୟନ୍ତ ଆବଶ୍ୟକ ହୋଇଥାଏ । ଉଦାହରଣ ସ୍ୱରୂପ : ରାଜସ୍ଥାନର ଭରତପୁର ନିକଟସ୍ଥ ଘାନା ଜାତୀୟ ଉଦ୍ୟାନର ଆଖପାଖ ସ୍ଥାନରେ ଗ୍ରୀଷ୍ମକାଳରେ ଯଦି ଭୂମିକୁ ଆର୍ଦ୍ର ରଖିବା ପାଇଁ କେନାଲରୁ ପାଣି ଛଡ଼ା ନଯାଏ, ତେବେ ଜାତୀୟ ଉଦ୍ୟାନକୁ ଫାଇଦା ହେବନାହିଁ କି ପର୍ଯ୍ୟଟକମାନେ ମଧ୍ୟ କୌଣସି ସୁବିଧା ପାଇବେ ନାହିଁ । ବିଦେଶୀ ପକ୍ଷୀ ଆସୁଥିବା ଆର୍ଦ୍ରଭୂମି ନିଜର ଆକର୍ଷଣ ହରାଇବ ଏବଂ କୃଷକ ମଧ୍ୟ ଭୂଗର୍ଭ ଜଳ ଭରଣ କରିବାକୁ ବଞ୍ଚିତ ହେବ । କ୍ଷେତ୍ର ଓ ବିଶେଷରେ ଏଭଳି ନୂତନ ନିୟମ ପର୍ଯ୍ୟଟକ ସଂଖ୍ୟା ହ୍ରାସକୁ ରୋକିପାରିବ ।

- ବିଭିନ୍ନ କ୍ଷେତ୍ରର ମୁଖ୍ୟ ଆକର୍ଷଣ ଉପର ଉପଯୁକ୍ତ ଧ୍ୟାନ ଦିଆଯାଇ ସକ୍ରିୟ ପର୍ଯ୍ୟଟନକୁ ଆଗେଇ ନେବାରେ ସମ୍ଭାବନା ପୂର୍ଣ୍ଣ ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ପ୍ରଚାର ଉପରେ ପ୍ରାଥମିକତା ଦେବା ଆବଶ୍ୟକ ।
- ପର୍ଯ୍ୟଟନ ସେବା କ୍ଷେତ୍ରରେ ବ୍ୟବହୃତ ସୁଖ, ସୁବିଧା ଗୁଡ଼ିକର ସମୟାନୁସାରେ ନବୀକରଣ, ବିମାନ ବନ୍ଦରଗୁଡ଼ିକର ମାନବୃଦ୍ଧି ଏବଂ ଆର୍ଥୀକ ରିହାତି ପ୍ରାପ୍ତ ବିପଣନ ବଜାର/ ଦୋକାନ ଖୋଲିବା, ଅଧିକ ବ୍ୟୟ କରୁଥିବା (ଅମିତବ୍ୟୟୀ) ପର୍ଯ୍ୟଟକମାନଙ୍କୁ ପ୍ରଲୋଭିତ କରିବା ପାଇଁ ଆବଶ୍ୟକ ହୋଇଥାଏ ।

ଟିପ୍ପଣୀ

- କୁଶଳ ଅତିଥି ସତ୍କାର ସଂଗେ ସଂଗେ ବିଭିନ୍ନ ବର୍ଗ ନିମନ୍ତେ ବିମାନ ଓ ରେଳଟିକେଟ୍‌ରେ ଦିଆଯାଉଥିବା ରିହାତି ପର୍ଯ୍ୟଟନମାନଙ୍କର ଆଗମନ ବୃଦ୍ଧି ହେବାରେ ପ୍ରୋତ୍ସାହନ ପ୍ରଦାନ କରେ ।
- କେବଳ କେତେକ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳଗୁଡ଼ିକର ବିକାଶ ନକରି ପର୍ଯ୍ୟଟନ-ସଂସ୍କୃତିର ସନ୍ତୁଳିତ ପ୍ରସାର କରିବା ଜାତୀୟ ପର୍ଯ୍ୟଟନ ନୀତିର ଲକ୍ଷ୍ୟହେବା ଆବଶ୍ୟକ ।
- ପଥପାର୍ଶ୍ୱରେ କେତେକ ମୁଖ୍ୟ ବିଶ୍ରାମ ସ୍ଥଳୀରେ କମ୍ ଭଡ଼ାରେ ରହଣୀ ବ୍ୟବସ୍ଥା ସହ ଅର୍ନ୍ତରାଜ୍ୟ ପ୍ୟାକେଜ୍ ଟୁର୍‌ର ବ୍ୟବସ୍ଥା ନୀତିଗତ ଭାବରେ ବାଧ୍ୟତାମୂଳକ ହେବା ଉଚିତ୍ ।
- କେବଳ ଏକ ଜାତୀୟ ନୀତି ହିଁ ପ୍ରାକୃତିକ ବିପର୍ଯ୍ୟୟ ପ୍ରଭାବିତ କ୍ଷେତ୍ରରେ ପର୍ଯ୍ୟଟକମାନଙ୍କୁ ପ୍ରତିକୂଳ ଅବସ୍ଥାରୁ ରକ୍ଷା କରିପାରିବ ।
- ପର୍ଯ୍ୟଟନ କ୍ଷେତ୍ର ଗୁଡ଼ିକରେ ଅତ୍ୟଧିକ ପର୍ଯ୍ୟଟକ ଆଗମନ ରୋକିବା ପାଇଁ ଏବଂ ଏହାକୁ ଅବନତିରୁ ରକ୍ଷା କରିବା ପାଇଁ କ୍ଷେତ୍ରୀୟ ନୀତି ସ୍ତରରେ କେତେକ ପଦକ୍ଷେପ ନେବା ଆବଶ୍ୟକ । ଉଦ୍ୟମ ନିବେଶ ସହ, ସାମାଜିକ-ଧାର୍ମିକ ଏବଂ ସ୍ୱେଚ୍ଛାସେବୀ ସରକାରୀ ଅନୁଷ୍ଠାନ ଗୁଡ଼ିକ ସହଯୋଗ କରିବା ଆବଶ୍ୟକ ।
- ପର୍ଯ୍ୟଟନ ସ୍ଥଳକୁ ସଫାସୁତୁରା ରଖିବା ପାଇଁ ସ୍ୱଳ୍ପ ଫି ଆଦାୟ କରିବା କିମ୍ବା ପ୍ରାଚୀନ ସ୍ମାରକୀର ଦର୍ଶନାର୍ଥୀମାନଙ୍କ ଠାରୁ ଯେକୌଣସି ସ୍ଥାନ ବା ସମୟରେ ସ୍ୱତନ୍ତ୍ର ଭାବେ ଦର୍ଶନ ପାଇଁ କର ଆଦାୟ ଏକ ଆଇନ୍ ସମ୍ମତ ବ୍ୟବସ୍ଥା ଅଟେ ।
- ନବ ପ୍ରବର୍ତ୍ତକ ପର୍ଯ୍ୟଟନର ନୀତିନିୟମ ଏବଂ ଏହାଦ୍ୱାରା ନୂଆ ନୂଆ ପ୍ରକାରର ଶୈଳୀ ଅନୁସନ୍ଧାନ କରିବାର ବଳିଷ୍ଠ ପ୍ରୟାସ କୌଣସି ଏକ ପର୍ଯ୍ୟଟନ ସ୍ଥଳର ସମ୍ପୂର୍ଣ୍ଣ ସାମର୍ଥ୍ୟକୁ ସମାପ୍ତ କରିବାକୁ ଦିଏ ନାହିଁ ।

## ପାଠ୍ୟବସ୍ତୁ ସମ୍ବନ୍ଧୀୟ ପ୍ରଶ୍ନ ୩୨.୫

୧. ନିମ୍ନଲିଖିତ ରାଜ୍ୟଗୁଡ଼ିକ ଯେଉଁ ଯେଉଁ ରାଜ୍ୟ ସହିତ ଅନ୍ତଃରାଜ୍ୟ ଭିତ୍ତିରେ ଏକୀକୃତ ଟୁର୍ ପ୍ୟାକେଜ୍ ଆୟୋଜନ କରିପାରିବେ ସେଗୁଡ଼ିକର ନାମ ଲେଖ ।

(କ) ରାଜସ୍ଥାନ (ଖ) କେରଳ (ଗ) ହିମାଚଳ ପ୍ରଦେଶ

୨. ନିମ୍ନଲିଖିତ ଉପରେ ସଂକ୍ଷିପ୍ତ ଟିପ୍‌ପଣୀ ଲେଖ ।

(କ) ଗ୍ରାମୀଣ ପର୍ଯ୍ୟଟନ

(ଖ) ହାଟ ପର୍ଯ୍ୟଟନ

(ଗ) ଚିକିତ୍ସା ପର୍ଯ୍ୟଟନ

୩. ଏକେକ୍ସ ବିମାନ ଟିକେଟ୍‌ର ପରିଭାଷା ଲେଖ । ଏହାର ଦୁଇଟି ଲାଭ ଉଲ୍ଲେଖ କର ।

୪. ନବ ପ୍ରବର୍ତ୍ତନୀୟ ପର୍ଯ୍ୟଟନର ତିନୋଟି ଉଦାହରଣ ସହ ପର୍ଯ୍ୟଟନର ଉନ୍ନୟନ ନିମନ୍ତେ ବିଚାରାଧୀନ ଏକ ନୂତନ ପଦକ୍ଷେପ ସମ୍ବନ୍ଧରେ ସୂଚନା ଦିଅ ।

ଟିପ୍ପଣୀ

## ତୁମେ କ'ଣ ଶିଖିଲ :

ପର୍ଯ୍ୟଟକମାନଙ୍କର ଆଗମନ ଏବଂ ବୈଦେଶିକ ବିନିମୟ ମୁଦ୍ରା ଉପାର୍ଜ୍ଜନ ଉଭୟ କ୍ଷେତ୍ରରେ ବିଶ୍ୱ ପର୍ଯ୍ୟଟନରେ ଭାରତର ଭାଗ ଆଜିବି ଯଥେଷ୍ଟ କମ୍ । ବୈଦେଶିକ ବ୍ୟାପାରରୁ ଉପାର୍ଜିତ ହେଉଥିବା ମୁଦ୍ରାର ଏକ ତୃତୀୟାଂଶ ଆମେ ଦେଶକକୁ ପର୍ଯ୍ୟଟନରୁ ମିଳିଥାଏ । ପର୍ଯ୍ୟଟନ ଉଦ୍ୟୋଗ ତୀବ୍ର ଗତି ଏବଂ ତୁଳନାତ୍ମକ ରୂପରେ ସ୍ୱଳ୍ପ ପୁଞ୍ଜି ଲଗାଣରେ ଦ୍ୱାରା ନୂତନ ରୋଜଗାର ସୃଷ୍ଟିକରେ । ଏହା ସ୍ୱଳ୍ପ ବିକଶିତ କ୍ଷେତ୍ର ଏବଂ ପାର୍ବତ୍ୟାଞ୍ଚଳ ଭଳି ଭୌଗୋଳିକ ଦୃଷ୍ଟିରୁ ଏକାନ୍ତ କ୍ଷେତ୍ରରେ ଅର୍ଥ ବ୍ୟବସ୍ଥା ଏବଂ ଜୀବନର ଶୈଳୀ ଗୁଣାତ୍ମକ ବିକାଶ କରିଥାଏ । ଅନ୍ତର୍ରାଷ୍ଟ୍ରୀୟ ପର୍ଯ୍ୟଟକ ଅଦୃଶ୍ୟ ଉତ୍ପାଦ ଗୁଡ଼ିକୁ ଦେଶ ବାହାରକୁ ରପ୍ତାନୀରେ ଉନ୍ନତି ଆଣେ । ଉଦାହରଣ ଦୃଷ୍ଟିରୁ ପର୍ଯ୍ୟଟନ କ୍ଷେତ୍ରରେ ରହଣୀ ସମୟରେ ପର୍ଯ୍ୟଟକମାନଙ୍କୁ ଦିଆଯାଉଥିବା ଆତିଥିସତ୍କାର ସବୁଦିନ ପାଇଁ ସେମାନଙ୍କର ମନେ ରହେ । ଏପରି ଏହି ଦୃଷ୍ଟିରୁ ହୁଏଯେ, ବିଦେଶୀ ପର୍ଯ୍ୟଟକ ଯାହା କିଛି ବ୍ୟୟ କରନ୍ତି ଆମେ ସେଥିରୁ ବୈଦଶିକ ମୁଦ୍ରା ବିନିମୟ ଉପାର୍ଜନ କରିଥାଉ । ଏହା ବ୍ୟତୀତ ସେମାନେ ଆମର ବହୁତ ସୁନ୍ଦର ହସ୍ତଶିଳ୍ପ ସାମଗ୍ରୀ ସାଙ୍ଗରେ ନେଇଯାଆନ୍ତି । ସେଗୁଡ଼ିକର ପରିବହନ ନିମନ୍ତେ ଆମକୁ କିଛି ଅତିରିକ୍ତ ବ୍ୟୟ ମଧ୍ୟ କରିବାକୁ ପଡ଼ିନଥାଏ ବା ବିଜ୍ଞାପନ ଦେବାର ଆବଶ୍ୟକତା ମଧ୍ୟ ନଥାଏ । ବିଦେଶୀ ପର୍ଯ୍ୟଟକ ଆମଦେଶରେ ରହିବା ସମୟରେ ଆମର ପ୍ରତିକୂଳ ବୈଦେଶିକ ଉପାଜନର ଭାରସାମ୍ୟ କିଛି ପରିମାଣରେ ପ୍ରାକୃତିକ ବାତାବରଣ ଏବଂ ପାରମ୍ପରିକ କୀର୍ତ୍ତୀ ସୁଧାରି ଥାଏ । ସେତେବେଳ ପର୍ଯ୍ୟନ୍ତ ଆକର୍ଷଣର କେନ୍ଦ୍ର ହୋଇ ରହିଥାଏ ସେତେବେଳ ପର୍ଯ୍ୟନ୍ ଏହା ଅନିୟନ୍ତ୍ରିତ ପ୍ରଦୂଷଣ ବା କ୍ଷତିଗ୍ରସ୍ତ ନ ହୋଇପାରେ ।

ବହୁସଂଖ୍ୟାରେ ପର୍ଯ୍ୟଟକମାନଙ୍କର ଯାତାୟତ ଯଦି ନିୟନ୍ତ୍ରଣ କରାନଯାଏ ତେବେ ଏହାର ଖରାପ ପ୍ରଭାବ ପଡ଼ିବାର ସମ୍ଭାବନା ଥାଏ । ବ୍ୟସ୍ତ ପର୍ଯ୍ୟଟନ ସମୟରେ ସ୍ଥାନୀୟ ଲୋକଙ୍କର ଅସୁବିଧାକୁ କମ୍ କରିବା ପାଇଁ ପର୍ଯ୍ୟଟନସ୍ଥଳୀର ବହନ କ୍ଷମତା (ସାମର୍ଥ୍ୟ) ବୃଦ୍ଧି କରିବାକୁ ହେବ । ପର୍ଯ୍ୟଟନ ସ୍ଥଳର ଯୁବଗୋଷ୍ଠୀଙ୍କୁ ମଧ୍ୟ ନିଜର ସଂସ୍କୃତିରୁ ଦୂରେଇ ଯିବାକ ଦିଆଯିବା ଉଚିତ୍ ନୁହେଁ । ଏମାନେ ଅସାବଧନତା କାରଣରୁ ସେମାନଙ୍କର ଜୀବନଶୈଳୀକୁ ଅନ୍ଧଭାବରେ ଯେମିତି ଆପଣାଇ ନ ଦିଅନ୍ତି ସେଥିପ୍ରତି ଦୃଷ୍ଟିଦେବା ଆବଶ୍ୟକ ।

ଗୋଟିଏ ପରେ ଗୋଟିଏ ପଦକ୍ଷେପ ଗ୍ରହଣ କରି ସେଗୁଡ଼ିକୁ କାର୍ଯ୍ୟକାରୀ କରିବାର ଆବଶ୍ୟକତା ଆଜିର ସବୁଠାରୁ ବଡ଼ ଆବଶ୍ୟକତା । ପର୍ଯ୍ୟଟକମାନଙ୍କ ପାଇଁ ଜରୁରୀ ସେବା ଏବଂ ସୁବିଧା ଗୁଡ଼ିକର ବର୍ତ୍ତମାନ ସ୍ଥିତିର ସର୍ବେକ୍ଷଣ ସ୍ୱାସ୍ଥ୍ୟବାନ୍ ଏବଂ ପୋଷଣୀୟ ପର୍ଯ୍ୟଟନର ବିକାଶ ନିମନ୍ତେ ଅତ୍ୟନ୍ତ ପ୍ରୟୋଜନ ।

ଜାତୀୟ ସ୍ତରର ଏକ ସଂସ୍ଥା ଏସବୁ ସମ୍ବନ୍ଧରେ ପଡ଼ୋଶୀ ଦେଶ ତୁଳନାରେ ଆମ ଦେଶରେ ପର୍ଯ୍ୟଟନର ସ୍ଥିତି ଏବଂ ଗତିବିଧିର ଅଧ୍ୟୟନ କରିବା ଆବଶ୍ୟକ । ଏହା ଭବିଷ୍ୟତର ଆବଶ୍ୟକତା, ପର୍ଯ୍ୟଟନମାନଙ୍କ ତୁଳନାରେ ବିଭିନ୍ନ ପ୍ରୋତ୍ସାହନକୁ ମୂଲ୍ୟାୟନ କରିବାରେ ସାହାଯ୍ୟ କରିବ । ପର୍ଯ୍ୟଟନ ନିମନ୍ତେ ଭିତ୍ତିଭୂମିର ପରିଚାଳନା ଥିବା ତ୍ରୁଟି ସୁଧାରିବା ସଂଗେ ସଂଗେ ଆକର୍ଷଣୀୟ କରାଯାଇପାରିବ ।

ଏକମାତ୍ର ଜାତୀୟ ନୀତି ହିଁ ସାମଗ୍ରିକ ଭାବେ ଆନ୍ତରାଜ୍ୟ ପ୍ୟାକେଜ୍ ଟୁର୍ ଆୟୋଜନ କରିବା ପାଇଁ ନେତୃତ୍ୱ ପ୍ରଦାନ କରିପାରିବ । ଏହା ଦେଶରେ ଥିବା ପର୍ଯ୍ୟଟନର ପ୍ରସାର ଅସନ୍ତୁଳକୁ କମ୍ କରିବା ଦିଗରେ ସାହାଯ୍ୟ କରିବ । ପ୍ରାକୃତିକ ବିପର୍ଯ୍ୟୟ ସୁନାମି ଦ୍ୱାରା କ୍ଷତିଗ୍ରସ୍ତ ପ୍ରସିଦ୍ଧ ପର୍ଯ୍ୟଟକ କ୍ଷେତ୍ରକୁ ଅଳ୍ପ ସମୟ ମଧ୍ୟରେ ପୁନର୍ବାସ କରିବାରେ ସହାୟତ କରେ ।

ପର୍ଯ୍ୟଟନ ସ୍ଥଳର ବାସ୍ତବ ଆକର୍ଷଣ ଅକ୍ଷୁର୍ଣ୍ଣ ରଖିବା ଏବଂ ପର୍ଯ୍ୟଟକମାନଙ୍କୁ ସେଠାରେ ପହଞ୍ଚାଇବା ନିମନ୍ତେ ସଂଯୋଗକାରୀ ପରିବହନ ବ୍ୟବସ୍ଥାକୁ ସଜାଡ଼ିବା ପାଇଁ କ୍ଷେତ୍ରୀୟ ପୁନଃରାବଲୋକନର ଆବଶ୍ୟକା ପଡ଼େ । ଏ

ଦିଗରେ ପ୍ରସାର ଓ ପ୍ରଚାରର ପୂର୍ଣ୍ଣ ଆବଶ୍ୟକତା ଅଛି । ଏହାଦ୍ୱାରା ପର୍ଯ୍ୟଟକ ମାନଙ୍କୁ ପର୍ଯ୍ୟଟନ ସ୍ଥଳରେ କ'ଣ ସବୁ ଦର୍ଶନୀୟ ଏବଂ ସ୍ଥାନୀୟ ଲୋକଙ୍କୁ ସେ ସ୍ଥାନର ଭୂ-ରୂପ, ପାରମ୍ପରିକ କୀର୍ତ୍ତୀରାଜ ଏବଂ ଅତିଥି ସତ୍କାରର ସମ୍ବନ୍ଧରେ ସଚେତନ କରାଯାଏ । ସ୍ଥାନୀୟ ପର୍ଯ୍ୟଟନ କୌଶଳ କ୍ଷେତ୍ରରେ ସମସ୍ତ ସ୍ତରରେ ପେଶାଦାର ମଧ୍ୟସ୍ଥିମାନଙ୍କର ବିୟୋଜନ ପର୍ଯ୍ୟଟନ ଉନ୍ନୟନ ନିମନ୍ତେ ଉପେକ୍ଷା କରାଯାଇ ନପାରେ ।
ପର୍ଯ୍ୟଟନ ପାଇଁ ଅଧିକ ନୂତନ ସ୍ଥାନ ବିକଶିତ କରିବା ଏବଂ ନୂତନ ପ୍ରବର୍ତ୍ତନୀୟ ପଦକ୍ଷେପ ନେବାରେ କ୍ଷେତ୍ରୀୟ ସଂଗଠନ ଅଧିକ ସକ୍ଷମ ହୋଇଥାଏ । ଯେମିତି ମାନବୀୟ ପର୍ଯ୍ୟଟନର ନୂତନ ରୂପେ ପ୍ରତିସ୍ଥାପନ ଉଭୟ ଆଗନ୍ତୁକ ପର୍ଯ୍ୟଟକ ଏବଂ ଅତିଥି ସତ୍କାର କରୁଥିବା ଗୋଷ୍ଠୀଦ୍ୱାରା ଆଦୃତ ହୋଇଥାଏ । କ୍ଷେତ୍ରୀୟ ପର୍ଯ୍ୟଟନକୁ ପୂର୍ଣ୍ଣତା ହାସଲ କରିବାକୁ କେବେହେଲେ ଦିଆଯିବା ଉଚିତ୍ ନୁହେଁ । ଏହା ନବ ପ୍ରବର୍ତ୍ତିତ ନୀତିର ସାରମର୍ମ । ଅନ୍ୟଥା ଏକ ନିର୍ଦ୍ଦିଷ୍ଟ ପର୍ଯ୍ୟଟନସ୍ଥଳ ମୃତପ୍ରାୟ ହୋଇଯିବ ।

## ପାଠାନ୍ତ ପ୍ରଶ୍ନ :

୧. ନିମ୍ନଲିଖିତ ଗୁଡ଼ିକର ସଂକ୍ଷିପ୍ତ ଉତ୍ତର ଲେଖ ।

(କ) ପର୍ଯ୍ୟଟନ ଦ୍ୱାରା ସୃଷ୍ଟ ରୋଜଗାର କୃଷି ଏବଂ ଶିଳ୍ପକ୍ଷେତ୍ରରେ ରୋଜଗାର ତୁଳନାରେ ଅଧିକ ପସନ୍ଦଯୋଗ୍ୟ ହୋଇଥାଏ କାହିଁକି ?

(ଖ) ଅତିଥି ପର୍ଯ୍ୟଟକ ଏବଂ ଆତିଥ୍ୟ ପ୍ରଦାନକାରୀ ଗୋଷ୍ଠୀ ମଧ୍ୟରେ ହେଉଥିବା ତିନିପ୍ରକାର ସଂଘା ସମ୍ବନ୍ଧରେ ସଂକ୍ଷେପରେ ବୁଝାଅ ।

(ଗ) ପର୍ଯ୍ୟଟନ ସ୍ୱଳ୍ପ ବିକଶିତ ଅଞ୍ଚଳରୁ ଲୋକମାନଙ୍କର ସ୍ଥାନାନ୍ତରଣ କିପରି ରୋକିଥାଏ ?

୨. ନିମ୍ନଲିଖିତ ଗୁଡ଼ିକ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।

(କ) ଅଦୃଶ୍ୟ ଏବଂ ଦୃଶ୍ୟମାନ ରପ୍ତାନି

(ଖ) ପୋଷଣୀୟ ପର୍ଯ୍ୟଟନ ଏବଂ ପାରିସ୍ଥାତିକୀ ପର୍ଯ୍ୟଟନ

୩. ଭାରତକୁ ପର୍ଯ୍ୟଟକ ମାନଙ୍କରେ ଆଗମନ ବୃଦ୍ଧି ନିମନ୍ତେ ଆବଶ୍ୟକ ପାଞ୍ଚଟି ମୁଖ୍ୟ ପ୍ରସଙ୍ଗ ଉଲ୍ଲେଖ କର ।

୪. ନିମ୍ନଲିଖିତ ତଥ୍ୟଟିକୁ ଆଲୋଚନା କର ।

'ପର୍ଯ୍ୟଟନ ନିଜର ଚାହିଦା ନିଜେ ସୃଷ୍ଟିକରେ ଏବଂ ଏଥିସଂଗେ ସଂଗେ ଅନ୍ୟ ଉଦ୍ୟୋଗ ନିମନ୍ତେ ବଜାର ପ୍ରଦାନ କରିଥାଏ ।'

୫. ପର୍ଯ୍ୟଟନ ପାଇଁ ଭ୍ରମଣ ଭିତ୍ତିଭୂମିର କି ମହତ୍ତ୍ୱ ଅଛି ?

୬. ନିମ୍ନଲିଖିତ ଉକ୍ତି ଗୁଡ଼ିକର ବ୍ୟାଖ୍ୟା କର ।

(କ) ଦେଶୀ ପର୍ଯ୍ୟଟନ ବଜାର ନଗଦ କାରାବାର ପାଇଁ ସର୍ବଦା ପ୍ରସ୍ତୁତ ଥାଏ ।

(ଖ) ପର୍ଯ୍ୟଟନ ଉଦ୍ୟୋଗ ଗୁଡ଼ିକର ସମାହାର

୭. ସୁନାମି କିପରି ଆମର ବେଳାଭୂମି ପର୍ଯ୍ୟଟନକୁ ସଂପୂର୍ଣ୍ଣ ରୂପେ ଧ୍ୱଂସ କରିଦେଇଥିଲା ତାହାର ସ୍ୱଷ୍ଟ ରୂପେ ବୁଝାଅ ।

୮. ବିକଶିତ ପର୍ଯ୍ୟଟନ କ୍ଷେତ୍ର ଏବଂ ସ୍ୱଳ୍ପ ବିକଶିତ ପର୍ଯ୍ୟଟନ କ୍ଷେତ୍ରର ଗୋଟିଏ ଗୋଟିଏ ଉଦାହରଣ ଦିଅ ।

୯. ନିମ୍ନଲିଖିତ ଗୁଡ଼ିକର ଗୋଟିଏ ଗୋଟିଏ ବାକ୍ୟରେ ସଂଜ୍ଞା ଲେଖ ।

(କ) ଏକକ ପଥ (ଏକ ମୁଖି) ପର୍ଯ୍ୟଟନ

(ଖ) ହାଟ ପର୍ଯ୍ୟଟନ

(ଗ) ଗ୍ରାମୀଣ ପର୍ଯ୍ୟଟନ

(ଘ) ମାନବୀୟ ପର୍ଯ୍ୟଟନ

(ଙ) କ୍ଷେତ୍ର ଚୟନାତ୍ମକ ପର୍ଯ୍ୟଟନ

ଟିପ୍ପଣୀ

## ପାଠ୍ୟ ପ୍ରଶ୍ନାବଳୀର ଉତ୍ତର :

### ୩୨.୧

୧. ଅନୁଚ୍ଛେଦ ୩୨.୨କୁ ଦେଖ ।

୨. ୨୦୦୪ର ପରିସଂଖ୍ୟାନ ସମଗ୍ର ବିଶ୍ୱ ପର୍ଯ୍ୟଟକ ସଂଖ୍ୟାର ମାତ୍ର ଅଧା ୫ ପ୍ରତିଶତ । ୨୦୦୪ରେ ଥାଇଲାଣ୍ଡ ଏବଂ ମାଲୟେସିଆକୁ ଆସିଥିବା ପର୍ଯ୍ୟଟକ ସଂଖ୍ୟାର ଏକ ତୃତୀୟାଂଶ, ୨୫ ପ୍ରତିଶତ ପାକିସ୍ତାନରୁ ଓ ବାଂଲାଦେଶରୁ ଆସିଥିଲେ ଯେଉଁମାନେ ସେମାନଙ୍କର ସଂପର୍କୀୟମାନଙ୍କ ସହ ରହୁଥିଲେ ।

### ୩୨.୨

୧. (କ) ପର୍ଯ୍ୟଟନ ମାନଙ୍କ ପାଇଁ ଅତିଥି ସେବା

(ଖ) ହୋଟେଲରେ ଦୀର୍ଘକାଳୀନ ରହଣୀ ନିମନ୍ତେ ବ୍ୟୟ ।

୨. ଅର୍ନ୍ତରାଷ୍ଟ୍ରୀୟ ପର୍ଯ୍ୟଟନ

୩. ପର୍ଯ୍ୟଟନ ଦ୍ୱାରା ଅଧିକ ପଇସା ଏବଂ ବୈଭବ ବୃଦ୍ଧି, ଉତ୍ତମ ସ୍କୁଲ ଏବଂ ହସପିଟାଲ୍ ଖୋଲିବା ଏବଂ ମହିଳାମାନଙ୍କୁ ସାମାଜିକ ସ୍ୱାଧୀନା ପ୍ରଦାନ କରିବା ।

୪. ସମୁଦ୍ରତଟସ୍ଥ ବାଲୁକାରାଶି, ବରଫ, ଉଚ୍ଚ ପର୍ବତ ଶିଖରରେ ସୂର୍ଯ୍ୟକିରଣ ଓ ଗାଁର ସବୁଜିମା

୫. କାରଣ ଏହା ଆଗନ୍ତୁକ ପର୍ଯ୍ୟଟକ ମାନଙ୍କ ଦ୍ୱାରା ପ୍ରତ୍ୟାଶିତ ଆବଶ୍ୟକୀୟ ସେବା ପ୍ରଦାନ କରିଥାଏ ।

୬. ପ୍ରାଚୀନ ସ୍ମାରକୀ, ସ୍ୱାଧୀନତା ପରବର୍ତ୍ତୀ କାଳରେ ସାର୍ବଜନୀନ ନିର୍ମାଣ, ୩୦୦୦ ମ୍ୟୁଜିୟମ ବା ଚିତ୍ରକଳା/ କଳାତ୍ମକ ବସ୍ତୁର ପ୍ରଦର୍ଶନୀ

### ୩୨.୩

୧.(କ) ନିଜର ସ୍ତ୍ରୀ ସମେତ ବିଦେଶୀ ପର୍ଯ୍ୟଟକମାନଙ୍କ ସହିତ ରହିବା ଏବଂ ସ୍ୱଚ୍ଛନ୍ଦ ଭ୍ରମଣ ଏପରି ପାଗଳାମି ଆମର ସଂସ୍କୃତି ସହିତ ସାମଞ୍ଜସ୍ୟ ରଖେ ନାହିଁ ।

(ଖ) ଯେଉଁଠି ଆବଶ୍ୟକ ସେଠାରେ ନିଜର ମର୍ଯ୍ୟାଦା ପାଳନ କରିବାକୁ ଅକ୍ଷମ

(ଗ) ସ୍ଥାନୀୟ ଯୁବଗୋଷ୍ଠୀ କେବଳ ଆନନ୍ଦ ପାଇବା ପାଇଁ ପଇସା ଖର୍ଚ୍ଚ କରିବାର ଅନୁକରଣ କରେ । ଏହା ଶେଷରେ ତାକୁ ନିଜ ସଂସ୍କୃତିରୁ ଦୂରେଇ ଦିଏ ।

୨. ଅନୁଚ୍ଛେଦ ୩୨.୬ (କ) ଦେଖ ।

୩. ମନ୍ଦିରର ଅତି ନିକଟରେ ବିମାନ ବନ୍ଦରରୁ ଉଡ଼ାଜାହାଜର ଅବତରଣ ଏବଂ ଉଡ୍ଡୟନରୁ ଜାତ କମ୍ପନ ।

୪. ଅନୁଚ୍ଛେଦ ୩୨.୬ (କ) ଦେଖ ।

## ୩୨.୪

୧. (କ) ଅନୁଚ୍ଛେଦ ୩୨.୭ ଦେଖ ।
(ଖ) ଅନୁଚ୍ଛେଦ ୩୨.୭ ଦେଖ ।
(ଗ) ଅନୁଚ୍ଛେଦ ୩୨.୭ ଦେଖ ।
୨. (କ) ଅନୁଚ୍ଛେଦ ୩୨.୭ ଦେଖ ।
(ଖ) ଅନୁଚ୍ଛେଦ ୩୨.୭ ଦେଖ ।

## ୩୨.୫

୧. (କ) ରାଜସ୍ଥାନ ଏବଂ ଗୁଜୁରାଟ୍
(ଖ) କେରଳ ଏବଂ ତାମିଲନାଡୁ
(ଗ) ହିମାଚଳ ପ୍ରଦେଶ, ଜାମ୍ମୁ ଓ କାଶ୍ମୀର ଏବଂ ଉତ୍ତରାଖଣ୍ଡ
୨. (କ) ଅନୁଚ୍ଛେଦ ୩୨.୯ (ଖ) ର ଭାଗ (ii) ଦେଖ ।
(ଖ) ଅନୁଚ୍ଛେଦ ୩୨.୯ (ଖ) ର ଭାଗ (v) ଦେଖ ।
(ଗ) ଅନୁଚ୍ଛେଦ ୩୨.୯ (ଖ) ର ଭାଗ (vii) ଦେଖ ।
୩. ଅନୁଚ୍ଛେଦ ୩୨.୮ (କ) ଦେଖ
୪. ଅନୁଚ୍ଛେଦ ୩୨.୯ ଦେଖ ।

## ପାଠାନ୍ତ ପ୍ରଶ୍ନାବଳୀ ସୂଚନା :

୧. (କ) ଅନୁଚ୍ଛେଦ ୩୨.୩ ଦେଖ ।
(ଖ) ଅନୁଚ୍ଛେଦ ୩୨.୬ (ଗ) ଭାଗ (i) ରୁ (iii) ଦେଖ ।
(ଗ) ଅନୁଚ୍ଛେଦ ୩୨.୫ ଦେଖ ।
୨. (କ) ଅନୁଚ୍ଛେଦ ୩୨.୪ ଦେଖ ।
(ଖ) ଅନୁଚ୍ଛେଦ ୩୨.୯ (ଖ) ଦେଖ ।
୩. ବିମାନ ଓ ରେଳଯାତ୍ରା ସେବାର ବ୍ୟବସ୍ଥା, ପର୍ଯ୍ୟଟକଙ୍କର ରୁଚି ଅନୁସାରେ ସବୁସ୍ଥାନରେ ଅଟ୍ଟାଳିକା ବା ଆଗକୁ ଯାତ୍ରା ଆରମ୍ଭ କରିବାର ବ୍ୟବସ୍ଥା କରିବା, ଯାତ୍ରୀମାନଙ୍କର ବିଭିନ୍ନ ଶ୍ରେଣୀ ପାଇଁ ଭଡ଼ାରେ ରିହାତି ଦେବା । ସରକିଟ୍ ପର୍ଯ୍ୟଟନ ବ୍ୟବସ୍ଥାର ସମ୍ଭାବନା, ଯାତ୍ରାକାଳୀନ ପର୍ଯ୍ୟଟନ ସ୍ଥଳ ଏବଂ ହୋଟେଲରେ ଅତିଥି ସତ୍କାର ସେବା ପ୍ରଦାନ କରିବାପାଇଁ ପେଶାଦାର ମଧ୍ୟସ୍ଥି ବ୍ୟବସ୍ଥା, ବିବିଧ ପ୍ରକାର ନବ ପ୍ରବର୍ତ୍ତନୀୟ ପର୍ଯ୍ୟଟନ ବିକାଶ ଏବଂ ପର୍ଯ୍ୟଟକ ସ୍ଥଳରେ ବିଭିନ୍ନ ଆକର୍ଷଣର ସୁଲଭତା ।
୪. ଅନୁଚ୍ଛେଦ ୩୨.୩ ଏବଂ ଅନୁଚ୍ଛେଦ ୩୨.୪ ଦେଖ ।
୫. ଅନୁଚ୍ଛେଦ ୩୨.୩ ଏବଂ ୩୨.୭ (ଖ) ଦେଖ । ଅନୁଚ୍ଛେଦ ୩୨.୮ (କ)ର 1-2 ପାରା ଦେଖ ଏବଂ ନିମ୍ନଲିଖିତ ପଂକ୍ତିଗୁଡ଼ିକ ସାମିଲ କର । ଜିନିଷପତ୍ରର ଶୀଘ୍ର ଖଲାସ ଏବଂ ବିମାନ ବନ୍ଦରରେ ଆଇନ୍ ସମ୍ବନ୍ଧୀୟ ସମସ୍ତ ଔପଚାରିକାର ସରଳୀକରଣ ଯେମିତି ଭିସା ବା ଯାତ୍ରୀମାନଙ୍କର ପ୍ରବାସ/ ଅପ୍ରବାସ ଇତ୍ୟାଦି । ଏସବୁ ସହାୟତା ଅଯଥା ହଇରାଣରୁ ବଞ୍ଚାଇଥାଏ ।
୬. (କ) ଅନୁଚ୍ଛେଦ ୩୨.୧ ଏବଂ ଅନୁଚ୍ଛେଦ ୩୨.୩ ଦେଖ ।
(ଖ) ଅନୁଚ୍ଛେଦ ୩୨.୩ ଦେଖ ।
୭. ଅନୁଚ୍ଛେଦ ୩୨.୮ (ଗ) ଦେଖ ।



ଟିପ୍ପଣୀ

୮. ଅନୁଚ୍ଛେଦ ୩୨.୮ (ଖ) ଦେଖ ।

୯.(କ) ଅନୁଚ୍ଛେଦ ୩୨.୯ (ଖ) ଦେଖ ।

(ଖ) ଅନୁଚ୍ଛେଦ ୩୨.୯ (ଖ) ର ଭାଗ (v) ଦେଖ ।

(ଗ) ଅନୁଚ୍ଛେଦ ୩୨.୯ (ଖ) ର ଭାଗ (i) ଦେଖ ।

(ଘ) ଅନୁଚ୍ଛେଦ ୩୨.୯ (ଖ) ର ଭାଗ (vii) ଦେଖ ।

(ଙ) ଅନୁଚ୍ଛେଦ ୩୨.୯ (କ) ଦେଖ ।

ଟିପ୍ପଣୀ

## ଅଭ୍ୟାସ ପ୍ରଶ୍ନ

୧. ସ୍ଥାନୀୟ କ୍ଷେତ୍ର ଯୋଜନାର ଆବଶ୍ୟକତା କ'ଣ ?

୨. ଚତୁର୍ଥ ପଞ୍ଚବାର୍ଷିକ ଯୋଜନା କାଳରେ ବିଶେଷ ରୂପେ କାହାର ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା ?

୩. ଯୋଜନାର ଯେକୌଣସି ଦୁଇଟି ଆଧାର ଉଲ୍ଲେଖ କର ।

୪. ରେଖା ମାନଚିତ୍ରର ସଂଜ୍ଞା ଲେଖ । କ୍ଷେତ୍ର ସର୍ବେକ୍ଷଣରେ ଏହାର ମହତ୍ତ୍ୱ ଉଲ୍ଲେଖ କର ।

୫. ସ୍ଥାନୀୟ କ୍ଷେତ୍ରର ଯୋଜନା ପ୍ରସ୍ତୁତି ନିମନ୍ତେ ଯେକୌଣସି ପ୍ରଧାନ ଆଲୋଚ୍ୟ ବିଷୟର ସୂଚନା ଦିଅ ।

୬. 'ର୍ୟାଣ୍ଡମ୍ ସାମ୍ପଲିଂ' କହିଲେ କ'ଣ ବୁଝାଯାଏ ? ଦୁଇ ପ୍ରକାର ର୍ୟାଣ୍ଡମ ସାମ୍ପଲିଂର ବ୍ୟାଖ୍ୟା କର ।

୭. ପରିସଂଖ୍ୟାନ ଗୁଡ଼ିକ କିପରି ଦର୍ଶାଯାଏ । ଡ଼େଟା ପ୍ରଦର୍ଶନର 'ଡେଟା' ଦୁଇଟି ଉପାୟ ବ୍ୟାଖ୍ୟା କର ।

୮. ମାନଚିତ୍ର ଅଙ୍କନ କରିବା ପାଇଁ କେଉଁ କେଉଁ କାରକ ଗୁଡ଼ିକ ଉପରେ ଧ୍ୟାନଦେବା ଆବଶ୍ୟକ ? ସେଗୁଡ଼ିକର ନାମ ଲେଖ ।

୯. ପାର୍ବତ୍ୟ କ୍ଷେତ୍ରର ସମସ୍ୟା ବିଷୟରେ ଜାଣିବାପାଇଁ କେସ୍ ଷ୍ଟଡ଼ିର ଗୁରୁତ୍ୱ କ'ଣ ? ପାର୍ବତ୍ୟାଞ୍ଚଳ ବିକାଶ ଯୋଜନାରେ ଗୁରୁତ୍ୱ ଦିଆଯାଉଥିବା ଚାରୋଟି ପ୍ରାଥମିକତା ସମ୍ବନ୍ଧରେ ଆଲୋଚନା କର ।

୧୦. ପରିସଂଖ୍ୟାନ ବିଶ୍ଳେଷଣର ତାତ୍ପର୍ଯ୍ୟ କ'ଣ ? ପରିସଂଖ୍ୟାନ ବିଶ୍ଳେଷଣ କରିବା ନିମନ୍ତେ ଧ୍ୟାନ ଦିଆ ଯାଉଥିବା ଯେକୌଣସି ପାଞ୍ଚଟି ବିଷୟର ବ୍ୟାଖ୍ୟା କର ।

୧୧. ପର୍ଯ୍ୟଟନ ଧାରଣାର ସଂଜ୍ଞା ଲେଖ ।

୧୨. ପର୍ଯ୍ୟଟନ ଦ୍ୱାରା ରପ୍ତାନି ହେଉଥିବା ଦୁଇଟି ଅଦୃଶ୍ୟ ଉତ୍ପାଦର ନାମ ଲେଖ ।

୧୩. ଭାରତର ଦୁଇ ପ୍ରକାର ପର୍ଯ୍ୟଟନର ବ୍ୟାଖ୍ୟା କର ।

୧୪. ଭାରତରେ ପାରିସ୍ଥିତିକି ପର୍ଯ୍ୟଟନର ଦୁଇଟି ସ୍ଥାନ ଉଲ୍ଲେଖ କର ।

୧୫. ସ୍ଥାନୀୟ ସଂସ୍କୃତି ଉପରେ ପର୍ଯ୍ୟଟନର ଦୁଇଟି ପ୍ରଭାବ ଆଲୋଚନା କର ।

୧୬. ନବପ୍ରବର୍ତ୍ତନୀୟ (ଇନୋଭେଟିଭ୍) ପର୍ଯ୍ୟଟନ କ'ଣ ? ଏହାର ଯେକୌଣସି ତିନିଟି ରୂପ ସମ୍ବନ୍ଧରେ ଆଲୋଚନା କର ।

୧୭. "ଜଣେ ପ୍ରଭାବଶାଳୀ ଟୁର୍ ଗାଇଡ଼ର କ୍ଷେତ୍ରୀୟ ଭୂଗୋଳ ଉପରେ ଯଥେଷ୍ଟ ଜ୍ଞାନ ଥିବା ଆବଶ୍ୟକ" । ଏହି ଉକ୍ତିର ସପକ୍ଷରେ ଯେକୌଣସି ଚାରୋଟି ଯୁକ୍ତି ଉଲ୍ଲେଖ କର ।

୧୮. ଭାରତରେ ଦେଶୀ ପର୍ଯ୍ୟଟନ ଗତିଶୀଳ କରିବାପାଇଁ ଯେ କୌଣସି ଚାରିଟି ଉପାୟ ଉଲ୍ଲେଖ କର ।

୧୯. 'ପାରିସ୍ଥିତିକି ପର୍ଯ୍ୟଟନ ପୋଷଣୀୟ ପର୍ଯ୍ୟଟନର ମୁଖ୍ୟ ଅଂଶ' ଉଦାହରଣ ସହ ଏହି ଉକ୍ତିର ଆଲୋଚନା କର ।

# ପ୍ରଶ୍ନପତ୍ରର ପ୍ରତିରୂପ (ନମୂନା)

**ବିଷୟ : ଭୂଗୋଳ (ସୈଦ୍ଧାନ୍ତିକ)** **ଶ୍ରେଣୀ : ଉଚ୍ଚ ମାଧ୍ୟମିକ** **ସମୟ : ୩ ଘଣ୍ଟା**

**ପ୍ରଶ୍ନ ପତ୍ର : ଏକ** **ପୂର୍ଣ୍ଣଙ୍କ : 80**

**ଉଦ୍ଦେଶ୍ୟାନୁସାରେ ମାର୍କ ବିଭାଜନ**

| ଉଦ୍ଦେଶ୍ୟ | ଜ୍ଞାନ (K) | ବୋଧ (U) | ପ୍ରୟୋଗାତ୍ମକ (A) | ମୋଟ୍ |
|---|---|---|---|---|
| ମାର୍କ ପ୍ରତିଶତ | 35% | 45% | 20% | 100% |

**ପ୍ରଶ୍ନର ପ୍ରକାରାନୁସାରେ ମାର୍କ (ନମ୍ବର) ଆବଣ୍ଟନ**

**ମୋଟ ପ୍ରଶ୍ନ ସଂଖ୍ୟା = 24** ( କେନ୍ଦ୍ରିକ 20 + ବୈକଳ୍ପିକ 4 )

| **ପ୍ରଶ୍ନର ପ୍ରକାର ଭେଦ** | ଦୀର୍ଘ ଉତ୍ତରମୂଳକ | ସ୍ୱଳ୍ପ ଉତ୍ତରମୂଳକ | ଅତ୍ୟଳ୍ପ ଉତ୍ତରମୂଳକ | ବସ୍ତୁନିଷ୍ଠ |
|---|---|---|---|---|
| | 6 | 4 | 2 | 1 |

**ନମ୍ବର ଆବଣ୍ଟନ ( ମୋଟ୍ - 80 )**

| **କେନ୍ଦ୍ରିକ ମୋଡ୍ୟୁଲ୍** | **ବୈକଳ୍ପିକ ପ୍ରଶ୍ନ** | **ସମୟ ନିର୍ଦ୍ଧାରଣ** | |
|---|---|---|---|
| ଏକ ନମ୍ବରିଆ – 4 = 1 × 4 = 04 | 2 × 2 = 4 | ମୋଟ୍ ସମୟ | 180 ମିନିଟ୍ |
| ଦୁଇ ନମ୍ବର ବିଶିଷ୍ଟ -5 = 2× 5 = 10 | 4 × 2 = 8 | ଦୀର୍ଘ ଉତ୍ତରମୂଳକ (6) | 60 ମିନିଟ୍ |
| ଚାରି ନମ୍ବର ବିଶିଷ୍ଟ -4 = 4 ×4 = 16 | 4 = 12 | ସଂକ୍ଷିପ୍ତ ଉତ୍ତରମୂଳକ (4) | 48 ମିନିଟ୍ |
| ଛଅ ନମ୍ବର ବିଶିଷ୍ଟ -5 = 6 ×5 =30 | | ଅତି ସଂକ୍ଷିପ୍ତ ଉତ୍ତରମୂଳକ (2) | 32 ମିନିଟ୍ |
| ମାନଚିତ୍ର - 4 = 4 ×2 = 8 | | ବସ୍ତୁନିଷ୍ଠ ପ୍ରଶ୍ନ (1) | 08 ମିନିଟ୍ |
| 20 = 68 | | ମାନଚିତ୍ର (4) | 16 ମିନିଟ୍ |
| | | ସଂଶୋଧନ ଏବଂ ପୁନଃପଠନ | 16 ମିନିଟ୍ |
| | | | 180 ମିନିଟ୍ |

**ବିଷୟ ଅନୁସାରେ ନମ୍ବର ଆବଣ୍ଟନ**

| | | |
|---|---|---|
| ୧. | ଭୂଗୋଳ ବିଷୟ ଅଧ୍ୟୟନ | 04 |
| ୨. | ପୃଥିବୀର ପରିବର୍ତ୍ତନୀ ରୂପ | 10 |
| ୩. | ବାରିମଣ୍ଡଳ | 04 |
| ୪. | ବାୟୁମଣ୍ଡଳ | 10 |
| ୫. | ଜୈବମଣ୍ଡଳ | 06 |
| ୬. | ଭାରତର ପ୍ରାକୃତିକ ଗଠନ | 08 |
| ୭. | ଭାରତ ପ୍ରାକୃତିକ ସମ୍ବଳ ଓ ତା'ର ବିକାଶ | 09 |
| ୮. | ଭାରତର ଅର୍ଥନୀତିକ କାର୍ଯ୍ୟକଳାପ ଏବଂ ଭିତ୍ତିଭୂମିର ବିକାଶ | 09 |
| ୯. | ଭାରତର ମାନବ ସମ୍ବଳ | 08 |
| | | 68 |

| ବୈକଳ୍ପିକ ମୋଡ୍ୟୁଲ୍ | ନମ୍ବର |
|---|---|
| 10- A ସ୍ଥାନୀୟ କ୍ଷେତ୍ରୀୟ ଯୋଜନା | 12 |
| 10- B ଭାରତରେ ପର୍ଯ୍ୟଟନ ଭୂଗୋଳ | 12 |